# ଆଦିପୁସ୍ତକ ଉପରେ ପ୍ରଶ୍ନୋତ୍ତର

ବର୍ତ୍ତମାନ, ଯଦି କାହାର କିଛି ପ୍ରଶ୍ନ ଅଛି ଯାହାକୁ ସେମାନେ ଦେବାକୁ ଚାହୁଁଛନ୍ତି, କାହିଁକି, ସେଗୁଡିକୁ କେବଳ ଉପରକୁ ପହଞ୍ଚାଇ ଦିଅନ୍ତୁ, କୌଣସି ପିଲା ସେଗୁଡିକ ଆଣିଦେଉ କିମ୍ବା ଆପଣ ଯେପରି ଭାବରେ ଚାହାଁନ୍ତି। କିମ୍ବା, ହୋଇପାରେ, ଯଦି ଆମେ ଯାଉ…ମୋ—ମୋ ପାଖରେ ଏଠାରେ ଗୋଟିଏ ପୃଷ୍ଠାରେ ପ୍ରାୟଃ ଛଅଟି ଅଛି, ଏବଂ ତାହାପରେ ଏଠାରେ, ତାହାପରେ ସେଠାରେ ଆମ ପାଖରେ ଦୁଇଟି ଅଛି।

2 ବର୍ତ୍ତମାନ, ଆମେ…ଆମେ ଜାଣିବାକୁ ଚାହୁଁ। ଆମେ ଏହା କରିବାର କାରଣ ହେଉଛି ଏହା ଜାଣିବା ଯେ ଲୋକଙ୍କ ମନ ଭିତରେ କଅଣ ଅଛି, ସେମାନେ କଅଣ ଚିନ୍ତା କରୁଛନ୍ତି। ବୁଝିଲେ? ଏବଂ ତାହା ହିଁ ଅଟେ ଯାହାକି ଏକ ଉତ୍ତମ, ଶକ୍ତିଶାଳୀ ମଣ୍ଡଳୀକୁ ଗଢି ତୋଳିଥାଏ। ଆପଣଙ୍କ ପାଖରେ ତ ସେହି—ସେହି ସମୟ ରହିବା କଥା, ଠିକ୍ ଯେପରିକି ଆପଣଙ୍କୁ ଭାଲୁ କଣ୍ଟାଗୁଡିକ ବାହାର କରିବାକୁ ପଡିଥାଏ, ଆପଣ ଜାଣନ୍ତି, ଏବଂ ସବୁକିଛି, ସେହି—ସେହି ସମସ୍ତ ବିଷୟଗୁଡ଼ିକୁ ମାର୍ଗରୁ ବାହାର କରି ଦେବାକୁ ଥାଏ ଯେପରିକି ଆପଣ ସ୍ଥିର ଭାବରେ ଗମନ କରିପାରନ୍ତି। ତେଣୁକରି ବର୍ତ୍ତମାନ ତାହାହିଁ କାରଣ ଅଟେ ଯେ କଦା ଏକଦା ଥରେ ଆମର ପ୍ରଶ୍ନ ରାତି ହୁଏ, ଯେ ଖୋଜି ଜାଣିପାରିବା।

3 ବର୍ତ୍ତମାନ, ଯଦି ସେଠାରେ ଏପରି କିଛି ପ୍ରଶ୍ନ ଅଛି ଯାହାକି…ତେବେ, ଏଥର ମୁଁ ଏହାକୁ ଏକ ପ୍ରକାର, ଚୌଡା ଭାବରେ ଖୋଲିଲି। ଏବଂ ମୁଁ କହିଲି…ବର୍ତ୍ତମାନ, ଏପରି ଥିଲା ଯେ ମୁଁ କହୁଥିଲି, “ତେବେ, ଯଦି କେହି…ଶାସ୍ତ୍ର ସହିତ—ସହିତ ସମ୍ବନ୍ଧିତ ଯାହା କିଛି ବି ଅଛି; ଉତ୍ତର ଦେବି। ଏହାକୁ ପଚାରନ୍ତୁ।” (ଭାଇ, ଧନ୍ୟବାଦ।) ଏବଂ ମୁଁ କହିଲି, “ଶାସ୍ତ୍ର ସହିତ ସମ୍ବନ୍ଧିତ ଯାହା କିଛି ବି ଅଛି; ଉତ୍ତର ଦେବି।” ଦେଖନ୍ତୁ, ଏବଂ ଆମେ ଏହାର ଉତ୍ତର ଦେଇଥାଉ। କିନ୍ତୁ ଆଜି ରାତି ମୁଁ କହିଲି…

4 ଆପଣ ଜାଣନ୍ତି, ତାହାପରେ ସେମାନେ ଆଖପାଖକୁ ଆସନ୍ତି, ସେମାନେ କୁହନ୍ତି, “ଭାଇ ବିଲ୍,” ମୋତେ ଏକ ପ୍ରଶ୍ନ ପଚାରନ୍ତି, “କଅଣ ଆପଣ ଭାବୁଛନ୍ତି ଯଦି—ଯଦି—ଯଦି *ଅମୁକ-ଓ-ଅମୁକ* ଏକ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* କାର୍ଯ୍ୟ କରିଥିଲେ, ତାହା ଖ୍ରୀଷ୍ଟିଆନ ଧର୍ମ ଅଟେ କି?”

5 ତେବେ, ତାହା ତ କାହାରି ଉପରେ କିଛି ବିଷୟ ଲଦି ଦେବା ପରି ଅଟେ। କିନ୍ତୁ ମୁଁ କହିଲି, “ସେମାନଙ୍କୁ ତାହା ଆଜି ରାତି କରିବାକୁ ଦିଅନ୍ତୁ।” ଦେଖନ୍ତୁ, ତାହା ଠିକ୍ ଅଟେ। ତେଣୁକରି ଆମେ ଯେପରି ଏହା ଜାଣିପାରୁ ଯେ ସେଠାରେ କୌଣସି ବିଷୟ ବାଧ୍ୟତା ଭାବେ ଲଦା ଯାଉଅଛି କି ନାହିଁ।

6 ଓଃ, ମୁଁ—ମୁଁ—ମୁଁ ଆଜି ରାତି ବାସ୍ତବରେ ଭଲ ଅନୁଭବ କରୁଛି। ଦ୍ୱିପହର ସାରା, ଗରମ ଖରାରେ ଘାସ କାଟିଲି, ତେଣୁ ମୁଁ ବାସ୍ତବରେ ଭଲ ଅନୁଭବ କରୁଛି।

7 ଆମର ଖୁବ୍ ଅତି ଶୀଘ୍ର ଏକ—ଏକ ଛୋଟ ସଭା ଆସୁଅଛି, ଭୁଲିବେ ନାହିଁ । ଅଗଷ୍ଟ ତେଇ-ଶି ତାରିଖ, ଚିକାଗୋର ଷ୍ଟାଡିୟମରେ, ସେପ୍ଟେମ୍ବର ପାଞ୍ଚ ତାରିଖ ପର୍ଯ୍ୟନ୍ତ । ସେଠାରେ ପ୍ରଭୁଙ୍କଠାରେ ଏକ ମହାନ ସମୟକୁ ଆଶା କରୁଛୁ । ଏବଂ ଏହା ବର୍ତ୍ତମାନ ସର୍ବତ୍ର ବିଜ୍ଞାପନରେ ଦିଆଯାଇଛି, ଏବଂ ବିଭିନ୍ନ ଖବରକାଗଜ ଏହାକୁ ଲେଖୁଛନ୍ତି । ଏବଂ ଆମେ ଏକ ମହାନ ସମୟକୁ ଆଶା କରୁଛୁ ।

8 ତେବେ, ଏଠାରେ ମୋ ପାଖରେ ଗୋଟିଏ ପୃଷ୍ଠାରେ, ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ ଅଛି । ଏବଂ ଏହା ସମସ୍ତ କିଛି ସେହି ସମାନ ବିଷୟ ସହିତ ଜଡିତ ଅଟେ, ପଛରେ ଆଦି ପୁସ୍ତକ ସହିତରେ—ରେ ।

9 ତେବେ, ପ୍ରଥମ ହେଉଛି ଆଦିପୁସ୍ତକ 1:26, କିମ୍ବା 1:26 ରୁ 28, ଯେଉଁଠାରେକି ସେହି—ସେହି ବ୍ୟକ୍ତି...ସେମାନେ ପଚାରିଥିଲେ ଯେ ତାହା କଅଣ ହେବ । ଯାହା—ଯାହା ଏହି ପ୍ରଶ୍ନ...ମୋର କହିବାର ଅର୍ଥ, ପ୍ରଶ୍ନରେ ପଚରାଯାଇଥିଲା, ମୋତେ କ୍ଷମା କରନ୍ତୁ । ଏବଂ ଆମେ ତାହା ପ୍ରଥମେ ପଢ଼ିବାକୁ ଚାହୁଁ । ଏବଂ ବର୍ତ୍ତମାନ, ସେମାନେ ତାହାକୁ ଏଠାରେ ଲେଖି ରଖିଛନ୍ତି । ଯଦି ଆପଣ ଏହାକୁ ଠିକ୍ ପଛରେ ଦେଖିବାକୁ ଚାହାଁନ୍ତି, ତେବେ ଏହା ଠିକ୍ ଅଟେ । କହିଲେ, "ପରମେଶ୍ୱର ମନୁଷ୍ୟକୁ ସୃଷ୍ଟି କଲେ, ପୁରୁଷ ଓ ସ୍ତ୍ରୀ କରି ସେମାନଙ୍କୁ ସୃଷ୍ଟି କଲେ ।" ବୁଝିଲେ? ଏବଂ ତାହାପରେ ପରବର୍ତ୍ତୀଟାରେ ତାଙ୍କର ଆଦିପୁସ୍ତକ ରହିଛି, କିମ୍ବା, ପୁରୁଷ କିମ୍ବା ସ୍ତ୍ରୀ, ଜଣଙ୍କର, ଆଦିପୁସ୍ତକ 2:7 ରହିଛି, "ସେ ମନୁଷ୍ୟକୁ ପୃଥିବୀର ଧୂଳିରୁ ନିର୍ମାଣ କଲେ ।" ତାହା ଅନ୍ୟ ଏକ ସ୍ଥାନ ଅଟେ । ମୁଁ ସେସବୁ ପାଠ କରିବି, ଯେଣୁ ଆମେ ସେଗୁଡ଼ିକୁ ଏଠାରେ ଏକତ୍ର କରିପାରିବା ଯେପରିକି ଆପଣ ଦେଖିପାରନ୍ତି । ତେବେ ପ୍ରଥମଟି, ଏହାର ପ୍ରଥମ ପର୍ଯ୍ୟାୟ ହେଉଛି, ବର୍ତ୍ତମାନ କୁହେ:

1. **"ପରମେଶ୍ୱର ମନୁଷ୍ୟକୁ ସୃଷ୍ଟି କଲେ, ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କଲେ । ମନୁଷ୍ୟକୁ ସୃଷ୍ଟି କଲେ, ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କଲେ ।"** ତେବେ ତାହା, ମୁଁ ଭାବୁଛି ଯେ, ପ୍ରଥମ ବିନ୍ଦୁ ଅଟେ । **ବର୍ତ୍ତମାନ ଆଦିପୁସ୍ତକ 2:7 ରେ, ଏହା କହେ, "ସେ ନିର୍ମାଣ କଲେ,"** (ରେଖାଙ୍କିତ) **"ମାତ୍ର ପ୍ରଥମରେ ସେ ସୃଷ୍ଟି କରିଥିଲେ ।"** ତେବେ ତାହାଙ୍କ ପାଖରେ...ତାହାଙ୍କଠାରେ ତାହା ରେଖାଙ୍କିତ ଅଟେ । **"ଏବଂ ସେ ନିର୍ମାଣ କଲେ"** (ରେଖାଙ୍କିତ) **"ମନୁଷ୍ୟକୁ ଧୂଳିରୁ, ଏବଂ ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ," ଏବଂ ପ୍ରଭୃତି । ତେବେ, ପାର୍ଥକ୍ୟ କଅଣ ଅଟେ, କିମ୍ବା ଉପରୋକ୍ତ ଶାସ୍ତ୍ରଗୁଡ଼ିକ ମଧ୍ୟରେ ସମ୍ପର୍କ କେଉଁଠାରେ ଅଛି?**

10 ତେବେ, ଏହା ହେଉଛି...ତେବେ, ଯଦି ଆପଣ ଏହାକୁ ଲେଖି ରଖିଛନ୍ତି, ଆଦିପୁସ୍ତକ 1:26 ରୁ 28, ଏବଂ ଆଦିପୁସ୍ତକ 2:7 । ତେବେ, ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ ଅଟେ, ଏବଂ ଯେ ମୁଁ—ମୁଁ ନ କରିପାରେ...ମୋ ପାଖରେ ତାହା ବିଷୟରେ କେବଳ ମୋର ନିଜସ୍ୱ ଧାରଣା ରହିଛି, ତେଣୁ ମୁଁ ଏହାକୁ ଆପଣମାନଙ୍କୁ କେବଳ ସେହିଭଳି ଭାବରେ ଦେବି

ଯେପରି ଭାବରେକି ମୁଁ ଅନୁଭବ କରେ ଯେ ଏହା ଅଟେ । ଏବଂ ଯଦି ଆପଣ କିଛି ଭିନ୍ନ ମତ ପୋଷଣ କରନ୍ତି, ତେବେ, ତାହା ସମ୍ପୂର୍ଣ୍ଣଭାବେ ଉତ୍ତମ ଅଟେ ।

11 ମୁଁ ଭାଇ ନେଭିଲ୍‌ଙ୍କୁ ସେହି ଉତ୍ତମ ଉତ୍ତରଗୁଡିକ ନିମନ୍ତେ ପ୍ରଶଂସା କରିବାକୁ ଚାହେଁ ଯାହାକି ସେ ଏଠାରେ ସେହି ପ୍ରଶ୍ନଗୁଡିକର ଦେଲେ । ତେବେ, ସେଗୁଡିକ ଉତ୍ତମ ଅଟେ ।

12 ବର୍ତ୍ତମାନ, ଏଥିରେ, ଆଦିପୁସ୍ତକ 1:26, ପରମେଶ୍ୱର ମନୁଷ୍ୟକୁ ନିଜର ପ୍ରତିମୂର୍ତ୍ତିରେ ନିର୍ମାଣ କଲେ । ଏବଂ ଯଦି ଆପଣ ଲକ୍ଷ୍ୟ କରିବେ, ଆମେ ଏହାକୁ ପାଇବା ଯେପରିକି ଆପଣ ଏହାକୁ ପାଠ କରିପାରନ୍ତି, ଏବଂ 26...ଯଦି ଆପଣ ଏହାକୁ ଆମ ସହିତ ପାଠ କରିବାକୁ ଚାହିଁବେ, ତେବେ ତାହା କରିବା ହେତୁ ଆମେ ଆପଣଙ୍କ—ଆପଣଙ୍କ ପାଇଁ ଖୁସି ହେବୁ, ମୋତେ ଲକ୍ଷ୍ୟ କରନ୍ତୁ ।

> *ଏଥିଉତ୍ତାରୁ ପରମେଶ୍ୱର କହିଲେ, ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ: ସେମାନେ ଜଳଚର ମତ୍ସ୍ୟଗଣ ଉପରେ,... ଖେଚର ପକ୍ଷୀଗଣ,...ପଶୁଗଣ,...ସମସ୍ତ ପୃଥିବୀ, ଓ ଭୂମିରେ ଗମନଶୀଳ ସବୁ ଉରୋଗାମୀ ଜନ୍ତୁ ଉପରେ କର୍ତ୍ତୃତ୍ୱ କରିବେ ।*
>
> *ଅନନ୍ତର ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ, ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେ ତାହାକୁ ସୃଷ୍ଟି କଲେ; ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ ।*

13 ତେବେ, ତାହା ହେଉଛି...ମୁଁ ତାହା ଅନେକ ଥର ଆଲୋଚନା ହୋଇଥିବାର ଶୁଣିଅଛି, ଏବଂ ସମଗ୍ର ବିଶ୍ୱରେ, ସେହି ବିଷୟରେ ଆଲୋଚନାମାନ ଆସିଥାଏ । ତେବେ ଆଦିପୁସ୍ତକ 2:7 ରେ, ଧ୍ୟାନ ଦିଅନ୍ତୁ ଯେ ସେ ଏଠାରେ କଅଣ କଲେ । ଠିକ ଅଛି, ତାହା ଏଠାରେ ଅଛି:

> *ଅନନ୍ତର...ପରମେଶ୍ୱର ଭୂମିର ଧୂଳିରୁ ମନୁଷ୍ୟକୁ ନିର୍ମାଣ କରି, ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ; ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।*

14 ବର୍ତ୍ତମାନ, କି ପ୍ରକାର ଗଠନ...? ସେହି—ସେହି ପ୍ରଶ୍ନକାରୀ ପଚାରିବାକୁ ଚାହାଁନ୍ତି:

> **ଆଦିପୁସ୍ତକ 2:7 ସହିତରେ ଏହି ଆଦିପୁସ୍ତକ 1:26 ର କଅଣ ସମ୍ବନ୍ଧ ଅଛି?** ପରମେଶ୍ୱର ଦୁଇଟି ମନୁଷ୍ୟକୁ ସୃଷ୍ଟି କଲେ । **ଏବଂ ସେହି ମନୁଷ୍ୟ କେଉଁଟି ଥିଲା, ଏବଂ କେଉଁଟି... ଏହାର ତାହା ସହିତ କି ସମ୍ବନ୍ଧ ଅଛି? କଅଣ...? ଏହା ଶାସ୍ତ୍ରରେ କିପରି ଭାବରେ ସମ୍ପର୍କ ସ୍ଥାପନ କରେ?**

15 ତେବେ, ବର୍ତ୍ତମାନ, ଯଦି ଆପଣ ବର୍ତ୍ତମାନ ଧ୍ୟାନ ଦେବେ, ଆଦିପୁସ୍ତକ 1:26 ରେ, ଆସନ୍ତୁ ପ୍ରଥମ ଭାଗ ପ୍ରଥମେ ଦେଖିବା । ପରମେଶ୍ୱର କହିଲେ, "ଆମ୍ଭେମାନେ ।" ତେବେ, "ଆମ୍ଭେମାନେ," *ଆମ୍ଭେମାନେ* ହେଉଛି ଏକ..."ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ

ମନୁଷ୍ୟର ନିର୍ମାଣ କରୁ ।” *ଆପଣା*, ଅବଶ୍ୟ, ଆମେ ଅନୁଭବ କରୁ ଯେ ସେ କାହାରି ସହିତ କଥାବାର୍ତ୍ତା କରୁଛନ୍ତି, ସେ ଅନ୍ୟ ଏକ ପ୍ରାଣୀ ସହିତ କଥା ହେଉଥିଲେ । “ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ, ଏବଂ ସେମାନେ ଖେଚର ପଶୁଗଣ ଉପରେ କର୍ତ୍ତୃତ୍ୱ କରନ୍ତୁ ।”

16 ଯଦି ଆପଣ ଧ୍ୟାନ ଦେବେ, ସୃଷ୍ଟିରେ, ପ୍ରଥମ ବିଷୟ ଯାହା ସୃଷ୍ଟି ହୋଇଥିଲା, ଅବଶ୍ୟ, ତାହା ଜ୍ୟୋତି ଥିଲା । ଆପଣ ସୃଷ୍ଟି ଦେଇ ଆସନ୍ତୁ, ଶେଷ ବିଷୟ ଯାହା ସୃଷ୍ଟି ହୋଇଥିଲା ତାହା କଅଣ ଥିଲା? ଜଣେ ମନୁଷ୍ୟ । ଏବଂ ସେହି ସ୍ତ୍ରୀ ପୁରୁଷର ଅନୁରୂପରେ ନିର୍ମିତ ହୋଇଥିଲେ । ଠିକ ଅଛି, ପ୍ରଥମ…ପରମେଶ୍ୱରଙ୍କ ସୃଷ୍ଟିର, ଶେଷ ବିଷୟ ଯାହା ସୃଷ୍ଟି ହୋଇଥିଲା, ତାହା ହେଉଛି ମାନବଜାତି ।

17 କିନ୍ତୁ ଯେତେବେଳେ ପରମେଶ୍ୱର ତାହାଙ୍କର ପ୍ରଥମ ମନୁଷ୍ୟକୁ ସୃଷ୍ଟି କଲେ, ଯଦି ଆପଣ ଲକ୍ଷ୍ୟ କଲେ, ସେ ତାହାଙ୍କୁ ନିଜର ସାଦୃଶ୍ୟରେ ନିର୍ମାଣ କଲେ, ସେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମାଣ କରା ଗଲେ । ଏବଂ ପରମେଶ୍ୱର କଅଣ ଅଟନ୍ତି? ତେବେ, ଯଦି ଆମେମାନେ ଏହା ଜାଣିପାରୁ ଯେ ପରମେଶ୍ୱର କଅଣ ଅଟନ୍ତି, ତାହାହେଲେ ଆମେମାନେ ଏହା ପାଇପାରିବା ଯେ ସେ କେଉଁ ପ୍ରକାରର ଏକ ମନୁଷ୍ୟ ନିର୍ମାଣ କଲେ ।

18 ତେବେ ସାଧୁ ଯୋହନ, ତାର 4ର୍ଥ ପର୍ବରେ, ଏବଂ ମୁଁ କରିବି…ଆପଣ ଏହାକୁ ପାଠ କରନ୍ତୁ, ଯୀଶୁ ସେହି ସ୍ତ୍ରୀ ସହିତ କଥାବାର୍ତ୍ତା କରୁଥିଲେ…ଯଦି ଆପଣ ଏହାକୁ ଖୋଲିବାକୁ ଚାହାଁନ୍ତି । ମୁଁ…ଅଧିକ ସମୟ ନ ଥିବାରୁ, ମୁଁ ସେଗୁଡ଼ିକୁ ଠିକ୍ ଲେଖିକରି ରଖିନାହିଁ, ଏହାକୁ କେବଳ ସ୍ମୃତି ଦ୍ୱାରା ହିଁ ନେବାକୁ ପଡିବ । ଏବଂ ଆପଣ ସେଗୁଡ଼ିକୁ ବର୍ତ୍ତମାନ ଖୋଜନ୍ତୁ, ଯଦି ମୁଁ ଏହାକୁ ଶୀଘ୍ର ପାଇ ପାରେ । ତେବେ ଆସନ୍ତୁ 4ର୍ଥ ପର୍ବ, ଆଉ ତାର 14ତମ ପଦରେ ଆରମ୍ଭ କରିବା:

> କିନ୍ତୁ *ମୁଁ ଯେଉଁ* ଜଳ *ଦେବି ତାହା* ଯେକେହି *ପାନ* କରିବ *ସେ* କେବେହେଁ *ତୃଷାର୍ତ୍ତ ହେବ ନାହିଁ; …*ବରଂ ଅନନ୍ତ *ଜୀବନଦାୟକ ଜଳର* ନିର୍ଝର *ସ୍ୱରୂପେ ତାହାଠାରେ ଉଚ୍ଛୁଳି ଉଠୁଥିବ ।*
>
> *ସ୍ତ୍ରୀଲୋକଟି* ତାହାଙ୍କୁ *କହିଲା, ମହାଶୟ, ମୋତେ ଯେପରି…ପାଣି କାଢିବା ନିମନ୍ତେ ଏତେ ବାଟ ଏଠାକୁ ଆସିବାକୁ ନ ପଡେ, ଏଥି ନିମନ୍ତେ ମୋତେ ସେହି ଜଳ ଦିଅନ୍ତୁ ।*
>
> *ଯୀଶୁ କହିଲେ…ଯାଅ, ତୁମ୍ଭ ସ୍ୱାମୀକି ଡାକି ଏଠାକୁ ଆସ,…*
>
> *ସ୍ତ୍ରୀଲୋକଟି ଉତ୍ତର ଦେଲା…*

19 ମୁଁ ବିଶ୍ୱାସ କରେ ଯେ ଆମକୁ, ତାହା ଖୋଜି ପାଇବା ପାଇଁ, ବର୍ତ୍ତମାନ ତାହାଠାରୁ ଟିକିଏ ଅଧିକ ଉପରକୁ ଉଠିବାକୁ ପଡିବ, ଏହା ଖୋଜି ପାଇବା ପାଇଁ ଯାହାକି—ଯାହାକି ଆପଣ ଏଠାରେ ଦେଖନ୍ତୁ ବୋଲି ମୁଁ ଚାହେଁ । ବୋଧହୁଏ ନ ହୋଇପାରେ, ହୋଇପାରେ ଯେ ମୁଁ

ଏହାକୁ ଏଠାରେ ପାଇପାରିବି, ଏବଂ ମୁଁ ଯାହା ଦେଖିବାକୁ ଚାହେଁ । କଅଣ କହୁଛନ୍ତି? 23ତମ ଏବଂ 24ତମ ପଦ । ଠିକ୍ ଅଛି ।

*ତୁମ୍ଭେମାନେ ଉପାସନା କରୁଥାଅ...*(ଏହାହିଁ ଅଟେ)...*ଯାହା ତୁମ୍ଭେମାନେ* ଜାଣ ତାହା *ଉପାସନା କରୁଥାଅ: ଯାହାଙ୍କୁ ଆମ୍ଭେମାନେ ଜାଣୁ ତାହାଙ୍କୁ ଉପାସନା କରୁଥାଉ: କାରଣ ପରିତ୍ରାଣ ଯିହୁଦୀମାନଙ୍କ ମଧ୍ୟରୁ ଆସେ ।* (ଏବଂ ତାହା ଠିକ୍ ଅଟେ, ଦେଖନ୍ତୁ)

*କିନ୍ତୁ ଯେଉଁ ସମୟରେ,...କିନ୍ତୁ ଯେଉଁ ସମୟରେ, ସତ୍ୟ ଉପାସକମାନେ,* ଯେ *ଆତ୍ମାରେ ଓ ସତ୍ୟରେ* (ଯିହୂଦୀ କିମ୍ଵା ବିଜାତୀ) *ପିତାଙ୍କର ଉପସନା କରିବେ ସେପରି ସମୟ ଆସୁଅଛି ପୁଣି ବର୍ତ୍ତମାନ* ତାହା *ଉପସ୍ଥିତ: କାରଣ ପିତା ଏହିପ୍ରକାରେ ଉପାସକ ଚାହାଁନ୍ତି ।*

20 ତେବେ, ପରବର୍ତ୍ତୀ ପଦଟି ତାହା ଅଟେ ଯେଉଁଠାରେ ମୁଁ ଚାହେଁ:

*ପରମେଶ୍ୱର ଆତ୍ମା: ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ୍ ।*

21 ବର୍ତ୍ତମାନ, ଯଦି ପରମେଶ୍ୱର ମନୁଷ୍ୟକୁ ଆପଣା ପ୍ରତିମୂର୍ତ୍ତିରେ ଏବଂ ଆପଣା ସାଦୃଶ୍ୟରେ ସୃଷ୍ଟି କରିଥିଲେ, ତେବେ ସେ କେଉଁ ପ୍ରକାରର ଏକ ମନୁଷ୍ୟ ସୃଷ୍ଟି କଲେ? ଜଣେ ଆତ୍ମା ମଣିଷ । ବର୍ତ୍ତମାନ, ଯଦି ଆପଣମାନେ ଧ୍ୟାନ ଦେବେ, ସେ ସମସ୍ତ ସୃଷ୍ଟି କରିବା, ଓ ଏକ ଆତ୍ମା ମଣିଷ ସୃଷ୍ଟି କରିବା ପରେ, ବର୍ତ୍ତମାନ ଏହାର ଅତି ଧ୍ୟାନ ସହକାରେ ପାଠ କରିବାରେ (ସେହି ବ୍ୟକ୍ତିଙ୍କୁ ଯିଏକି ପ୍ରଶ୍ନ ପଚାରିଥିଲେ) ଏହାକୁ ପାଇବେ, ଯେ ପରମେଶ୍ୱର ମନୁଷ୍ୟକୁ ଖେଚର ପଶୁଗଣ ଓ ମତ୍ସ୍ୟଗଣ ଏବଂ ସବୁକିଛି ଉପରେ କର୍ତ୍ତୃତ୍ୱ ଦେଇଥିଲେ । ମାତ୍ର, ସେଠାରେ ତାହାଙ୍କର ସୃଷ୍ଟି କରିବାରେ, ସେ ମନୁଷ୍ୟକୁ ନିଜର ପ୍ରତିମୂର୍ତ୍ତିରେ ନିର୍ମାଣ କରିଥିଲେ ଯେପରିକି ସେ ଖେଚର ପଶୁଗଣଙ୍କୁ ମାର୍ଗଦର୍ଶନ କରେ, କ୍ଷେତ୍ରର ଜନ୍ତୁମାନଙ୍କୁ ମାର୍ଗଦର୍ଶନ କରେ, ଯେପରିକି ପବିତ୍ରଆତ୍ମା ଆଜି ବିଶ୍ୱାସୀକୁ ମାର୍ଗଦର୍ଶନ କରିଥାନ୍ତି । ବୁଝିଲେ?

22 ଅନ୍ୟ ଅର୍ଥରେ, ସେ, ଆଦମ ଥିଲେ, ପରମେଶ୍ୱରଙ୍କ ନିମ୍ନତର ସୃଷ୍ଟିରେ ପ୍ରଥମ ବ୍ୟକ୍ତି ଥିଲେ । ପ୍ରଥମ ସୃଷ୍ଟି ନିଜେ ପରମେଶ୍ୱର ଥିଲେ; ତାହାପରେ ପରମେଶ୍ୱରଙ୍କଠାରୁ ଲୋଗୋସ୍ ବାହାରିଲା, ଯାହାକି ପରମେଶ୍ୱରଙ୍କ ପୁତ୍ର ଥିଲା; ତାହାପରେ ଲୋଗୋସରୁ ବାହାରିଲା, ଯାହାକି ବାକ୍ୟ ଥିଲା । ("ଆଦ୍ୟରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା, ଏବଂ ବାକ୍ୟ ପରମେଶ୍ୱର ଥିଲା । ଏବଂ ବାକ୍ୟ ଶରୀରରୂପ ଧାରଣ କଲା ଏବଂ ଆମ ମଧ୍ୟରେ ବାସ କଲା ।"), ଲୋଗୋସରୁ ସେହି—ସେହି ମନୁଷ୍ୟ ବାହାରିଲା ।

23 ଓଃ, ମୁଁ ବର୍ତ୍ତମାନ ମୋ ମନରେ ଏକ ସୁନ୍ଦର ଚିତ୍ର ପାଇଅଛି, ଯଦି ଆପଣ ମୋ ସହିତ ଏକ ଛୋଟ ଯାତ୍ରା କରିପାରିବେ । ମୁଁ ବିଶ୍ୱାସ କରେ ଯେ ଏହା ପୂର୍ବରୁ ମୁଁ ଏହା ବିଷୟରେ କହିଅଛି, ମାତ୍ର ଏହାକୁ ସେହି ସ୍ଥାନକୁ ପହଞ୍ଚାଇବା ପାଇଁ ଯେଉଁଠାରେକି ଆପଣ ଏହା ଦେଖିବା

ହେତୁ ନିଶ୍ଚିତ ହେବେ । ତେବେ, ଆସନ୍ତୁ ଆମେମାନେ ଏକ ଅଳ୍ପ ଛୋଟ ଯାତ୍ରା କରିବା ଏବଂ ଅଳ୍ପ ସମୟ ପାଇଁ ପଛକୁ ଫେରିଯିବା । ତେବେ, ଏହା ବିଷୟରେ ଚିନ୍ତା କରନ୍ତୁ ନାହିଁ ଯେ ଏହା କେତେ ଗରମ ଅଟେ, ମାତ୍ର ଆସନ୍ତୁ ଆମେମାନେ ବର୍ତ୍ତମାନ ନିଜର ମନଗୁଡିକୁ ସେହି ବିଷୟ ଉପରେ କେନ୍ଦ୍ରିତ କରିବା ଯାହା ଆମେମାନେ କହିବାକୁ ଏବଂ ଚିନ୍ତା କରିବାକୁ ଯାଉଅଛୁ ।

24 ଆସନ୍ତୁ ଦଶ କୋଟି ବର୍ଷ ପୂର୍ବକୁ ଚାଲି ଯିବା ଯେତେବେଳେକି ସେଠାରେ ଏକ ନକ୍ଷତ୍ର, ଚନ୍ଦ୍ର, କିମ୍ବା ପୃଥିବୀରେ କିଛି ହେଲେ ନ ଥିଲା । ତେବେ, ସେଠାରେ ଏପରି ଏକ ସମୟ ଥିଲା ଯେତେବେଳେକି ଏଠାରେ କିଛି ହେଲେ ନ ଥିଲା, ଏହା ତ ସବୁ କେବଳ ଚିରଦିନ ଏବଂ ଅନନ୍ତତା ଥିଲା । ଏବଂ ଚିରଦିନର ସମସ୍ତ କିଛି ଓ ଅନନ୍ତତା ପରମେଶ୍ୱର ଥିଲେ, ସେ ଆରମ୍ଭରେ ସେଠାରେ ଥିଲେ ।

25 ତେବେ, ଆସନ୍ତୁ ଏଠାରେ ଏହି ସୀଢ଼ୀର ଧାର ନିକଟକୁ ଯିବା ଏବଂ ଦୃଷ୍ଟି କରିବା ଓ ଏହିସବୁ ଘଟଣାଗୁଡିକୁ ଦେଖିବା ।

26 ତେବେ, "କୌଣସି ହେଲେ ବ୍ୟକ୍ତି ପିତାଙ୍କୁ କୌଣସି ସମୟରେ ଦେଖି ନାହାଁନ୍ତି ।" କୌଣସି ହେଲେ ବ୍ୟକ୍ତି ପରମେଶ୍ୱରଙ୍କୁ ଶାରୀରିକ ରୂପରେ ଦେଖିପାରନ୍ତି ନାହିଁ, କାରଣ ପରମେଶ୍ୱର ଶରୀର ରୂପରେ ନାହାଁନ୍ତି, ପରମେଶ୍ୱର ତ ଏକ ଆତ୍ମା ଅଟନ୍ତି । ବୁଝିଲେ? ଠିକ୍ ଅଛି । "କୌଣସି ବ୍ୟକ୍ତି ପିତାଙ୍କୁ କେବେହେଲେ ଦେଖି ନାହାଁନ୍ତି, ମାତ୍ର ପିତାଙ୍କର ଏକମାତ୍ର ଅଦ୍ୱିତୀୟ ପୁତ୍ର ତାହାଙ୍କୁ ଘୋଷଣା କରିଛନ୍ତି," ପ୍ରଥମ...ଯୋହନ, ଦେଖନ୍ତୁ ।

27 ତେବେ, ମାତ୍ର ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, କିଛି ହେଲେ ନାହିଁ, କେବଳ ଶୁନ୍ୟ ଅଛି । କୌଣସି ଜ୍ୟୋତି ନାହିଁ, କୌଣସି ଅନ୍ଧକାର ନାହିଁ, କୌଣସି କିଛି ନାହିଁ, ଏହା ତ କିଛି ନ ଥିଲା ପରି ମନେ ହୁଏ । ମାତ୍ର ସେଥି ଭିତରେ ଏକ ମହାନ ଅଲୌକିକ ପ୍ରାଣୀ, ଯିହୋବା ପରମେଶ୍ୱର ଅଛନ୍ତି, ଯିଏକି ସବୁ ସମୟରେ ସମସ୍ତ ସ୍ଥାନର ସମସ୍ତ ଶୁନ୍ୟ ମଣ୍ଡଳକୁ ଆବୃତ କରିଥିଲେ । ସେ ଚିରକାଳରୁ ଚିରକାଳ ପର୍ଯ୍ୟନ୍ତ ଥିଲେ, ସେ ସୃଷ୍ଟିର ଆରମ୍ଭ ଅଟନ୍ତି । ତାହା ହେଉଛନ୍ତି ପରମେଶ୍ୱର । କିଛି ଦେଖିପାରୁ ନାହାଁନ୍ତି, କିଛି ଶୁଣିପାରୁ ନାହାଁନ୍ତି, ବାୟୁମଣ୍ଡଳରେ ପରମାଣୁର ଗୋଟିଏ ଗତି ବି ନୁହେଁ, କିଛି ନୁହେଁ, ବାୟୁ ନୁହେଁ, କିଛିହେଲେ ନୁହେଁ, ମାତ୍ର ତଥାପି ପରମେଶ୍ୱର ସେଠାରେ ଥିଲେ । ତାହା ପରମେଶ୍ୱର ଥିଲେ । (ତେବେ ଆସନ୍ତୁ କିଛି ମିନିଟ୍ ପାଇଁ ଦେଖିବା, ଏବଂ କିଛି ସମୟ ପରେ...) ତେବେ, କୌଣସି ବ୍ୟକ୍ତି ତାହା ଦେଖି ନାହାଁନ୍ତି, ତାହା ତ ପିତା ଅଟନ୍ତି । ତାହା ହେଉଛନ୍ତି ପରମେଶ୍ୱର, ପରମପିତା ।

28 ତେବେ ଧ୍ୟାନ ଦିଅନ୍ତୁ । ତେବେ କିଛି ସମୟ ଉତ୍ତାରେ ମୁଁ ଏକ ଛୋଟ ପବିତ୍ର ଜ୍ୟୋତି ନିର୍ମାଣ ହେଉଥିବାର ଦେଖିବା ଆରମ୍ଭ କଲି, ଯେପରିକି ଏକ ଛୋଟ ଦିବ୍ୟ ପ୍ରକାଶ କିମ୍ବା ସେପରି କିଛି, ଆପଣ ଏହାକୁ କେବଳ ଆତ୍ମିକ ଆଖିରେ ଦେଖି ପାରିବେ ।

29 କିନ୍ତୁ ବର୍ତ୍ତମାନ ଦେଖନ୍ତୁ, ଯେତେବେଳେକି ଆମେ ଦେଖୁଥାଉ, ସମଗ୍ର ମଣ୍ଡଳୀ ବର୍ତ୍ତମାନ । ଆମେ ଏକ ବଡ ସୀଢ଼ୀର ଧାର ଉପରେ ଠିଆ ହୋଇଅଛୁ, ଏବଂ ଏହା ଦେଖୁଅଛୁ

ଯେ ପରମେଶ୍ୱର କଅଣ କରୁଛନ୍ତି । ଏବଂ ଆମେ ସୀଧାସଳଖ ଏଠାରେ ଏହି ପ୍ରଶ୍ନକୁ ଓହ୍ଲାଇ ଆସିବା ଏବଂ ଆପଣ ଦେଖିବେ ଯେ ସେ ଏହାକୁ କିପରି ଭାବରେ ଆଣନ୍ତି ।

30 ତେବେ, ପରମେଶ୍ୱରଙ୍କୁ କେହିହେଲେ ଦେଖି ନାହାଁନ୍ତି । ଆଉ ବର୍ତ୍ତମାନ, ପରବର୍ତ୍ତୀ ବିଷୟ ଯାହା ଆମେ ଅଲୌକିକ ଦୃଷ୍ଟିଶକ୍ତିର ଆଖିଗୁଡିକରେ, ଦେଖିବାକୁ ଆରମ୍ଭ କରୁ, ଆମେ ସେଠାରେ ଏକ ଛୋଟ ଧଳା ପ୍ରକାଶକୁ ସୃଷ୍ଟି ହେଉଥିବାର ଦେଖୁ । ତାହା କଅଣ ଅଟେ? ତାହା ବାଇବଲ ପାଠକମାନଙ୍କ ଦ୍ୱାରା, କୁହା ଯାଇଥିଲା, "ଲୋଗୋସ୍," କିମ୍ଵା "ଅଭିଷିକ୍ତ," କିମ୍ବା "ଅଭିଷେକ," ଅବା ସେହି...ଯେପରିକି ମୁଁ କହିବାକୁ ଯାଉଥିଲି, ପରମେଶ୍ୱରଙ୍କ ସେହି—ସେହି ଅଂଶ କିଛି ଗୋଟାଏ ବିଷୟରେ ବିକଶିତ ହେବାକୁ ଲାଗେ ଯେଣୁ ମନୁଷ୍ୟମାନେ ଏକ ପ୍ରକାର ଧାରଣା ପାଇପାରିବେ ଯେ ତାହା କଅଣ ଥିଲା । ଅଳ୍ପ ଟିକିଏ, କମ୍ ଥିଲା...ଏକ ଛୋଟ ପ୍ରକାଶ, ଗତି କରୁଥିଲା । ସେ...ତାହା ପରମେଶ୍ୱରଙ୍କ ବାକ୍ୟ ଥିଲା ।

31 ତେବେ, ପରମେଶ୍ୱର ସ୍ୱୟଂ ନିଜେ ଏହି ପୁତ୍ରକୁ ଜନ୍ମ ଦେଇଥିଲେ ଯାହାକି ତାହାର ପୂର୍ବରୁ ଥିଲା ଯେତେବେଳେକି ପରମାଣୁଟିଏ ସୁଦ୍ଧା ଥିଲା...କିମ୍ବା ଗୋଟିଏ ପରମାଣୁ ନିର୍ମାଣ କରିବା ପାଇଁ ବାୟୁ ରହିଥିଲା । ତାହା ଥିଲା...ଦେଖନ୍ତୁ, ଯୀଶୁ କହିଲେ, "ପିତା, ମୋତେ ସେହି ଗୌରବରେ ଗୌରବାନ୍ୱିତ କର, ଯାହାକି ଆମର ଜଗତ ପତ୍ତନାବଧି ପୂର୍ବେ ରହିଥିଲା ।" ଦେଖନ୍ତୁ, ଠିକ ପଶ୍ଚାତ ସମୟରେ ।

32 ବର୍ତ୍ତମାନ, ସାଧୁ ଯୋହନରେ, ସେ କହିଲେ, "ଆଦ୍ୟରେ ବାକ୍ୟ ଥିଲା ।" ଏବଂ ପ୍ରଥମ... "ଏବଂ ବାକ୍ୟ ପରମେଶ୍ୱର ଥିଲା । ଆଉ ସେହି ବାକ୍ୟ ଦେହବନ୍ତ ହେଲା ଓ ଆମମାନଙ୍କ ମଧ୍ୟରେ ବାସ କଲା । ପରମେଶ୍ୱର ଆପଣାକୁ, ଏକ ମନୁଷ୍ୟରେ ଅନାବୃତ କରୁଥିଲେ । ତେବେ ଦେଖନ୍ତୁ ଯେ ସେ ଏହାକୁ କିପରି କରିଥିଲେ ।

33 ତେବେ, ସେଠାରେ ପଛରେ, ତାହାପରେ, ଯେତେବେଳେ ଏହି ଛୋଟ ଦିବ୍ୟ ପ୍ରକାଶ ଆସେ । ବର୍ତ୍ତମାନ, ଆମେ ଏପର୍ଯ୍ୟନ୍ତ ସୁଦ୍ଧା କିଛି ଦେଖିପାରୁ ନାହୁଁ, ମାତ୍ର କେବଳ ଅଲୌକିକ ଆଖି ଦ୍ୱାରା ଆମେ ସେଠାରେ ଏକ ଦିବ୍ୟ ପ୍ରକାଶକୁ ଛିଡା ହୋଇଥିବାର ଦେଖୁ । ତେବେ, ତାହା ପରମେଶ୍ୱରଙ୍କ ପୁତ୍ର, ସେହି ଲୋଗୋସ୍ ଅଟନ୍ତି । ବର୍ତ୍ତମାନ, ମୁଁ ତାହାଙ୍କୁ ଏକ ଛୋଟ ପିଲା ପରି, ପିତାଙ୍କ ଦ୍ୱାର ସମ୍ମୁଖରେ, ସମସ୍ତ ଅନନ୍ତତା ସହିତ ଖେଳୁଥିବାର ଦେଖିପାରେ । ବୁଝିଲେ? ଆଉ, ବର୍ତ୍ତମାନ, ତାହାପରେ ତାହାଙ୍କର କଳ୍ପିତ ନିର୍ମାଣ କାର୍ଯ୍ୟରେ ସେ ସେହି ବିଷୟରେ ଚିନ୍ତା କରିବାକୁ ଲାଗିଲେ ଯେ ବିଷୟଗୁଡିକ କଅଣ ହେବ, ଏବଂ ମୁଁ ତାହାଙ୍କୁ କହୁଥିବାର ଶୁଣିପାରେ, "ଜ୍ୟୋତି ହେଉ ।"

34 ଏବଂ ଯେତେବେଳେ ସେ ଏହା କଲେ, ଏକ ପରମାଣୁ ବିସ୍ଫୋରଣ ହେଲା ଏବଂ ସୂର୍ଯ୍ୟ ଅସ୍ତିତ୍ୱକୁ ଆସିଲା । ସେ ଶହ ଶହ କୋଟି ବର୍ଷ ଧରି ଘୁରି ବୁଲିଲା, ଧାତୁମଳର ତରଳ ପଦାର୍ଥ ଗଠନ କଲା, ଏବଂ ଜଳି ରହିଲା, ଏବଂ ସେହିପରି ଗଠନ ହୋଇ ଚାଲିଲା ଯେପରିକି ତାହା ଆଜି ଅଟେ; ଏବେ ସୁଦ୍ଧା ଜଳୁଛି, ଏବେ ସୁଦ୍ଧା ପରମାଣୁ ଭଗ୍ନ ହେଉଛି । ଯଦି ପରମାଣୁ ବୋମା

କେବେ ବିସ୍ଫୋଟ ହୁଏ, ତାହାହେଲେ କ୍ରମାଗତ ପରମାଣୁ ଶୃଙ୍ଖଳା ଆରମ୍ଭ ହୋଇଯିବ...ଏହି ପୃଥିବୀଟି ସୂର୍ଯ୍ୟ ପରି ହୋଇଯିବ, ଅନତି ଦୂରରେ, କେବଳ ବିସ୍ଫୋରଣ ହେଉଥିବ ଏବଂ ପ୍ରବାହିତ ହେଉଥିବ। ଯଦି ଆପଣ ଅନ୍ୟ ଏକ ମହାଦେଶରେ ଛିଡ଼ା ହୋଇ କେବଳ ଏହାକୁ ଦେଖିପାରିବେ, ଏହା ଅନ୍ୟ ଏକ ସୂର୍ଯ୍ୟ ପରି ଦେଖାଯିବ, ଯେଉଁଠାରେକି ପରମାଣୁଗୁଡିକ ଏହି ପୃଥିବୀକୁ ଜାଳି ପୋଡି ଦେଉଅଛି, ଯଦି ସେହି ଶୃଙ୍ଖଳା କେବେ ହୁଗୁଳା ହୋଇଯାଏ ଏବଂ ଏହା କେବଳ ଘୁରିବା ଆରମ୍ଭ କରେ, ସେହିପରି ଭାବରେ ଘୁରିବା ଆରମ୍ଭ କରେ। କୋଟି କୋଟି ଫାରେନ୍‌ହାଇଟ୍ ତାପମାତ୍ରାର ଏହି ବଡ ନିଆଁ ହୁଳାଗୁଡିକ ଲକ୍ଷ ଲକ୍ଷ ମାଇଲ୍ ବାଟ ପହଞ୍ଚିଯିବ, ଯାହାକି ସେହି ସୂର୍ଯ୍ୟରୁ ବାହାରୁଥିବା ଉତ୍ତାପର—ର—ର ଅଟେ।

35 ତେବେ, ବର୍ତ୍ତମାନ ଏହାକୁ ଦେଖନ୍ତୁ। ସୁନ୍ଦର! ବର୍ତ୍ତମାନ, ସେ ସୂର୍ଯ୍ୟକୁ ନିର୍ମାଣ କଲେ। ଏବଂ ତାହାପରେ, ପ୍ରଥମ ବିଷୟ ଯାହା ଆପଣ ଜାଣନ୍ତି, ଏକ ବଡ ଧାତୁମଳର ତରଳ ପଦାର୍ଥ ସେଥିରୁ ଖସି ପଡିଲା, ଓଜନ ପ୍ରାୟଃ...ଠିକ ଏହି ପୃଥିବୀ ପରି ପ୍ରାୟଃ ହେବ, ବାହାରିଲା "ସ୍ୱିଉ!" ତେବେ ତାହାପରେ ଏଠାରେ ଥିବା ଏହି ଲୋଗୋସ୍, ପରମେଶ୍ୱରଙ୍କ ପୁତ୍ର, ଏହାକୁ ଦେଖୁଅଛନ୍ତି, ସେ ଏହାକୁ ଦଶ କୋଟି ବର୍ଷ ପାଇଁ ଖସି ପଡ଼ିବାକୁ ଦିଅନ୍ତି ଆଉ ସେ ଏହାକୁ ରୋକି ଦିଅନ୍ତି। ତାହାପରେ ଆଉ ଏକ ଜିନିଷ ବାହାରେ, ଏବଂ ସେ ଏହାକୁ ଲକ୍ଷ ଲକ୍ଷ ବର୍ଷ ପାଇଁ ଖସି (ଉଡ଼ି ଯିବାକୁ) ଯିବାକୁ ଦିଅନ୍ତି, ତାହାପରେ ସେ ଏହାକୁ ରୋକି ଦିଅନ୍ତି। ତେବେ, ଆମେମାନେ ଛିଡା ହୋଇ, ଏହାକୁ ଅସ୍ତିତ୍ୱରେ ଆସୁଥିବାର ଦେଖୁଅଛୁ।

36 ତେବେ, ତାହାଙ୍କ ମନରେ ସେ କିଛି ବିଷୟ ରଖିଛନ୍ତି, ଆଉ ସେ କଅଣ କରୁଅଛନ୍ତି? ସେ ତାହାଙ୍କର ପ୍ରଥମ ବାଇବଲ ଲେଖୁଛନ୍ତି। ପ୍ରଥମ ବାଇବଲ ଯାହା ମନୁଷ୍ୟ କେବେ ଦେଖିଥିଲା ତାହା ହେଲା ନକ୍ଷତ୍ରମାନ, ସେହି ରାଶିଚକ୍ର। ଏବଂ ଏହା ଏକ ସିଦ୍ଧ ଅଟେ... ଠିକ...ଏହା ଏଠାରେ ଏହି ବାଇବଲ ସହିତ ଖାପ ଖାଇଥିଲା। ଏହା ଆରମ୍ଭ ହୁଏ, ରାଶିଚକ୍ରର ପ୍ରଥମ ହେଉଛି କନ୍ୟା। କଅଣ ତାହା ଠିକ୍ ଅଟେ? ରାଶିଚକ୍ରର ଶେଷ କଅଣ ଅଟେ? ସିଂହ ରାଶି, ସେହି ସିଂହ। ତାହା ହେଉଛି ଯୀଶୁଙ୍କର ପ୍ରଥମ ଆଗମନ, ସେ ଏକ କନ୍ୟା ଜରିଆରେ ଆସିଥିଲେ; ଦ୍ୱିତୀୟଟି, ସେ ଯିହୁଦା ବଂଶଜାତ ସିଂହ ଭାବରେ ଆସନ୍ତି। ବୁଝିଲେ? ଏହା ସବୁ ଅଙ୍କନ କରା ହୋଇଛି, କର୍କଟ ଯୁଗ, ଏବଂ ସବୁକିଛି ତଳକୁ। ତେବେ, ସେ ତାହା ସବୁ ଆକାଶରେ ରଖିଲେ ଏବଂ ଏହାକୁ ସେଠାରେ ସ୍ଥାପନ କଲେ। ଏହି ସମସ୍ତ ଉଲ୍‌କା ପିଣ୍ଡ, ପୃଥିବୀ, ବା ସୂର୍ଯ୍ୟର ଖଣ୍ଡମାନ, ଏଠାରେ ଝୁଲି ରହିଥାଏ।

37 ତେବେ, ଯେତେବେଳେ ବିଜ୍ଞାନ ସେହି କ୍ଷେପଣାସ୍ତ୍ରଗୁଡ଼ିକୁ ଖୋଜିବାକୁ ଯାଏ ଯାହାକି ପତିତ ହୋଇଅଛି, ତାହା ପରମେଶ୍ୱରଙ୍କୁ ନିଷ୍ପ୍ରମାଣ କରେ ନାହିଁ, ତାହା କେବଳ ଏହାକୁ ମୋ ପ୍ରତି ପ୍ରମାଣ କରିଥାଏ। ଦେଖନ୍ତୁ, ତାହା କେବଳ ଏହାକୁ ଅଧିକ ବାସ୍ତବ କରିଥାଏ। ତେବେ, ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଏହି ସମସ୍ତ କ୍ଷେପଣାସ୍ତ୍ରଗୁଡିକ ସେହି ଉତ୍ତପ୍ତ ସୂର୍ଯ୍ୟଠାରୁ ଦୂରରେ ସେଠାରେ ଝୁଲି ରହିଅଛି, ଏବଂ ବାୟୁମଣ୍ଡଳ ଦେଇ ବାହାରକୁ ଯାଉଅଛି, ଅବଶ୍ୟ, ସେମାନେ

ସଂଗ୍ରହ କରିଛନ୍ତି। ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ଏହା କେବଳ ଏକ ବୃହତ ବରଫପିଣ୍ଡ ଭାବରେ ଆରମ୍ଭ ହୋଇଥିଲା।

38 ତେବେ, ତାହା ଏହି ପୃଥିବୀ ଅସ୍ତିତ୍ୱକୁ ଆସୁଥିଲା, ଏକ ବଡ ପୁରୁଣା ଜ୍ୱଳନ୍ତଶୀଳ ପଦାର୍ଥର ଖଣ୍ଡଟିଏ ଠିକ୍ ସେଠାରୁ ବାହାରିଥିଲା। ଏହାର ତଳେ ତାହା ବର୍ତ୍ତମାନ ଏକ ଘୁର୍ଣ୍ଣୟମାନ, ଜ୍ୱଳନ୍ତଶୀଳ ଆଗ୍ନେୟଗିରି ଛଡା ଆଉ କିଛି ନାହିଁ, ସଂପୂର୍ଣ୍ଣ ଭାବରେ, ବିସ୍ଫୋରଣ ସବୁଆଡେ ଆସୁଥାଏ, ଆଗ୍ନେୟଗିରି। ଏବଂ ବିଜ୍ଞାନ ଦାବି କରେ ଯେ—ଯେ ଏହି ଜଗତ, ଏହାର ଉପରେ ଥିବା ସେହି ଭୂତଳ, ଯେଉଁଠାରେ ଆମେମନେ ବସବାସ କରୁ, ତାହା ଏକ ସେଉ ଉପରେ ଥିବା ଛାଲ ପରି ଅଟେ। ଏବଂ ସମସ୍ତ…ତେବେ, ସେଠାରେ ସର୍ବତ୍ର ପଚି-ଶ ହଜାର ମାଇଲ୍ ଅଛି, ଏହା ବୋଧହୁଏ ଆଠ ହଜାର ମାଇଲ (ତାହା ପ୍ରାୟତଃ ଆଠ ହଜାର ମାଇଲ ହେବ) ପ୍ରସ୍ଥ ଅଟେ। ଆଉ କେବଳ ଚିନ୍ତା କରନ୍ତୁ, ସେଠାରେ, ଏହା ଏକ ଜ୍ୱଳନ୍ତଶୀଳ ଆଗ୍ନେୟଗିରି ଅଟେ।

39 ଏବଂ ପୃଥିବୀର ଦୁଇ-ତୃତୀୟାଂଶ, ଏହାର ଦୁଇ-ତୃତୀୟାଂଶରୁ ଅଧିକ, ପାଣିରେ ଅଛି; ଏବଂ ଏହାର ଏକ-ତୃତୀୟାଂଶ ଭୂମିରେ ଅଛି, ପ୍ରାୟଃ ଏକ-ତୃତୀୟାଂଶ। ଏବଂ ଏହି ଛୋଟ, ଏହି ଭୂତଳ ଯାହା ଉପରେ ଆମେମାନେ ବସବାସ କରୁଅଛୁ, ଏହା ବିପଜ୍ଜନକ ବିସ୍ଫୋରକ, ଗ୍ୟାସ, ପେଟ୍ରୋଲ, ତେଲ, ସବୁକିଛିରେ ପରିପୂର୍ଣ୍ଣ ଅଟେ। କଅଣ ତାହା ଠିକ୍ ଅଟେ? ଏବଂ ଏହାର ଦୁଇ-ତୃତୀୟାଂଶ, ଏହାର ଦୁଇ-ତୃତୀୟାଂଶରୁ ଅଧିକ, ଜଳ ଅଟେ। ଜଳର ସୂତ୍ର କଅଣ ଅଟେ? ଉଦ୍‌ଜାନର ଦୁଇଟି ଅଂଶ ଏବଂ ଅମ୍ଳଜାନର ଗୋଟିଏ ଅଂଶ, ବିସ୍ଫୋରକ।

40 ପ୍ରତ୍ୟେକ କୋଠରୀରେ ପର୍ଯ୍ୟାପ୍ତ ବିଦ୍ୟୁତ୍ ଶକ୍ତି ରହିଅଛି ଯାହାକି ଶୀତରୁ ଉତ୍ତାପକୁ ପୃଥକ କରିପାରେ, ଏବଂ ଏହା ଏକ କୋଠରୀକୁ ବିସ୍ଫୋଟ କରିବା ପାଇଁ ପର୍ଯ୍ୟାପ୍ତ ବିଦ୍ୟୁତ୍ ପ୍ରସ୍ତୁତ କରି ଦେବ। ଆପଣ ଏକ ଗଲ୍ଫ ବଲ୍‌ରେ ପର୍ଯ୍ୟାପ୍ତ ପରମାଣୁ ରଖିପାରନ୍ତି ଯେ ନ୍ୟୁୟର୍କକୁ ପୃଥିବୀ ପୃଷ୍ଠରୁ ମୂଳପୋଛ କରି ଦେବେ। ଏବଂ ତାହାପରେ ମନୁଷ୍ୟ, ନରକର ଏକ ହାଣ୍ଡି ଉପରେ ବସି, ନିଜର ଛାତିକୁ ବାଡେଇ ହେଉଥାଏ ଓ ପରମେଶ୍ୱରଙ୍କ ବାକ୍ୟକୁ ଅବମାନନା କରୁଥାଏ, ଏବଂ କହୁଥାଏ, "ନରକ ଭଳି ଏପରି କୌଣସି ସ୍ଥାନ ନାହିଁ।" (ମୁଁ ଟିକିଏ ପରେ ତାହାକୁ ଏଠାରେ ତଳେ ପାଇଲି, ଏବଂ ଆମେ ସେଠାରେ ଯିବାକୁ ଯାଉଅଛୁ, ଦେଖନ୍ତୁ।) ଆପଣ ପ୍ରତିଦିନ ଏହାର ଏକ ବଡ ହାଣ୍ଡି ଉପରେ ବସିଛନ୍ତି। ଏବଂ ଯେତେବେଳେ ଆପଣ ଠିକ ଏଠାରେ ତାହା ଉପରେ ବସିଥାନ୍ତି, ଏବଂ ନରକ ଠିକ ଆପଣଙ୍କର ତଳେ ରହିଥାଏ।

41 ଏବଂ ତେବେ, ଧ୍ୟାନ ଦିଅନ୍ତୁ, ମାତ୍ର ବର୍ତ୍ତମାନ ଯେତେବେଳେ ଏହା ପ୍ରଥମେ ମିଳିଲା, ଯେତେବେଳେ ଯୀଶୁ…ତେବେ ସେହି ଛୋଟ ଦିବ୍ୟ ପ୍ରକାଶକୁ ଦେଖନ୍ତୁ। ତେବେ ମୁଁ ଦେଖିପାରେ ଯେ ତାହା ଏହି ପୃଥିବୀ ପାଖକୁ ଚାଲିଆସେ ଏବଂ ଏହାର ଉପରିଭାଗକୁ ଚାଲିଯାଏ ଓ ଏଠାରେ ସୂର୍ଯ୍ୟଙ୍କ ନିକଟବର୍ତ୍ତି ହୋଇ ଗତୀୟମାନ ହେବାକୁ ଆରମ୍ଭ କରେ। ଏହା ଏକ ବଡ଼ ବରଫପିଣ୍ଡ ଛଡା ଆଉ କିଛି ନୁହେଁ। ଏବଂ ଯେତେବେଳେ ଏହା ତରଳିବାକୁ ଆରମ୍ଭ

କରେ, ସେତେବେଳେ ବଡ଼ ବଡ଼ ବୃହତ ବରଫଖଣ୍ଡଗୁଡିକ ଉତ୍ତରପ୍ରାନ୍ତରୁ କଟା ହୋଇ ତଳକୁ ଖସିବା ଆରମ୍ଭ କରେ। ଏବଂ ଯେତେବେଳେ ତାହା ହୁଏ, ଏହା କାନସାସ୍ ଏବଂ ଟେକ୍ସାସ୍ ଏବଂ ସେଠାରେ ଥିବା ସମସ୍ତ ସ୍ଥାନଗୁଡ଼ିକୁ କାଟି ଦେଇଥାଏ, ଏବଂ ମେକ୍ସିକୋ ସାଗର ମଧ୍ୟକୁ ଚାଲିଯାଏ। ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ସମଗ୍ର ବିଷୟଟି ଜଳରେ ଆଚ୍ଛାଦିତ ଥିଲା।

42 ତାହାପରେ, ତେବେ ଆମେ ଆଦିପୁସ୍ତକ 1 ରେ ପହଞ୍ଚୁ, ଆମେ ବର୍ତ୍ତମାନ ବାଇବଲରେ ଦେଖୁ, ଏବଂ ବାଇବଲରେ ଥିବା ଆମର ଚିତ୍ରରୁ ଦେଖୁ। ଆଦିପୁସ୍ତକ 1, "ପୃଥିବୀର କୌଣସି ରୂପ ନ ଥିଲା, ଓ ଜନଶୂନ୍ୟ ଥିଲା; ଏବଂ ସମଗ୍ର ଭୂମି ଉପରେ ଜଳ ଥିଲା।" କଅଣ ତାହା ଠିକ୍ କି? "ଏବଂ ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବିଚରଣ କଲା।" ତେବେ, ସେ ଜଳକୁ ପୃଥକ କଲେ, ପାହାଡ ଓ ସ୍ଥଳଭୂମି ଆଦିକୁ ନେଇକରି ଆସିଲେ; ଏହାକୁ ଶୁଖାଇଲେ। ତୃଣ ଏବଂ ସବୁକିଛି, ସେ ଏହାକୁ ପ୍ରସ୍ତୁତ କଲେ। ଏବଂ ସେ ଚନ୍ଦ୍ରକୁ ସୃଷ୍ଟି କଲେ। ଏବଂ ସମୁଦ୍ରର, ଏହାର ସୀମା ନିରୂପଣ କଲେ, ଯେଣୁ ଏହା ଅତିକ୍ରମ ନ କରିପାରେ।

43 ସେ ସେହି ସମସ୍ତ ବିଷୟଗୁଡିକୁ ଏକତ୍ର କଲେ, ନିର୍ମାଣ କଲେ…?…ଅନ୍ୟ ସମସ୍ତ ବିଷୟ, ସମସ୍ତ ପଶୁ ଜୀବନ, ପକ୍ଷୀ, ମହୁମାଛି, ମାଙ୍କଡ଼, ଏବଂ ତାହା ଯାହାକିଛି ବି ଥିଲା, ସେସବୁ କିଛିକୁ ଏଠାରେ ପୃଥିବୀରେ ରଖିଲେ। ଏବଂ ତାହାପରେ ସେ ଏହି ପ୍ରଶ୍ନକୁ ବର୍ତ୍ତମାନ ପଚାରିଲେ। "ଆମ୍ଭେମାନେ" (କିଏ? ପିତା ଏବଂ ପୁତ୍ର) "ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟର ନିର୍ମାଣ କରୁ।"

44 ତେବେ, ଯଦି ଜଣେ ବ୍ୟକ୍ତି ସେହିପରି କିଛି ଛୋଟ ପବିତ୍ର ପ୍ରଲାଶ ପରି ନିର୍ମାଣ କରାଯାଇଥିଲା, କିମ୍ବା ସେହିପରି କିଛି ଭାବରେ, ତେବେ ଏହା ଦେଖା ଯାଇପାରେ ନାହିଁ (ଯାହାକି ଏକ ଆତ୍ମିକ ଜୀବ ଅଟେ)। ସେ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ ଦ୍ୱାରା ନିଜର ଏକ ତ୍ରିତ୍ତ୍ୱ ଗଢିବା ପାଇଁ, ଆପଣାକୁ ଟିକିଏ ଅଧିକ ପ୍ରକାଶିତ ବା ଉନ୍ମୋଚିତ କଲେ। ଏବଂ ଏଠାରେ ପରମେଶ୍ୱର, ବର୍ତ୍ତମାନ ନିଜକୁ ସେହି ବିଷୟରେ, ଉନ୍ମୋଚିତ କରି ନେଇଥିଲେ "ଆମ୍ଭେମାନେ ମନୁଷ୍ୟର ନିର୍ମାଣ କରୁ," ଯାହାକି ତାହାଙ୍କର ପୁତ୍ର ଥିଲେ, ତାହାଙ୍କଠାରୁ ଉତ୍ପନ୍ନ ଏକ ସନ୍ତାନ ଥିଲେ, "ଆପଣା ନିଜ ପ୍ରତିମୂର୍ତ୍ତିରେ ମନୁଷ୍ୟ," ସେ ଜଣେ ଅଲୌକିକ ପ୍ରାଣୀ ଥିଲେ। "ଏବଂ ସେ ଖେଚର ପଶୁମାନଙ୍କ, ଇତ୍ୟାଦି ଉପରେ କର୍ତ୍ତୃତ୍ୱ କରିବେ।"

45 ତେବେ, ମନୁଷ୍ୟ ସେହି ମନୁଷ୍ୟର ନେତୃତ୍ୱ ନେଲା…ସେହି—ସେହି ପଶୁପଲ ଏବଂ ସବୁକିଛିର ନେତୃତ୍ୱ ନେଇଥିଲା, ଠିକ ଯେପରିକି ପବିତ୍ରଆତ୍ମା ଆଜି ଜଣେ ବାସ୍ତବିକ, ପ୍ରକୃତ ବିଶ୍ୱାସୀର ନେତୃତ୍ୱ କରିଥାନ୍ତି। ପରମେଶ୍ୱରଙ୍କ ରବ ସେଠାରେ…ମନୁଷ୍ୟର ସ୍ୱର, ବରଂ କଥା କହିପାରୁଥିଲା ଏବଂ ବ୍ୟକ୍ତ କରିପାରୁଥିଲା…ପଶୁମାନଙ୍କୁ *ଏପଟକୁ* ଡାକି ପାରୁଥିଲା, ମେଣ୍ଢାମାନଙ୍କୁ *ଏହି* ଚାରଣଭୂମିରେ ଡାକି ପାରୁଥିଲା, ମାଛମାନଙ୍କୁ *ଏହି* ଜଳକୁ ଡାକି ପାରୁଥିଲା। ଦେଖନ୍ତୁ, ତାହାଙ୍କର କର୍ତ୍ତୃତ୍ୱ ଥିଲା, ସବୁକିଛି ତାଙ୍କ କଥା ମାନୁଥିଲେ।

46 ବର୍ତ୍ତମାନ, ମାତ୍ର ତେବେ ସେଠାରେ ମୃତ୍ତିକା ଚାଷ କରିବାକୁ କୌଣସି ମଣିଷ ନ ଥିଲା, ଆଦିପୁସ୍ତକ 2, ମୃତ୍ତିକା ଚାଷ କରିବାକୁ କେହି ନ ଥିଲେ। "ଏବଂ ତାହାପରେ ପରମେଶ୍ୱର ମନୁଷ୍ୟକୁ ନିର୍ମାଣ କଲେ" (ଆଦିପୁସ୍ତକ 2:7) "ପୃଥିବୀର ଧୂଳିରୁ।" ତେବେ ସେ ଅନୁସରଣ କଲେ...ସେ ପୃଥିବୀର ଧୂଳିରୁ ମନୁଷ୍ୟକୁ ସୃଷ୍ଟି କଲେ, ଏବଂ ଏହି ଅଲୌକିକ ଆତ୍ମାକୁ ସ୍ଥାପନ କଲେ...

47 ତେବେ, ସେ ସେଠାରେ ପଡି ରହିଥିଲେ। ମୋ ପାଖରେ ଏହାର ଅନେକ ଚିତ୍ର ହୋଇପାରେ। ମୁଁ ଆଦମଙ୍କୁ ଠିଆ ହୋଇଥିବାର ଦେଖିପାରୁଛି...ଆସନ୍ତୁ ଏହି ଉପାୟରେ ନେବା, ତାଙ୍କୁ ଏକ ଗଛ ପରି ଠିଆ ହୋଇଥିବାର ଦେଖେ। ପରମେଶ୍ୱର ତାଙ୍କୁ ନିର୍ମାଣ କରିଥିଲେ। ସେ ଯଥା ସମ୍ଭବ ସେତିକି ମୃତ ଥିଲେ; ତାଙ୍କର ଆଙ୍ଗୁଠି, ମୂଳ ପରି, ଭୂମିରେ ଲାଗି ରହିଥିଲା। ଏବଂ ପରମେଶ୍ୱର କହିଲେ, "ସେଠାରେ ହୋଇଯାଉ," କିମ୍ୱା ତାଙ୍କ ଭିତରେ ଜୀବନର ଶ୍ୱାସବାୟୁକୁ ଫୁଙ୍କ ଦେଲେ, ଏବଂ ସେ ଡେଇଁ ପଡିଲେ, ନିଜ ଚେତା ପାଇଲେ। ସେ ଏକ...ତାଙ୍କ ଭିତରେ ଜୀବନର ଶ୍ୱାସବାୟୁ ଫୁଙ୍କ ଦେଲେ, ସେ ଏକ ଜୀବନ୍ତ ପ୍ରାଣ ହୋଇଗଲେ। ତେବେ, ଆଉ ସେ ଆଗକୁ ଗମନ କରିବାକୁ ଲାଗିଲେ, ବଢିବାକୁ ଲାଗିଲେ।

48 ଏବଂ ତାହାପରେ ପରମେଶ୍ୱର ତାହାର ପାର୍ଶ୍ୱରୁ ତାହାରି ଏକ ଖଣ୍ଡ, ଗୋଟିଏ ପଞ୍ଜର ନେଲେ, ଏବଂ ଏକ ସ୍ତ୍ରୀ ନିର୍ମାଣ କଲେ। ତେବେ, ସେ ସେହି ସ୍ତ୍ରୀ, ଆତ୍ମା କେଉଁଠୁ ପାଇଲେ? ଦେଖନ୍ତୁ? ଯେତେବେଳେ ସେ...ଆଦିପୁସ୍ତକ 1:26, ସେ କହିଥିଲେ, "ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟର ନିର୍ମାଣ କରୁ, ଆପଣା ସାଦୃଶ୍ୟ—ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ, ସେ ସେମାନଙ୍କୁ (ମନୁଷ୍ୟ) ପୁରୁଷ ଏବଂ ସ୍ତ୍ରୀ କରି ସୃଷ୍ଟି କରିଥିଲେ।" ସେ ପୁରୁଷ ପାଇଁ ବଳିଷ୍ଠ ଆତ୍ମା ସୃଷ୍ଟି କଲେ; ସେ ସ୍ତ୍ରୀ ପାଇଁ କୋମଳ, ଛୋଟ, ସୂକ୍ଷ୍ମ, ନାରୀ ଆତ୍ମା ତିଆରି କରିଥିଲେ।

49 ଏବଂ ଯେତେବେଳେ ଆପଣ ଜଣେ ସ୍ତ୍ରୀକୁ ପୁରୁଷ ପରି ଆଚରଣ କରୁଥିବାର ଦେଖନ୍ତି, ତେବେ ସେ ନିଜ ସ୍ଥାନରୁ ବାହାରି ଯାଇଅଛି, ଆପଣ ଦେଖନ୍ତୁ, ଆରମ୍ଭରେ। ବୁଝିଲେ? ଠିକ୍ ଅଛି। ସେ କରିବା କଥା...ମୁଁ ଭାବୁଛି ଯେ ଏହା ଏକ ଲଜ୍ଜାଜନକ ବିଷୟ ଅଟେ ଯେ ସ୍ତ୍ରୀମାନେ ସେମାନଙ୍କର କୋମଳ, ନାରୀ ସ୍ୱଭାବବିଶିଷ୍ଟ ସ୍ଥାନକୁ ହରାଇଛନ୍ତି। ଏହା ଏକ ଅପମାନ ଅଟେ। ମୁଁ ଆପଣଙ୍କୁ କହୁଛି, ଏହା ଅଟେ। ଏହା...ଆପଣ ଜାଣନ୍ତି, ମୁଁ ଏହା କହିବାକୁ ଯାଉଅଛି। ତେବେ, ମୁଁ ଏଠାରେ ଆପଣ ସ୍ତ୍ରୀମାନଙ୍କ ବିଷୟରେ କହୁ ନାହିଁ। ମାତ୍ର, ଅବଶ୍ୟ, ଯଦି ଏହା ଆଘାତ ଦିଏ, ତେବେ ତାହା କେବଳ ଦିଏ। ମାତ୍ର, ଦେଖନ୍ତୁ, ମୋତେ ଆପଣଙ୍କୁ କିଛି ପଚାରିବାକୁ ଦିଅନ୍ତୁ। ଏହା ପୂର୍ବରୁ ଥିଲା ଯେ ସ୍ତ୍ରୀମାନେ ଏତେ ନାରୀ ସ୍ୱଭାବବିଶିଷ୍ଟ ଥିଲେ ଯେ ଏପରିକି ଯଦି ଜଣେ ପୁରୁଷ ଯାଇ ସେମାନଙ୍କ ସହ କଥାବାର୍ତ୍ତା କରନ୍ତି ତେବେ ସେମାନେ ଲାଜେଇ ଯାଉଥିଲେ। ହୁଁ! ତେବେ ଯାହା ବି ହେଉ, ଲାଜେଇବା କଅଣ ଅଟେ? ମୁଁ ତାହାକୁ ଏତେ ଦିନ ମଧ୍ୟରେ ଦେଖି ନାହିଁ ଯେ ଏପରିକି ଯଦି ଜଣେ ସ୍ତ୍ରୀଲୋକ ଲାଜେଇ ଯାଆନ୍ତି

ମୁଁ ତାହା ବୁଝିପାରେ ନାହିଁ। ସେମାନଙ୍କ ପାଖରେ ଆଉ ଅଧିକ ସେହିପରି ସମ୍ମାନ ନାହିଁ, ସେଠାରେ ସେହି ସମସ୍ତ ଉତ୍ତମ ନାରୀବିଶିଷ୍ଟ ଆତ୍ମା। ସେମାନେ ତ କେବଳ…ସେମାନେ କରିପାରନ୍ତି…ସେମାନେ ପୁରୁଷ ପରି ପୋଷାକ ପିନ୍ଧିବେ, ପୁରୁଷ ପରି କେଶ କାଟିବେ, ପୁରୁଷ ପରି ଧୂମପାନ କରିବେ, ପୁରୁଷ ପରି ମଦ୍ୟପାନ କରିବେ, ପୁରୁଷ ପରି ଗାଳି ଦେବେ, ପୁରୁଷ ପରି ମତଦାନ କରିବେ, ପୁରୁଷ ପରି କାମ କରିବେ, ତେଣୁ, କଠୋର ହୋଇଯିବେ, ବଳିଷ୍ଠ ହୋଇଯିବେ। ଓଃ, ମୋର ପ୍ରଭୁ! ତାହା ଏହା ଦେଖାଏ ଯେ ଆପଣ କେଉଁଠାରେ ପହଞ୍ଚିଛନ୍ତି। ତାହା ଅବିକଳ ଠିକ୍।

50 ସେହି ଛୋଟ ମହିଳା-ପରି, ଆପଣ ତାଙ୍କୁ ଆଉ ଅଧିକ ସେପରି ଦେଖନ୍ତି ନାହିଁ, ତାହାଙ୍କୁ ସେପରି ପାଇବା ଏକ କଷ୍ଟକର ବ୍ୟକ୍ତି ଅଟେ। କଅଣ ତାହା ଠିକ୍ ନୁହେଁ କି? ହଁ, ତାହା ସତ୍ୟ ଅଟେ। ତେଣୁ ଜଣେ ସ୍ତ୍ରୀଲୋକକୁ ଠିଆ ହୋଇ ଜଣେ ପୁରୁଷ ପରି, ଜଣେ ବଡ ଏବଂ ବଳିଷ୍ଠ ଭାବରେ ଆଚରଣ କରିବା ଉଚିତ୍ ନୁହେଁ, କାରଣ ସେ ସୂକ୍ଷ୍ମ, କୋମଳ ଅଟେ। ପରମେଶ୍ୱର ତାଙ୍କୁ ସେହିପରି ଭାବରେ ନିର୍ମାଣ କରିଛନ୍ତି। ମୁଁ ତାହା ଶାସ୍ତ୍ର ଦ୍ୱାରା ପ୍ରମାଣ କରିପାରେ। ହଁ, ଆଜ୍ଞା। ତାହା ଠିକ୍ ଅଟେ। ଏବଂ…

51 ମାତ୍ର, ଅବଶ୍ୟ, ଆମେ ଏହି ପ୍ରଶ୍ନରୁ ଦୂରେଇ ଯାଇଅଛୁ, ମାତ୍ର ମୁଁ ଏହି ପ୍ରଶ୍ନରୁ ଅଧିକ ଦୂରେଇ ଯିବାକୁ ଚାହୁଁ ନାହିଁ। ମାତ୍ର, ଦେଖନ୍ତୁ, ସେହିଠାରେ ହିଁ ଅଟେ ଯେଉଁଠିକି ସେ ତାହାଙ୍କର ପ୍ରଥମ ମନୁଷ୍ୟକୁ ନିର୍ମାଣ କରିଥିଲେ, ତାହା ତାଙ୍କର ନିଜର ପ୍ରତିମୂର୍ତ୍ତୀରେ ଥିଲା।

52 ଏବଂ ତାହାପରେ, ପରମେଶ୍ୱର, ଏହା ପୂର୍ବେକି ଗୋଟିଏ ନକ୍ଷତ୍ର ସୁଦ୍ଧା ରହିଥାଆନ୍ତା, ଜାଣିଥିଲେ ଯେ ଏହି ଜଗତ ରହିବ। ଏବଂ ସେ ଜାଣିଥିଲେ ଯେ ମୁଁ ୱିଲିୟମ୍ ବ୍ରାନହାମ୍ ରହିବି ଯିଏକି ମଞ୍ଚରୁ ସୁସମାଚାର ପ୍ରଚାର କରୁଥିବି ଏବଂ ଆପଣ ଜନ୍ ଡୋ/ ହେବେ ଯିଏକି ସେଠାରେ ବସି ତାହା ଶୁଣୁଥିବେ, ଏପରିକି ଜଗତ ସୁଦ୍ଧା ଆରମ୍ଭ ହୁଅନ୍ତା। ହାଲ୍ଲେଲୁୟା!

53 ବର୍ତ୍ତମାନ, ସେହିଠାରେ ହିଁ ଅଟେ ଯେଉଁଠାରେକି ଲୋକମାନେ ବେଳେବେଳେ, ସେହି—ସେହି ଆଇନବାଦୀ ଏବଂ କାଲ୍‌ଭିନ୍‌ବାଦୀମାନେ, ସବୁକିଛିକୁ ମିଶା ଗୋଳା କରି ଦିଅନ୍ତି। ବୁଝିଲେ? ସେମାନେ କୁହନ୍ତି, "ଜଣେ ବିନଷ୍ଟ ହେବା ପାଇଁ କାହିଁକି ନିରୂପିତ ହୋଇଥିଲା?" ପରମେଶ୍ୱର ଇଚ୍ଛା କରନ୍ତି ନାହିଁ ଯେ କେହି ହେଲେ ବିନଷ୍ଟ ହୁଅନ୍ତୁ। କେହି ବିନଷ୍ଟ ହୁଅନ୍ତୁ ବୋଲି ସେ ଚାହାଁନ୍ତି ନାହିଁ, ମାତ୍ର ତଥାପି, ପରମେଶ୍ୱର ହୋଇଥିବା ହେତୁରୁ, ସେ ଜାଣନ୍ତି ଯେ ସେଠାରେ କେତେକ ଅଛନ୍ତି ଯେଉଁମାନେକି ଏହାକୁ ଗ୍ରହଣ କରିବେ ନାହିଁ। ବୁଝିଲେ? ବୁଝିଲେ, ତାହାଙ୍କଠାରେ ରହିଛି…ପରମେଶ୍ୱର ହେବା ପାଇଁ ତାହାଙ୍କୁ ଆରମ୍ଭରୁ ଶେଷ ଜାଣିବାକୁ ଥିଲା। କଅଣ ସେ ନୁହଁନ୍ତି କି?

54 ତେଣୁକରି ସେ ଜାଣିଥିଲେ ଯେ ତାହାଙ୍କର କେତେକ ସ୍ତ୍ରୀଲୋକ ରହିବାକୁ ଯାଉଛନ୍ତି, ତେଣୁ ସେ ଠିକ ସେହିଠାରେ ହିଁ ସେମାନଙ୍କର ଆତ୍ମାଙ୍କୁ ସୃଷ୍ଟି କରିଥିଲେ। ବାଇବଲ କୁହେ ଯେ ସେ ତାହା, 1 ରେ, ଆଦିପୁସ୍ତକ 1:26 ରେ କରିଥିଲେ, "ସେ ତାଙ୍କୁ ପୁରୁଷ ଭାବେ, ମଣିଷ

କରି ସୃଷ୍ଟି କଲେ," ପୂର୍ବଚିତ୍ରଣରେ, "ପୁରୁଷ ଏବଂ ସ୍ତ୍ରୀ ସୃଷ୍ଟି କରି ସୃଷ୍ଟି କରିଥିଲେ।" ଆମେନ୍। ବୁଝିଲେ? ପୂର୍ବଚିତ୍ରଣରେ, ସେ ସେମାନଙ୍କୁ ସ୍ତ୍ରୀ ଏବଂ ପୁରୁଷ କରି ସୃଷ୍ଟି କରିଥିଲେ ଏହା ପୂର୍ବେ କି ସେମାନେ କେବେ ପୃଥିବୀର ଧୂଳିରୁ ସୃଷ୍ଟି ହୋଇଥାଆନ୍ତି।

55 ଏବଂ ତାହାପରେ ପରମେଶ୍ୱର ସେହି ମନୁଷ୍ୟକୁ ନିର୍ମାଣ କଲେ, ତାହାଙ୍କର ନିଜର ପ୍ରତିମୂର୍ତ୍ତିରେ ନୁହେଁ। ଏହି ଶରୀରଟି ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନାହିଁ, ଏହି ଶରୀରଟି ତ ପଶୁମାନଙ୍କ ପ୍ରତିମୂର୍ତ୍ତିରେ ଅଟେ।

56 କଅଣ ମୁଁ ମୋର କୋଟ କାଢି ଦେଇପାରେ କି? ଏହା ଏଠାରେ ଗରମ ହେବାକୁ ଲାଗୁଛି। ମୁଁ ଏକ ଚିରା ସାର୍ଟ ପିନ୍ଧିଛି, ମାତ୍ର ଆପଣ ତାହା ଜାଣିପାରିବେ ନାହିଁ। ପତ୍ନୀ ମୋତେ କହିଲେ ଯେ ଜେସି କପଡା ନେବା ପାଇଁ ଆସି ନାହିଁ, ତେଣୁକରି...ମାତ୍ର, ଦେଖନ୍ତୁ, ଆମେ ଏଠାରେ ଏପରି ଏକ ବିଷୟ ଉପରେ ଅଛୁ, ଯାହାର ମହତ୍ତ୍ୱ ପ୍ରଚାର ମଞ୍ଚ ଉପରେ ପିନ୍ଧା ଯାଇଥିବା ଚିରା ସାର୍ଟଠାରୁ ଅଧିକ ଅଟେ। କଅଣ ଏହା ନୁହେଁ କି? ଏହାର ଅଭିପ୍ରାୟ ଅନନ୍ତ ଜୀବନ ଅଟେ।

57 ବର୍ତ୍ତମାନ, ମନୁଷ୍ୟକୁ ଲକ୍ଷ୍ୟ କରନ୍ତୁ। ପରମେଶ୍ୱର ଆରମ୍ଭରେ ଜାଣିଥିଲେ ଯେ ତାଙ୍କର ପୁରୁଷ ଏବଂ ସ୍ତ୍ରୀମାନେ ରହିବାକୁ ଯାଉଛନ୍ତି, ଏବଂ ସେ ଜାଣିଥିଲେ ଯେ ତ୍ରାଣକର୍ତ୍ତା ଏଠାରେ ରହିବେ ଏବଂ ତାହାଙ୍କୁ ଯୀଶୁଙ୍କୁ ଆଣିବାକୁ ପଡିବ, ଓ ସେ କ୍ରୁଶାର୍ପିତ ହେବେ। ଏବଂ ଯୀଶୁ ଶିଷ୍ୟମାନଙ୍କୁ କହିଲେ, ଯେତେବେଳେ ସେ ଏଠାରେ ପୃଥିବୀପୃଷ୍ଠରେ ଥିଲେ, ଯେ ସେ "ସେମାନଙ୍କୁ ଜଗତ ପତ୍ତନାବଧି ପୂର୍ବରୁ ସୁଦ୍ଧା ଜାଣିଥିଲେ," ଏପରିକି ଜଗତ ସୃଷ୍ଟି ମଧ୍ୟ ହୋଇ ନ ଥିଲା।

58 ଏବଂ ପରମେଶ୍ୱର ମଧ୍ୟ, କହିଥିଲେ, କିମ୍ବା ପାଉଲ, ଗାଲାତୀୟରେ କହିଥିଲେ, କହିଲେ ଯେ "ଜଗତ ସୃଷ୍ଟି ହେବା ପୂର୍ବରୁ ସେ ତାହାଙ୍କଠାରେ ଆମମାନଙ୍କୁ ନିଯୁକ୍ତ କରିଥିଲେ ଏବଂ ଆମମାନଙ୍କୁ ଆହ୍ୱାନ କରିଥିଲେ।" ତାହା ବିଷୟରେ ଚିନ୍ତା କରନ୍ତୁ! ଯେ ପରମେଶ୍ୱର... ଶାସ୍ତ୍ର ତାହା ସମ୍ବନ୍ଧରେ କଅଣ କୁହେ ସେ ବିଷୟରେ କେହି ଶୁଣିବାକୁ ଚାହାଁନ୍ତି, ତେବେ ନିଜର ହାତ ଉଠାନ୍ତୁ। ଏହା ଠିକ ପ୍ରଶ୍ନ ସହିତ ଚାଲିଥାଏ। ମୋ ସହିତ ଗାଲାତୀୟରେ, ତାର 1ମ ପର୍ବକୁ ଆସନ୍ତୁ। ଏଠାରେ ଦେଖନ୍ତୁ। ମୋର କହିବାର ଅର୍ଥ ଗାଲାତୀୟ ନୁହେଁ, ମୋର ଅର୍ଥ ଏଫିସୀୟ ଅଟେ। ତେବେ ପରମେଶ୍ୱର ଯାହା କହିଛନ୍ତି ତାହା ଧ୍ୟାନ ସହକାରେ ଶୁଣନ୍ତୁ, ଏଫିସୀୟ 1:

*ପାଉଲ, ପରମେଶ୍ୱରଙ୍କ ଇଚ୍ଛାରେ ଖ୍ରୀଷ୍ଟ ଯୀଶୁଙ୍କ ଜଣେ ପ୍ରେରିତ, ଏଫିସରେ ଥିବା ସାଧୁ ଓ ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ୱାସୀମାନଙ୍କ ନିକଟକୁ ଲେଖୁଅଛି।*

*ଆମ୍ଭମାନଙ୍କ ପିତା ଈଶ୍ୱର, ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଅନୁଗ୍ରହ, ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ।*

*ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଦେଇ ଆଶୀର୍ବାଦ କରିଅଛନ୍ତି:*

59 ତେବେ, ତାହା ଏଠାରେ ଅଟେ, ଧ୍ୟାନ ଦିଅନ୍ତୁ:

> *ଏଥିପାଇଁ ସେ ଜଗତର ପତ୍ତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ,...*(ହ୍ୟା!)

60 ତାହା ବହୁତ ଭଲ ଅଟେ। କଅଣ ଏହା ନୁହେଁ କି? ତାହା ବହୁତ ଭଲ ନୁହେଁ, ତାହା ପ୍ରକୃତରେ ବହୁତ ଭଲ ଅଟେ! ଜଗତର ମୂଳଦୁଆ ରହିବା ପୂର୍ବରୁ, ପରମେଶ୍ୱର ଓର୍ମାନ ନେଭିଲଙ୍କୁ ଜାଣିଥିଲେ ଏବଂ ଏହା ଜାଣିଥିଲେ ଯେ ସେ ସୁସମାଚାର ପ୍ରଚାର କରିବେ। କଅଣ ତାହା ଅଦ୍ଭୁତ ନୁହେଁ କି? "ମନୋନୀତ କଲେ..." କାହିଁକି, ସେ ତ ମଣ୍ଡଳୀର ଜଣେ ସଦସ୍ୟ ଅଟନ୍ତି, ଏବଂ ପରମେଶ୍ୱର ଜାଣିଥିଲେ ଯେ ତାଙ୍କର ସେହି ମଣ୍ଡଳୀ ରହିବାକୁ ଯାଉଅଛି। ଏବଂ ସେ କହିଲେ, ପାଉଲ ଏଫିସରେ ଥିବା ମଣ୍ଡଳୀ ସହିତ କଥାବାର୍ତ୍ତା କରି, କହୁଛନ୍ତି, "ସେ ଆମ୍ଭମାନଙ୍କୁ ତାହାଙ୍କଠାରେ ମନୋନୀତ କଲେ।" ତେବେ, ଆମେ ସମସ୍ତେ ଖ୍ରୀଷ୍ଟଙ୍କ ଶରୀରର ସଦସ୍ୟ ଅଟୁ। କଅଣ ତାହା ଠିକ୍ କି? ଏବଂ ପରମେଶ୍ୱର, ଏପରିକି ଜଗତ ସୃଷ୍ଟି ହୁଅନ୍ତା ତାହା ପୂର୍ବରୁ, ଆପଣଙ୍କୁ ଓ ମୋତେ ତାହାଙ୍କଠାରେ ମନୋନୀତ କରି ନେଇଥିଲେ ଏହା ପୂର୍ବେକି ଜଗତ କେବେ ସୃଷ୍ଟି ହୋଇଥିଲା। ହ୍ୟା! ମୋର ପ୍ରଭୁ! କଅଣ ତାହା ଅଦ୍ଭୁତ ନୁହେଁ କି?

61 ତେବେ, ପ୍ରଥମ ମଣିଷ, ବର୍ତ୍ତମାନ, ସେ ପ୍ରଥମ ମଣିଷକୁ ନିଜର ପ୍ରତିମୂର୍ତ୍ତିରେ ସୃଷ୍ଟି କଲେ, ଏବଂ ଆମେ ସେହି ପ୍ରତିମୂର୍ତ୍ତି ନିକଟକୁ ଫେରି ଯାଉଅଛୁ, ତାହା ଠିକ୍, ଆମର ପ୍ରଥମ ସୃଷ୍ଟ ପ୍ରତିମୂର୍ତ୍ତି ନିକଟକୁ।

62 ଯେତେବେଳେ ପରମେଶ୍ୱର ମୋତେ ସୃଷ୍ଟି କଲେ, ୱିଲିୟମ୍ ବ୍ରାନହାମ୍‌କୁ, ମୁଁ ଜଗତ ସୃଷ୍ଟି ହେବା ପୂର୍ବରୁ ଥିଲି, ସେ ମୋର ସୃଷ୍ଟିକୁ, ମୋର ଆତ୍ମାକୁ ନିର୍ମାଣ କରିଥିଲେ। ମୁଁ ଯେତେ ଦୂର ଜାଣିଛି କୌଣସି ବିଷୟରେ ମୁଁ ସଚେତନ ନ ଥିଲି, କିନ୍ତୁ ସେହି...ମୁଁ ସେଠାରେ ଥିଲି। ଓଃ, ମୁଁ—ମୁଁ ବିଶ୍ୱାସ କରେ ନାହିଁ ଯେ ଆପଣ ଏହା ବୁଝୁଛନ୍ତି। ମାତ୍ର ତେବେ, କେବଳ ଗୋଟିଏ ମିନିଟ୍, ଯୀଶୁ ଶିଷ୍ୟମାନଙ୍କୁ କହିଥିଲେ ଯେ ସେ "ସେମାନଙ୍କୁ ଜଗତ ସୃଷ୍ଟି ହେବା ପୂର୍ବରୁ ଜାଣିଥିଲେ," ଏବଂ ପାଉଲ ଏଠାରେ କହିଲେ ଯେ "ଜଗତ ଆରମ୍ଭ ହେବା ପୂର୍ବରୁ ସେ ଆମକୁ ତାହାଙ୍କଠାରେ ମନୋନୀତ କରିଥିଲେ।" ତେବେ, ମୋର, ଓର୍ମାନ ନେଭିଲ୍‌ର କିଛି ଅଂଶ, ପୁଣି ଏଠାରେ ଥିବା ଅବଶିଷ୍ଟ ଆପଣ ସମସ୍ତଙ୍କର କିଛି ଗୋଟାଏ ଅଂଶ ଥିଲା, ଯାହାକି ଜଗତ ଆରମ୍ଭ ହେବା ପୂର୍ବରୁ ଖ୍ରୀଷ୍ଟ ଯୀଶୁଙ୍କଠାରେ ରହିଅଛି। ଏବଂ ତାହା ବିଷୟରେ ଏଠାରେ ମୋର ବିଶ୍ଳେଷଣ ଅଟେ। ମୁଁ ଭାବେ ଯେ ଆଜି ଯେଉଁ ଲୋକମାନେ ଏହି ଆତ୍ମାରେ ଆବିଷ୍ଟ ଅଛନ୍ତି, କିମ୍ବା ସେହି ଆତ୍ମାରେ, ଏହି ଦୂତବିଶିଷ୍ଟ ପ୍ରାଣୀମାନଙ୍କର ଏକ ଅଂଶ, ସେହି ଆତ୍ମାଗୁଡ଼ିକ ଯାହାକି ପରମେଶ୍ୱରଙ୍କଠାରୁ ବାହାରି ଆସିଥିଲେ, ଯେଉଁମାନେକି ଆରମ୍ଭରେ କେବେ ପତିତ ହୋଇ ନ ଥିଲେ ଏବଂ ସ୍ୱର୍ଗରେ ଶୟତାନର ମିଥ୍ୟାକୁ ପ୍ରତିରୋଧ କରିଥିଲେ।

63 ପୃଥିବୀର ଦୁଇ-ତୃତୀୟାଂଶ ପାପରେ ଅଛନ୍ତି, ଏବଂ ତାହାଠାରୁ ଅଧିକ, ଯାହାକି ଦୁଇ-ତୃତୀୟାଂଶ ଦୂତମାନଙ୍କୁ ବାହାର କରି ଦିଆଯାଇଥିଲା। ଏବଂ ସେହି ଭୂତ ଆତ୍ମାଗୁଡିକ ଲୋକମାନଙ୍କ ଭିତରକୁ ଆସିଲେ ଏବଂ ସେମାନଙ୍କ ଶରୀରରେ ବାସ କଲେ। ଦେଖନ୍ତୁ ମୋର କହିବାର ଅର୍ଥ କଅଣ ଅଟେ? ସେମାନେ ସେହି କ୍ଷଣି ହିଁ ଭୂତ ଅଟନ୍ତି...ସେମାନେ ଏକଦା ବିଦ୍ୟମାନ ଥିଲେ ଏବଂ ସେମାନେ ଲୋକମାନଙ୍କ ଭିତରକୁ ଆସିଲେ ଓ ସେମାନଙ୍କୁ ଏକ ପ୍ରକୃତି ପ୍ରଦାନ କଲେ। ଯୀଶୁ ମଗ୍ଦଲନୀ ମରିୟମଠାରୁ ସେମାନଙ୍କ ମଧ୍ୟରୁ ସାତୋଟିକୁ ବାହାର କରିଥିଲେ। ଅଭିମାନ, ଗର୍ବ (ବଡ ଲୋକ, ଆପଣ ଦେଖନ୍ତୁ), ଅଶୁଚି, ଅପରିଷ୍କାର, ଅଶ୍ଳୀଳତା, ଅନୁକରଣ, ଝଗଡା ଏହି ସମସ୍ତ ବିଷୟ, ଦେଖନ୍ତୁ।

64 ସେଗୁଡ଼ିକ ସେହି ଆତ୍ମାମାନ ଥିଲା ଯେଉଁମାନେକି ସେଠାରେ ସେହି ପଶ୍ଚାତ ସମୟରେ ସୃଷ୍ଟି କରାଯାଇଥିଲେ ଯେତେବେଳେ ପରମେଶ୍ୱର ସେଠାରେ ଆପଣାର ନିଜ ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ନିର୍ମାଣ କରିବା ଆରମ୍ଭ କରିଥିଲେ। ସେହି ଅଲୌକିକ ପ୍ରାଣୀମାନଙ୍କୁ, ସେହି ଆତ୍ମାଗୁଡିକୁ ସୃଷ୍ଟି କରିଥିଲେ।

65 ଏବଂ ତାହାପରେ ସେ ମନୁଷ୍ୟକୁ ପୃଥିବୀର ଧୂଳିରେ ରଖିଲେ, ଯାହାକି ପ୍ରଥମ ମନୁଷ୍ୟ, ଆଦମ ଥିଲେ। ଏବଂ ସେହି ମନୁଷ୍ୟଟି ସେହି ପ୍ରତିମୂର୍ତ୍ତିରେ ନିର୍ମାଣ କରାଯାଇଥିଲା, ଏଠାରେ ଥିବା ଏହି ମାନବୀୟ ମଣିଷ, ପଶୁଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ହୋଇଥିଲା। ଏହି ମାନବୀୟ ଶରୀରଗୁଡିକ ପଶୁମାନଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ଅଟେ।

66 ଆମେ ମାଙ୍କଡ଼ ପରି ଏକ ହାତ ପାଇଛୁ, ଏବଂ—ଏବଂ ଭାଲୁ ପରି ଏକ ପାଦ ପାଇଛୁ। ଏକ ଛୋଟ ଭାଲୁ ଛୁଆକୁ ନିଅନ୍ତୁ, ତାର ଚର୍ମକୁ ଟାଣି ଦିଅନ୍ତୁ, ତାହାଠାରୁ ତାର ଚମଡା କାଢି ନିଅନ୍ତୁ ଏବଂ ଏକ ଛୋଟ ଶିଶୁ କନ୍ୟାକୁ ଓଲଟାଇ ତାର ପାଖରେ ରଖି ଦିଅନ୍ତୁ ଏବଂ ପାର୍ଥକ୍ୟକୁ ଦେଖନ୍ତୁ। ହୁଁ! ଭାଇ, ଆପଣଙ୍କୁ ନିଶ୍ଚିତରେ ତାହାକୁ ଧ୍ୟାନ ସହକାରେ ଦେଖିବା କଥା। ସମଗ୍ର ବକ୍ଷସ୍ଥଳ ଅଂଶ, ରୂପ ଆକୃତି, ପ୍ରାୟଃ ପ୍ରାୟଃ ସମାନ ଅଟେ, ଯେଉଁପରି ଭାବରେ ଏହା ନିର୍ମିତ ହୋଇଥାଏ ଏବଂ ଯାହା ଏହାର ରୂପ ଅଟେ, ଏବଂ ସବୁକିଛି ବିଷୟ ଅବିକଳ ଠିକ୍ ସମାନ ଅଟେ। ଏହା ପଶୁ ଜୀବନର ସେହି ପ୍ରତିମୂର୍ତ୍ତିରେ ଅଟେ କାରଣ ତାହାକୁ ଏକ ପଶୁର କ୍ରମରେ କିଛି ଗୋଟାଏ ଭାବରେ ନିର୍ମିତ କରା ଯାଇଥିଲା, କାରଣ ସେହି ପଶୁକୁ କଢେଇ ନେବା ତାହାର କର୍ତ୍ତବ୍ୟ ଥିଲା।

67 ଏବଂ ଆପଣ ଜଣେ ମନୁଷ୍ୟଠାରୁ ପବିତ୍ରଆତ୍ମାକୁ କାଢି ନିଅନ୍ତୁ, ସେ ପଶୁଠାରୁ ମଧ୍ୟ ହୀନ ହୋଇଯାଏ, ସେ ପଶୁଠାରୁ ମଧ୍ୟ ମନ୍ଦ ହୋଇଯାଏ। ତାହା କହିବା ଏକ କଠୋର ବିଷୟ ଅଟେ। କିନ୍ତୁ ଆପଣ ଏପରି ଜଣେ ବ୍ୟକ୍ତିଙ୍କୁ ନିଅନ୍ତୁ, ଯିଏକି ତାର ମସ୍ତିଷ୍କରେ ପର୍ଯ୍ୟାପ୍ତ ବୃଦ୍ଧିଲାଭ କରି ନାହିଁ, ତାର ଚିନ୍ତାଧାରାକୁ ନିର୍ଦ୍ଦେଶ ଦେବା ପାଇଁ ପବିତ୍ରଆତ୍ମା ବିନା ରହିଥାଏ, ଏବଂ—ଏବଂ ସେହିପରି ବିଷୟସବୁ, ସେ ତ ଏକ ମାଆର କୋଳରୁ ଗୋଟିଏ ଶିଶୁକୁ ଫୋପାଡି ଦେଇ ପଶୁତୁଲ୍ୟ କାମ ଲୋଭ ପାଇଁ ତାକୁ ନଷ୍ଟ କରିଦେବ। ତାହା ଅବିକଳ ଠିକ୍।

68 ଏବଂ ଜଣେ ସ୍ତ୍ରୀଲୋକ ଯିଏକି ଭଲ ନ ଥାଏ। ଆପଣ ଏକ ବୃଦ୍ଧ ମାତା ଘୁଷୁରି କିମ୍ବା ଏକ ପୁରୁଣା କୁକୁର ନିଅନ୍ତୁ, ଆମେ ଏହାକୁ ସମସ୍ତ ପ୍ରକାରର ନାମ ଦେଇଅଛୁ...କିନ୍ତୁ ତାର ନୈତିକତା କେବଳ ତାର ଛୁଆମାନେ ଅଟନ୍ତି, ଏବଂ ଘୁଷୁରି ପାଇଁ ତାର ଛୁଆମାନେ ଅଟନ୍ତି, ମାତ୍ର ଜଣେ ସାଧାରଣ ଅ-ଉତ୍ତମ ନାରୀ ଠିକ ସେତିକି...ସବୁ ସମୟରେ ଅପରିଷ୍କାର ହିଁ ଅଟେ। ତାହା ଠିକ୍। ତେଣୁ ମନେରଖନ୍ତୁ, ଯେ ଆପଣ...ଖ୍ରୀଷ୍ଟଙ୍କ ବିନା, ଆପଣଙ୍କର ନୈତିକତାଗୁଡିକ...ଗୋଟିଏ କୁକୁରଠୁଁ ସୁଦ୍ଧା ତଳକୁ ଖସି ଯାଇପାରେ। ତାହା ଠିକ୍।

69 କୁକୁରକୁ ନିଜକୁ ଘୋଡାଇବା ପାଇଁ ପୋଷାକ ପିନ୍ଧିବାକୁ ପଡ଼େ ନାହିଁ, ଅନ୍ୟ କୌଣସି ପ୍ରାଣୀକୁ ନୁହେଁ। ଏହା ତ ମନୁଷ୍ୟ ଥିଲା ଯିଏକି ପତିତ ହୋଇଥିଲା, ପଶୁ ଜୀବନ ନୁହେଁ। କିନ୍ତୁ, ମନୁଷ୍ୟର (ମାନବ ଜୀବନ) ଅଧୀନରେ ଥିବା ସେହି ପଶୁ ଜୀବନଟି, ତାହା ପ୍ରତି ସମର୍ପିତ ଥିଲା କାରଣ ମନୁଷ୍ୟ ତାର ମାର୍ଗଦର୍ଶକ ଏବଂ ତାର ସର୍ବୋଚ୍ଚ ନେତା ଥିଲା। ଏବଂ କ୍ଷେତ୍ରର ପ୍ରତ୍ୟେକ ପଶୁ ଏକ ମନୁଷ୍ୟକୁ ଭୟ କରେ।

70 କେହି ଜଣେ ମୋତେ, କୌଣସି ସମୟରେ, ଶିକାର ବିଷୟରେ ପଚାରୁଥିଲେ, "କଅଣ ଆପଣ ଏହାକୁ ଭୟ କରନ୍ତି କି?" କାହିଁକି, ପ୍ରତ୍ୟେକ ପଶୁ ଯିଏକି କେବେ ସୃଷ୍ଟ ହୋଇଥିଲା ଜଣେ ମନୁଷ୍ୟକୁ ଭୟ କରେ, କାରଣ ତାହା ଆରମ୍ଭରୁ ହିଁ ସେହିପରି ଅଟେ। ବୁଝିଲେ? ନିଶ୍ଚିତ ଅଟେ। ଆପଣ ଦୌଡ଼ନ୍ତି ଓ ସେ ଆପଣଙ୍କ ପଛରେ ଦୌଡ଼ିବ, ତାହା ଠିକ୍, ମାତ୍ର, ଗୋଟିଏ କୁକୁର କିମ୍ବା ଯାହାକିଛି ଆପଣ ଚାହାଁନ୍ତି। ଠିକ୍ ଅଛି।

71 କିନ୍ତୁ ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ ତେବେ, ସେହି ମନୁଷ୍ୟ ଯେତେବେଳେ ସେ ଏଠାରେ ତଳକୁ ଆସିଲା...ତେବେ ଦେଖନ୍ତୁ, ଏଠାରେ...ଆପଣ କୁହନ୍ତି, "ତେବେ, ଭାଇ ବ୍ରାନହାମ୍, ବର୍ତ୍ତମାନ ତାହା ବିଷୟରେ କଅଣ?"

72 ତେବେ, ଠିକ ଏଠାରେ ଆପଣ ପରମେଶ୍ୱରଙ୍କୁ ସେହି ଅବିକଳ ଭାବରେ ପାଆନ୍ତି, ଏବଂ ଏକତ୍ତ୍ୱବାଦ ଓ ତ୍ରିତ୍ତ୍ୱବାଦ ମଧ୍ୟରେ ଆପଣ ସେହି ବିଷୟକୁ ଠିକ ଏଠାରେ ବର୍ତ୍ତମାନ ପାଇବେ। ତେବେ ଦେଖନ୍ତୁ! ଯେତେବେଳେ ପରମେଶ୍ୱର ତଳକୁ ଆସିଲେ, ଆପଣାକୁ ଉନ୍ମୋଚିତ କଲେ, ଏପରି ଭାବରେ ଆପଣାକୁ ଉନ୍ମୋଚିତ କଲେ ଯେ ଏପରିକି ସେ ଏହି ବ୍ୟକ୍ତିଙ୍କ ନିକଟକୁ ଆସିଗଲେ। ବର୍ତ୍ତମାନ, ମନୁଷ୍ୟ ନିଜ ଆତ୍ମାରେ ପାପ କରି ନ ଥିଲା, ବରଂ ନିଜର ଶରୀରରେ, ଲୋଭ, ଆବେଗରେ ପାପ କରିଥିଲା। ତାହାପରେ ଯେତେବେଳେ ସେ ପାପ କଲା, ସେ ଆପଣାକୁ ନିଜର ସୃଷ୍ଟିକର୍ତ୍ତାଙ୍କଠାରୁ ଅଲଗା କରି ନେଲା। ଏବଂ ତାହାପରେ ପରମେଶ୍ୱର, ସେହି ଲୋଗୋସ୍, ତାହାଙ୍କର ଠିକ ସେହି ସୃଷ୍ଟିକର୍ତ୍ତା, ତଳକୁ ଓହ୍ଲାଇ ଆସିଲେ ଓ ମନୁଷ୍ୟର ପ୍ରତିମୂର୍ତ୍ତିରେ ନିର୍ମାଣ କରାଗଲେ। ମନୁଷ୍ୟ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମାଣ କରାଗଲେ, ଏବଂ ତାହାପରେ ସେ ପଶୁର ପ୍ରତିମୂର୍ତ୍ତିରେ ନିର୍ମାଣ କରାଗଲେ, ଆଉ ସେ ପତିତ ହେଲା। ଏବଂ ପରମେଶ୍ୱର ମନୁଷ୍ୟର ପ୍ରତିମୂର୍ତ୍ତିରେ ତଳକୁ ଓହ୍ଲାଇ ଆସିଲେ, ମନୁଷ୍ୟ ଖ୍ରୀଷ୍ଟ ଯୀଶୁଙ୍କଠାରେ, ଯନ୍ତ୍ରଣା ଭୋଗି କରିବା ନିମନ୍ତେ। ପରମେଶ୍ୱର ଆତ୍ମାରେ ଯନ୍ତ୍ରଣା

ଭୋଗ କରିପାରିବେ ନାହିଁ। କିପରି ଭାବରେ ସେ ଆତ୍ମାରେ ଶାରୀରିକ ଯନ୍ତ୍ରଣା ଭୋଗ କରିପାରିବେ? ସେ ତାହା କରିପାରିବେ ନାହିଁ। ତେଣୁ ପରମେଶ୍ୱର ଆପଣାକୁ ଉନ୍ମୋଚିତ କଲେ ଓ ମନୁଷ୍ୟର ପ୍ରତିମୂର୍ତ୍ତିରେ ନିର୍ମାଣ କରାଗଲେ, ଯେପରିକି ହଜିଯାଇଥିବା ବ୍ୟକ୍ତିଙ୍କୁ ମୁକ୍ତ କରାଯାଏ। ବୁଝିଲେ?

73 ଏବଂ ତାହାପରେ ପରମେଶ୍ୱର ଶରୀରରେ ଯନ୍ତ୍ରଣା ଭୋଗ କଲେ। ପ୍ରଥମ ତୀମଥି 3:16, "ସମସ୍ତେ ସ୍ୱୀକାର କରନ୍ତି," ତାହା ଏକ ଯୁକ୍ତି ଅଟେ, "ପରମେଶ୍ୱରପରାୟଣତାର ନିଗୂଢ଼ତତ୍ତ୍ୱ ଯେ ମହତ୍। ତାହା ଏହି ଯେ ସେ ଦେହବନ୍ତ ହୋଇ ପ୍ରକାଶିତ ହେଲେ, ଦୂତମାନଙ୍କ ଦ୍ୱାରା ଦେଖା ଗଲେ, ପ୍ରଚାରିତ ହେଲେ, ବିଜାତି-...ଜଗତରେ ବିଶ୍ୱାସପାତ୍ର ହେଲେ, ପିତାଙ୍କ ଦକ୍ଷିଣ ହସ୍ତକୁ ଗୃହୀତ ହେଲେ।" କଅଣ ତାହା ଠିକ୍ ଅଟେ? ପରମେଶ୍ୱର ସ୍ୱୟଂ ତଳକୁ ଓହ୍ଲାଇ ଆସିଲେ ଓ ଏକ ମନୁଷ୍ୟ ଶରୀରରେ ବାସ କଲେ ଏବଂ ପ୍ରଲୋଭନ ସହ୍ୟ କଲେ। "ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଥାଇ, ଜଗତକୁ ନିଜ ସହିତ ପୁନର୍ମିଳନ କରୁଥିଲେ।" ଦେଖନ୍ତୁ ଯେ ପ୍ରେମ କଅଣ ଅଟେ? ପରମେଶ୍ୱରଙ୍କ ପ୍ରେମ!

74 ତେବେ, ବର୍ତ୍ତମାନ, ମୁଁ ଭାବୁଛି ଯେ ତାହା ଏହାକୁ ଧରି ପକାଇବ, *ପୁରୁଷ* ଏବଂ *ସ୍ତ୍ରୀ*। ତେବେ, ଜଣେ ସ୍ତ୍ରୀଲୋକ...ମୋତେ ବର୍ତ୍ତମାନ ଏହାକୁ ଭଲ ଭାବରେ ବୁଝାଇବାକୁ ଦିଅନ୍ତୁ, ଯେପରି ଆପଣ ଏହାକୁ ଦେଖିପାରନ୍ତି, ବୁଝିଲେ। ସ୍ତ୍ରୀ ନିଜର ସ୍ୱାମୀର ଅଧୀନରେ ଅଟେ। ଏବଂ ବାଇବଲ କୁହେ ଯେ "ଜଣେ ପୁରୁଷ ନିଜ ପତ୍ନୀ ଉପରେ କର୍ତ୍ତୃତ୍ତ୍ୱ କରିବା ଉଚିତ୍।" ମାତ୍ର ସେମାନେ କିପରି ଭାବରେ ତାହା ପରିବର୍ତ୍ତନ କରି ଦେଇଛନ୍ତି! ସ୍ତ୍ରୀ ପୁରୁଷ ଉପରେ କର୍ତ୍ତୃତ୍ତ୍ୱ କରୁଛି, "ତେବେ, ତୁମେ ଘରେ ରୁହ, ଜନ୍! ତୁମେ ଯାଉ ନାହଁ!" ଏବଂ ତାହା ଏହାକୁ ସମାଧାନ କରେ, "ହଁ, ମୋର ପ୍ରିୟ।" ବୁଝିଲେ?

75 କିନ୍ତୁ ମୋତେ କିଛି କହିବାକୁ ଦିଅନ୍ତୁ, ମହାଶୟ। ଆପଣଙ୍କୁ ନିଜର ପତ୍ନୀଙ୍କ ପାଇଁ ଉତ୍ତର ଦେବାକୁ ପଡିବ, କିନ୍ତୁ ଆପଣଙ୍କର ପତ୍ନୀଙ୍କୁ ଆପଣଙ୍କ ପାଇଁ କେବେବି ଉତ୍ତର ଦେବାକୁ ପଡିବ ନାହିଁ। ଆପଣ ନାରୀର ମସ୍ତକ ଅଟନ୍ତି, ଏବଂ ପରମେଶ୍ୱର ପୁରୁଷର ମସ୍ତକ ଅଟନ୍ତି। ତେଣୁକରି ସେ କହିଲେ, "ଖ୍ରୀଷ୍ଟଙ୍କ ସକାଶୁ ପୁରୁଷ କେଶ କାଟୁ। ଏବଂ ସ୍ତ୍ରୀ ଲମ୍ବା କେଶ ରଖୁ, କାରଣ ଯଦି ସେ କେଶ କାଟିବ ତେବେ ସେ ତାର ସ୍ୱାମୀକୁ ଅସମ୍ମାନ କରିବ।" ବୁଝିଲେ? କଅଣ ଆପଣ ବୁଝିଲେ ଯେ ଶାସ୍ତ୍ର କଅଣ କୁହେ ତାହା କହିବା ଦ୍ୱାରା ମୋର ଅଭିପ୍ରାୟ କଅଣ?

76 ସେଦିନ ମୋର ଏହା ଉପରେ ଏକ ଗରମ ଚର୍ଚ୍ଚା ହୋଇଥିଲା, ଅନ୍ୟ ଏକ ଦିନ ଶ୍ରେୱେପୋର୍ଟରେ। ସେମାନେ ସ୍ତ୍ରୀମାନଙ୍କ ବିଷୟରେ କଥାବାର୍ତ୍ତା କରୁଥିଲେ, ଏବଂ ସ୍ତ୍ରୀମାନେ ଲମ୍ବା କେଶ ରଖିବା ଉଚିତ୍ ବୋଲି କହୁଥିଲେ। ଏବଂ ମୁଁ କହିଲି, "ଜଣେ ସ୍ତ୍ରୀଲୋକ ଯିଏକି ନିଜର କେଶକୁ କାଟିଥାଏ, ତାର ସ୍ୱାମୀ ପାଖରେ ତାକୁ ଛାଡପତ୍ର ଦେବାର ଏକ ଅଧିକାର ଏବଂ ଏକ ବାଇବଲ ଅଧିକାର ରହିଅଛି।" ତାହା ଠିକ୍ ଅଟେ। ତାହାହିଁ ଅଟେ ଯାହାକି ବାଇବଲ ବ୍ୟକ୍ତ କରେ। ତାହା ଅବିକଳ ଠିକ୍ ଅଟେ। ଓଃ, ମୋର ପ୍ରଭୁ! ସେଠାରେ ପବିତ୍ରଆତ୍ମା ପ୍ରାପ୍ତ

ମହିଳାମାନେ ବସିଛନ୍ତି, ଠିକ ଯେପରି ସେମାନଙ୍କୁ ଶିକ୍ଷା ଦିଆଯାଇଥିଛି, ତାହା ହିଁ ସବୁକିଛି ଅଟେ । ଦେଖନ୍ତୁ? କେବଳ, ତାହା ହୁଗୁଳା ଭାବେ ଖସିଗଲା ।

77 ସେ କହିଲେ, "ବର୍ତ୍ତମାନ, ଯଦି ସେମାନେ ଏହାକୁ କାଟନ୍ତି, ଯଦି ଏପରି କିଛି ଗୋଟାଏ ଭୁଲ୍ ଅଛି ଯେ ସେମାନଙ୍କୁ କେଶ କାଟିବାକୁ ପଡିଥାଏ," କହିଲେ, "ସେ ଏକ କ୍ଷୁର ନେଉ ଓ ଏହାକୁ ସମ୍ପୂର୍ଣ୍ଣରୂପେ କାଟି ପକାଉ," ଏବଂ ତାଙ୍କ କେଶକୁ ପ୍ରକୃତରେ ପତଳା କରି ଦିଅନ୍ତୁ, ଯେପର୍ଯ୍ୟନ୍ତକି ଏହା ତାଙ୍କ ମୁଣ୍ଡକୁ ବାହାରି ନ ଆସେ । ତାହା ଠିକ୍ । ତାହା ହିଁ ଅଟେ ଯାହାକି ଶାସ୍ତ୍ର କୁହେ । ଏହା କୁହେ, "ଯଦି ସେ ନିଜର କେଶ କାଟେ, ତେବେ ସେ ତାଙ୍କ ସ୍ୱାମୀକୁ ଅପମାନିତ କରେ । ଏବଂ ଜଣେ ସ୍ତ୍ରୀଲୋକ ଯିଏକି ଅପମାନଜନକ ଅଟେ, ତାକୁ ପରିତ୍ୟାଗ କରାଯିବାର ଏବଂ ଛାଡପତ୍ର ଦିଆଯିବାର ଏକ ଆଇନଗତ ଅଧିକାର ଅଛି ।" କିନ୍ତୁ, ସେହି ପୁରୁଷ ପୁନର୍ବାର ବିବାହ କରିପାରନ୍ତି ନାହିଁ, ବର୍ତ୍ତମାନ । କିନ୍ତୁ ସେ—କିନ୍ତୁ ସେ ତାଙ୍କୁ ଛାଡପତ୍ର ଦେଇ ପରିତ୍ୟାଗ କରିପାରନ୍ତି । ତାହା ଠିକ୍ ଅଟେ । ତାହା ଶାସ୍ତ୍ର ଅଟେ । ହେ ଭାଇ, ଆମକୁ ଯାହା ଆବଶ୍ୟକ ତାହା ହେଉଛି କେତୋଟି ପ୍ରଶ୍ନ ରାତି! ତାହା ଠିକ୍ । ତାହା ହେଉଛି ପ୍ରଥମ କରିନ୍ଥୀୟ, ତାର 14 ତମ ପର୍ବ, ଯଦି ଆପଣ ଏହାକୁ ପାଠ କରିବାକୁ ଚାହାଁନ୍ତି । ଠିକ୍ ଅଛି । ବର୍ତ୍ତମାନ, ତାହା—ତାହା… ତେବେ, ଏହି ମହିଳା…

78 ପରମେଶ୍ୱର—ପରମେଶ୍ୱର ମନୁଷ୍ୟକୁ, ପୁରୁଷ ଏବଂ ସ୍ତ୍ରୀ କରି ସୃଷ୍ଟି କଲେ । କଅଣ ଆପଣ ଦେଖିଲେ ଯେ ସେ କଅଣ କଲେ? ସେ ମନୁଷ୍ୟର ନିର୍ମାଣ କଲେ । ସେ ନିର୍ମାଣ କଲେ…ବର୍ତ୍ତମାନ, ତାହା ହେଉଛି ପ୍ରଥମ ପ୍ରଶ୍ନ, ଦେଖନ୍ତୁ, "ସେ ସେମାନଙ୍କୁ ସୃଷ୍ଟି କଲେ," ଏବଂ ପ୍ରଭୃତି, ଆଦିପୁସ୍ତକ 1:26 । ଆଦିପୁସ୍ତକ 2:7, "ସେ ସେମାନଙ୍କୁ ପୃଥିବୀର ଧୂଳିରୁ ସୃଷ୍ଟି କରି ତାଙ୍କ ନାଶିକା ରନ୍ଧ୍ରରେ ଶ୍ୱାସବାୟୁ ଫୁଙ୍କିଲେ ।"

**ଉପରୋକ୍ତ ଶାସ୍ତ୍ରରେ ପାର୍ଥକ୍ୟ କଅଣ, କିମ୍ବା—କିମ୍ବା ସେଥିରେ ଏହି ସମ୍ପର୍କ କେଉଁଠାରେ ଅଛି? ପ୍ରଥମ ମନୁଷ୍ୟର ଦ୍ୱିତୀୟ ମନୁଷ୍ୟ ସହିତ କି ସମ୍ପର୍କ ଅଛି?**

79 ପ୍ରଥମ ମନୁଷ୍ୟ ହେଉଛି ପାଞ୍ଚୋଟି ଇନ୍ଦ୍ରିୟରେ ପ୍ରକାଶିତ ହୋଇଥିବା ସେହି ଦ୍ୱିତୀୟ ମନୁଷ୍ୟ । ବୁଝିଲେ? ଠିକ ବର୍ତ୍ତମାନ ଆପଣ ନିଜ ହାତରେ ପରମେଶ୍ୱରଙ୍କୁ *ସେହିପରି* ଭାବରେ ଛୁଇଁ ପାରନ୍ତି ନାହିଁ—ପାରନ୍ତି ନାହିଁ, ଆପଣ ନିଜ ଆଖିରେ ପରମେଶ୍ୱରଙ୍କୁ ଦେଖି ପାରନ୍ତି ନାହିଁ । ସେ ତାହା କରିବା ପାଇଁ ଆପଣଙ୍କୁ ଏହା ଦେଇ ନାହାଁନ୍ତି । ଆପଣ…

80 କଅଣ ଆପଣ କେବେ ଜଣେ ବୃଦ୍ଧ ସାଧୁଙ୍କ ମୃତ୍ୟୁ ସମୟରେ ଏହା ଶୁଣିଛନ୍ତି କି, ଯେତେବେଳେ ସେମାନେ କୁହନ୍ତି, "ସେଠାରେ ମାଆ ଅଛି, ବହୁତ ବର୍ଷ ହେଲାଣି ମୁଁ ତାଙ୍କୁ ଦେଖିନାହିଁ"? କଅଣ ଆପଣ କେବେ ତାହା ଶୁଣିଛନ୍ତି କି ଯେତେବେଳେ ଲୋକମାନେ…? ଦେଖନ୍ତୁ, ଏହା କଅଣ ଅଟେ, ଏହି ଆଖିଗୁଡ଼ିକ କ୍ଷୀଣ ହୋଇଯାଉଛି ଏବଂ ଅଲୌକିକ ଆଖିଗୁଡିକ ବ୍ୟବସ୍ଥିତ ହେଉଅଛି । ଦେଖନ୍ତୁ? ଏବଂ ତାହାପରେ ବେଳେବେଳେ ଯଦି ଆମେ, ଯଦି ପରମେଶ୍ୱର ଏପରି କରନ୍ତି, ଆମେ ଦର୍ଶନଗୁଡିକୁ ଦେଖିଥାଉ ଯେଉଁଠାରେକି ସେହି

ପ୍ରାକୃତିକ ଆଖିଗୁଡିକ କ୍ଷୀଣ ହୋଇ ଯାଇଥାଏ । ଠିକ ଆମ ସମ୍ମୁଖରେ, ଆମେ ସିଧାସଳଖ ଦେଖୁଥାଉ, ଏବଂ ଆମ ସମ୍ମୁଖରେ ପରମେଶ୍ୱରଙ୍କ ଅଲୌକିକ ବିଷୟ ଦେଖାଉଥିବା ଏକ ଦର୍ଶନ ରହିଥାଏ । ଦେଖନ୍ତୁ ମୋର କହିବାର ଅର୍ଥ କଅଣ?

81 ତେଣୁ ତେବେ, ଦେଖନ୍ତୁ, "ଯେତେବେଳେ ଏଠାରେ ଏହି ତମ୍ବୁରୂପ ପାର୍ଥିବ ଗୃହ ଭାଙ୍ଗିଯାଏ..." ତେବେ, ଆପଣମାନଙ୍କ ମଧ୍ୟରୁ କେତେକ ମହିଳା ଏବଂ ପୁରୁଷ ଏଠାରେ ବୃଦ୍ଧ ହେଉଅଛନ୍ତି । ଦେଖନ୍ତୁ, "ଯେତେବେଳେ ଏହି ପାର୍ଥିବ..." ମୁଁ ସେଠାରେ ବୟା-ନବେ ବର୍ଷର, ବୃଦ୍ଧ ବାପାଙ୍କ ବିଷୟରେ ଭାବୁଅଛି । "ଯେତେବେଳେ ଏହି ତମ୍ବୁରୂପ ପାର୍ଥିବ ଗୃହ ଭାଙ୍ଗିଯାଏ, ସେଠାରେ ଜଣେ ଆତ୍ମିକ ବ୍ୟକ୍ତି ଅଛନ୍ତି, ଏକ ଆତ୍ମିକ ଶରୀର ଆମର ଅପେକ୍ଷା କରୁଅଛି ଯାହା ବିନଷ୍ଟ ହୋଇପାରେ ନାହିଁ ।" ମୁଁ ଆପଣଙ୍କୁ ସେଠାରେ ଦେଖିବି । ମୁଁ ଚାଲିକରି ଯିବି...

82 ମୁଁ ଭାଇ ନେଭିଲକୁ ସେଠାରେ—ସେଠାରେ ଉପରେ ସ୍ପର୍ଶ କରିପାରେ ନାହିଁ, କାରଣ ଯୋହନ ସେମାନଙ୍କୁ ଦେଖିଲେ ଏବଂ ସେମାନେ ବେଦୀ ତଳେ ପ୍ରାଣଗୁଡିକ ଥିଲେ, ଚିତ୍କାର କରୁଥିଲେ, "କେତେ କାଳ, ପ୍ରଭୁ, ଆଉ କେତେ କାଳ?" ଆପଣ ଜାଣିଛନ୍ତି କାହିଁକି, ଆମେ ପ୍ରକାଶନ ଦେଇ ଯାଇଅଛୁ । ଏବଂ ସେଠାରେ ଯେ କିପରି ସେମାନେ ଫେରି ଆସି ମର୍ତ୍ତ୍ୟ ଶରୀରକୁ ଧାରଣ କରି ନେବାକୁ ଇଚ୍ଛା କରିଥିଲେ । ସେମାନେ ଚିତ୍କାର କରୁଥିଲେ, "ପ୍ରଭୁ, କେତେ କାଳ?"

83 ତେବେ, ସେମାନେ ପରସ୍ପରକୁ ଜାଣିଥିଲେ, ମାତ୍ର ସେମାନେ କଥାବାର୍ତ୍ତା କରି ପାରୁ ନ ଥିଲେ ଓ ହାତ ମିଶାଇ ପାରୁ ନ ଥିଲେ, କିମ୍ବା, ମୁଁ ଅନୁମାନ କରେ ଯେ ସେମାନେ କଥାବାର୍ତ୍ତା କରି ପାରୁଥିଲେ, ମାତ୍ର ସେମାନେ ହାତ ମିଶାଇ ପାରୁ ନ ଥିଲେ ଓ ପ୍ରଭୃତି ସବୁ କରି ପାରୁ ନ ଥିଲେ । ତାହାକୁ ପ୍ରମାଣ କରିବା ପାଇଁ ଏଠାରେ ପ୍ରତିଛବି ଅଛି । ଯେତେବେଳେ ଏନ୍ଦୋରର ସେହି ଭୁତୁଡିଆ ସ୍ତ୍ରୀ ଶାମୁୟେଲଙ୍କ ଆତ୍ମାକୁ ଡାକିଲେ, ଏବଂ ଶାଉଲ ତାଙ୍କୁ ଅନାଇଲେ ଆଉ ସେ ତାଙ୍କୁ ଶାମୁୟେଲ ବୋଲି ଚିହ୍ନି ପକାଇଲେ । ଏବଂ ଶାମୁୟେଲ ଶାଉଲଙ୍କୁ ଚିହ୍ନିଲେ ଓ କହିଲେ, "ତୁମେ ମୋତେ ମୋର ବିଶ୍ରାମରୁ କାହିଁକି ଡାକିଲ, ଏହା ଦେଖି ଯେ ତୁମେ ପରମେଶ୍ୱରଙ୍କ ଶତ୍ରୁ ହୋଇଅଛ ଏବଂ ପରମେଶ୍ୱର ତୁମଠାରୁ ଦୂରକୁ ଚାଲି ଯାଇଛନ୍ତି?" କଅଣ ତାହା ଠିକ୍ ଅଟେ? ଏବଂ ସେଠାରେ ବୃଦ୍ଧ ଶାମୁୟେଲ ତାଙ୍କର ଭବିଷ୍ୟଦ୍‌ବକ୍ତା ପୋଷାକ ପିନ୍ଧି ଠିଆ ହୋଇଥିଲେ, ଏବଂ ସେ ତାହାଙ୍କୁ ଅନାଇଲେ । ସେ ଏକ ସୁଟ ପୋଷାକରେ ଥିଲେ ।

84 ସେହି ଭୁତୁଡିଆ ସ୍ତ୍ରୀ ତାଙ୍କୁ ଦେଖି ତଳେ ଭୂମିରେ ପଡ଼ି ଯାଇ, କହିଲା, "ମୁଁ ଦେବତାମାନଙ୍କୁ ପୃଥିବୀରୁ ଉଠି ଆସୁଥିବାର ଦେଖୁଅଛି ।"

ସେ କହିଲେ, "ତୁମେ ମୋତେ କାହିଁକି ବିବ୍ରତ କଲ?"

ଏବଂ ଶାଉଲ କହିଲା, "ତେବେ, ମୁଁ ଜାଣିବାକୁ ଚାହେଁ ଯେ ଯୁଦ୍ଧର ପରିଣାମ କଅଣ ହେବ ।"

85 ଉତ୍ତର ଦେଲେ, "ଆସନ୍ତାକାଲି ତୁମେ ଯୁଦ୍ଧରେ ମରିବ," ଆଉ ତାହାର ପୁତ୍ରମାନେ "ଏବଂ ଆସନ୍ତାକାଲି ରାତିରେ ଏହି ସମୟ ବେଳକୁ ତୁମେ ମୋ ସହିତରେ ରହିବ।" ବୁଝିଲେ? ତେବେ, ସେ ସଚେତନ ଥିଲେ, ଏବଂ ସେ ସେହି ଭୁତୁଡିଆ ସ୍ତ୍ରୀ ଏବଂ ଶାଉଲଙ୍କୁ, ଯିଏକି ସେଠାରେ ଛିଡା ହୋଇ ତାହାଙ୍କୁ ଅନାଉଥିଲେ, ଠିକ ସେହିପରି ଭାବରେ ଦେଖା ଦେଇଥିଲେ, ଯେତେବେଳେ ସେ ପୃଥିବୀରେ ଥିଲେ।

86 ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ। ଅନେକ ଥର...ତାହା ବାପା କିମ୍ବା ମାଆ ସହିତ କିପରି ହୋଇଥାଏ ଯେତେବେଳେ ସେମାନେ ମୃତ୍ୟୁ ଶଯ୍ୟାରେ ଥାଆନ୍ତି ଓ ସେମାନଙ୍କର ପ୍ରିୟଜନମାନଙ୍କୁ ସେଠାରେ ଠିଆ ହୋଇଥିବାର ଦେଖନ୍ତି? ସେମାନେ ସେମାନଙ୍କୁ ଚିହ୍ନିଥାନ୍ତି। କିନ୍ତୁ ଏହା ଅଲୌକିକ ଶରୀରରେ ଅଟେ।

87 ମାତ୍ର ବର୍ତ୍ତମାନ ଏଠାରେ ସେହି ଗୌରବମୟ ଅଂଶ ଅଛି। ପୁନରୁତ୍ଥାନରେ ଯୀଶୁଙ୍କର ଫେରିବା ସମୟରେ, ତାହା ସେହି ଶରୀର ହେବ ନାହିଁ। ସେହି ଶରୀର ସେତେବେଳେ, ସେହି ଅଲୌକିକ ଜୀବ ଯାହାକି ପରମେଶ୍ୱର ଆରମ୍ଭରେ ସୃଷ୍ଟି କରିଥିଲେ, ଯାହାକି ଅନ୍ୟ ଶରୀର ପାଇବା ପାଇଁ ପୃଥିବୀକୁ ଫେରିବ, ଯାହା କୌଣସି ସ୍ତ୍ରୀ ଦ୍ୱାରା ଜନ୍ମ ହୋଇ ନ ଥିବ, ବରଂ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିବ (ହାଲ୍ଲେଲୁୟା!), ଯେ ତାହା କଦାପି ବୃଦ୍ଧ ନ ହୁଏ କିମ୍ବା କୁଞ୍ଚନ ନ ହୁଏ, ଆପଣଙ୍କର ମୁଣ୍ଡରେ କେବେ ପକ୍ୱ କେଶ ନ ହୁଏ, କିନ୍ତୁ ଚିରଦିନ, ପାଇଁ ସିଦ୍ଧ ଥାଏ! ହାଲ୍ଲେଲୁୟା! ହେ ଭାଇ, ତାହା ମୋତେ ଏକ ଗରମ ରାତିରେ ଉଚ୍ଚ ପାଟିରେ ଚିତ୍କାର କରାଇବ! ତାହା ଠିକ୍! ଓଃ, "ଏହି ମାଂସମୟ ପୋଷାକକୁ ମୁଁ ଛାଡି ଦେବି, ଏବଂ ଉଠି ଅନନ୍ତ ପୁରସ୍କାରକୁ ଦଖଲ କରିବି!" ଜଗତରେ ଆମେ କେଉଁ ବିଷୟ ପାଇଁ ଆଉ ଚିନ୍ତା କରିବୁ?

88 ସେଠାରେ ତ ସେହି ସମ୍ପୂର୍ଣ୍ଣ ଯୋଜନା ରଖା ହୋଇଛି, ଯେ ପରମେଶ୍ୱର ମୋତେ ଆରମ୍ଭରେ କିପରି ସୃଷ୍ଟି କରିଥିଲେ। ମୁଁ ଏଠାରେ ତଳେ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଲି, ଏକ ସୁସମାଚାର ପ୍ରଚାରକ ଭାବରେ ମୋର ସ୍ଥାନ ଗ୍ରହଣ କଲି, କିମ୍ବା ପରିତ୍ରାଣ ପାଇଥିବା ଜଣେ ପୁରୁଷ କିମ୍ବା ସ୍ତ୍ରୀ ଭାବରେ ଆପଣମାନେ, ଆମେ ପରମେଶ୍ୱରଙ୍କ ଅନୁଗ୍ରହରେ ଜୀବନ ଯାପନ କରୁଅଛୁ। ହାଲ୍ଲେଲୁୟା! ଏବଂ ସେହି ସମାନ ଆତ୍ମା ଏଠାରୁ ଛାଡି ଚାଲିଯିବ ଯାହାକି ପଶ୍ଚାତ୍ ସମୟରେ ଆରମ୍ଭରେ ଥିଲା। ମୁଁ ସେହି ବିଷୟକୁ ଜାଣିବାର ସଚେତନତା ମଧ୍ୟକୁ ଫେରିଯିବି ଯେ ମୁଁ ଏଠାରେ ରହିଥିଲି, (ହାଲ୍ଲେଲୁୟା!) ଏବଂ ତାହାପରେ ବେଦୀ ତଳେ ଅପେକ୍ଷା କରି ରହିବି, ସବୁଦିନ ପାଇଁ ଆଶୀର୍ବାଦ ପ୍ରାପ୍ତ ହୋଇ, ବିଶ୍ରାମରେ। ଏବଂ ତାହାପରେ ଫେରିବାବେଳେ, ମୁଁ ମୋର ଶରୀରକୁ ତାର ସର୍ବୋତ୍ତମ ଅବସ୍ଥାରେ ଗ୍ରହଣ କରିବି, ଯାହାକି କେବେ ମୃତ୍ୟୁ ଆଘାତ କରିବା ପୂର୍ବରୁ ଥିଲା।

89 ମୃତ୍ୟୁ ଆପଣଙ୍କୁ ବାଇ-ଶି କିମ୍ବା ତେଇ-ଶି ବର୍ଷ ବୟସରେ ଆଘାତ କରେ, ଆପଣ ହ୍ରାସ ପାଇବା ଆରମ୍ଭ କରନ୍ତି। ଆପଣ ଆଉ ସେହି ପୁରୁଷ ହୋଇ ରହନ୍ତି ନାହିଁ ଯାହା ଆପଣ କଦାପି ରହିଥିଲେ ଓ ଯେଉଁ ସ୍ତ୍ରୀ ଆପଣ ଦିନେ ଥିଲେ, ଯେତେବେଳେ ଆପଣ ପ୍ରାୟଃ ପଚି-

ଶ ବର୍ଷର ହୋଇଯାଆନ୍ତି, କିଛି ଗୋଟାଏ ହେବା ଆରମ୍ଭ ହୋଇଯାଏ। ଆପଣଙ୍କର ଆଖି ତଳେ କୁଞ୍ଚନ ଆସିବା ଆରମ୍ଭ ହୋଇଯାଏ। ଆପଣ ପୂର୍ବ ପରି ଆଉ ଧୋଇ ପାରନ୍ତି ନାହିଁ। ତିରିଶ ବର୍ଷ ବୟସରେ, ଆପଣ ଏହାକୁ ଆହୁରି ଅଧିକ ଲକ୍ଷ୍ୟ କରିପାରିବେ। ଆପଣ ମୋ ପରି, ଚୌରା-ଳିଶ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ଏବଂ ତାହାପରେ ଆପଣ ଏହାକୁ ପ୍ରକୃତରେ ଲକ୍ଷ୍ୟ କରୁଥାନ୍ତି। କିନ୍ତୁ, ହେ ଭାଇ! ଅପେକ୍ଷା କରନ୍ତୁ ଯେପର୍ଯ୍ୟନ୍ତ ମୁଁ ଅଶୀ, ନବେ, ଏବଂ ସେହି ବାଡ଼ି ଉପରେ, ସେଠାରେ ଠିଆ ହେବା ପର୍ଯ୍ୟନ୍ତ ନ ହୋଇଯାଏ। ଏହା କଅଣ ଅଟେ? ପରମେଶ୍ୱର ତ ମୋତେ ଦୌଡରେ ଦୌଡିବା ପାଇଁ ରଖିଛନ୍ତି। କିନ୍ତୁ କୌଣସି ମହିମାମୟ ଦିନ...ସେହି ମୃତ୍ୟୁ ମାଡି ଆସୁଅଛି।

90 ମୁଁ ଦିନେ ସିଧା-କାନ୍ଧରେ ଛିଡା ହେଉଥିଲି, କଳା କେଶ ଥିଲା (ଏବଂ ସେଥିରେ ମୋର ମୁଣ୍ଡ ପରିପୂର୍ଣ୍ଣ ଥିଲା), ଏବଂ ମୋ ଆଖି ତଳେ କୌଣସି କୁଞ୍ଚନ ନ ଥିଲା; ଏବଂ ବର୍ତ୍ତମାନ ମୋତେ ଦେଖନ୍ତୁ, ସଙ୍କୁଚିତ ଭାବରେ, କାନ୍ଧ ତଳେ ପଡି ଯାଉଅଛି, ମୋଟା ହେଉଅଛି, ଏବଂ ମୋ ଆଖି ତଳେ କୁଞ୍ଚନ ଆସୁଅଛି, ଟାଙ୍ଗରା-ମୁଣ୍ଡିଆ ହୋଇଅଛି। କାହିଁକି, ଦେଖନ୍ତୁ ଯେ ଗତ ପ୍ରାୟଃ କୋଡ଼ିଏ ବର୍ଷ ମଧ୍ୟରେ ମୃତ୍ୟୁ ମୋ ପ୍ରତି କଅଣ କରି ଆସୁଅଛି। ମୃତ୍ୟୁ ତାହା କରୁଅଛି। ମୁଁ ଅଶୀ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ଯଦି ପରମେଶ୍ୱର ମୋତେ ଜୀବିତ ରଖନ୍ତି, ଏବଂ ଦେଖନ୍ତୁ ଯେ ମୁଁ କିପରି ଦେଖାଯାଏ, ଏହିପରି ଭାବରେ ଏକ ପୁରୁଣା ବାଡ଼ି ସାହାରାରେ, ପୁଣି ଥର ଥର ହୋଇ *ସେହିପରି* ଭାବରେ କୌଣସି ସ୍ଥାନରେ ଛିଡା ହୋଇଥିବି। କିନ୍ତୁ, ହାଲ୍ଲେଲୁୟା, କୌଣସି ଗୌରବମୟ ଦିନ, ମୃତ୍ୟୁ ତାହାର ସମ୍ପୂର୍ଣ୍ଣ କ୍ଷତି ପହଞ୍ଚାଇବ। ତାହାପରେ ଯେତେବେଳେ ମୁଁ ପୁନରୁତ୍ଥାନରେ ଉଠିବି, ମୁଁ ତାହା ହେବି ଯାହା ମୁଁ ଥିଲି, ଯାହା ପରମେଶ୍ୱର ମୋତେ ପୃଥିବୀରେ ଏଠାରେ ମୋର ସର୍ବୋତ୍ତମ ଅବସ୍ଥାରେ ନିର୍ମାଣ କରିଥିଲେ, ଏପରି ଏକ ଶରୀରରେ ଯାହାକି ଶ୍ରୀମତୀ ବ୍ରାନହାମ୍ ଏବଂ ଶ୍ରୀମାନ ବ୍ରାନହାମ୍ ଦ୍ୱାରା ନିର୍ମିତ ହୋଇ ନ ଥିଲା, ବରଂ ସ୍ୱୟଂ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା; ତାହା ପ୍ରଲୋଭନରୁ ମୁକ୍ତ, ପାପରୁ ମୁକ୍ତ, ଅନ୍ୟ କୌଣସି ବିଷୟରୁ ମୁକ୍ତ ହେବ, ଯାହା କେବେ ବି ଅସୁସ୍ଥ ହେବ ନାହିଁ, ହୃଦୟ ଯନ୍ତ୍ରଣା ହେବ ନାହିଁ। ଓଃ, ମୋର ପ୍ରଭୁ!

91 ତାହାପରେ ମୁଁ ମୋର ଛୋଟ ପତ୍ନୀଙ୍କ ହାତକୁ ଧରିବି ଓ ସେହି ଭଳି, ନୂତନୀକୃତ ଭାବରେ ପରମେଶ୍ୱରଙ୍କ ପାରଦୀଶ ଦେଇ ଗମନ କରିବି। ଆପଣ ମଧ୍ୟ ସେହି ସମାନ ବିଷୟ କରିବେ। ସେହି ବୃଦ୍ଧ ଧୂସର-କେଶ ଥିବା ସ୍ତ୍ରୀଲୋକ ନୁହେଁ ଯାହାକୁ ଆପଣ ଆଜି ରାତିରେ ଚାରିଆଡେ କଢାଇ ନେଉଛନ୍ତି, ନିଜର ପତ୍ନୀ ବୋଲି ଡାକୁଛନ୍ତି, ମାତ୍ର ସେ ତ ଠିକ ସେହିପରି ସୁନ୍ଦର ହେବେ ଯେତିକି ସୁନ୍ଦର ସେ ସେହିଦିନ ଥିଲେ ଯେଉଁଦିନ ଆପଣ ତାହାଙ୍କୁ ବେଦିରେ ବିବାହ କରିଥିଲେ। ହାଲ୍ଲେଲୁୟା! ହ୍ୟୁ! ତାହା ତ ଜଣେ ବ୍ୟକ୍ତିଙ୍କୁ ଚିତ୍କାର କରାଇବା ନିମନ୍ତେ ଯଥେଷ୍ଟ ଅଟେ। କଅଣ ଏହା ନୁହେଁ କି? ଦେଖନ୍ତୁ?

92 ଠିକ ଅଛି, ତାହା ତ ହେଉଛି ସେହି ସମ୍ପର୍କ। ପରମେଶ୍ୱର ସଂକଳ୍ପବଦ୍ଧ ଅଟନ୍ତି।

ଯେତେବେଳେ ପରମେଶ୍ୱର କିଛି କରିବା ପାଇଁ ମନସ୍ଥ କରନ୍ତି, ତାହା ହେବାକୁ ହିଁ ଅଛି । ଶୟତାନ ଏହି ଛବିକୁ ଯୌନ କାମବାସନା ଦ୍ୱାରା ନଷ୍ଟ କରି ଦେଇଥିଲା, ସ୍ତ୍ରୀ ଦ୍ୱାରା, ସନ୍ତାନ ପ୍ରସବ କରାଇବାକୁ ଯାଇ । ସେ ଏହାକୁ ନଷ୍ଟ କରି ଦେଇଥିଲା । ତେଣୁ ଆଗକୁ ଯାଅ ଏବଂ ଏହାକୁ କରି ପକାଅ, ତାହା ଠିକ ଅଟେ । ଏହି ବାସସ୍ଥାନଟି କେବଳ ସେହି ବିଷୟଗୁଡିକୁ ଉଠାଇ ନେବା ପାଇଁ ଅଟେ, 'କାରଣ ଆପଣ ଏହି ଜୀବନରେ ଏକମାତ୍ର ବିଷୟ ଯାହା କରନ୍ତି ତାହା ହେଲା ନିଜର ସେହି ରୂପ ଓ ପ୍ରତିମୂର୍ତ୍ତିକୁ ଉଠାଇ ନେବା, ଯାହା ଆପଣ ଅଟନ୍ତି । ଯଦି ଆପଣ ବର୍ତ୍ତମାନ ଲାଲ କେଶ-ବିଶିଷ୍ଟ ଅଟନ୍ତି, ତାହାହେଲେ ଆପଣ ସେତେବେଳେ ଲାଲ କେଶ-ବିଶିଷ୍ଟ ହେବେ । ଯଦି ଆପଣ ବର୍ତ୍ତମାନ କଳା କେଶ-ବିଶିଷ୍ଟ ଅଟନ୍ତି, ତାହାହେଲେ ଆପଣ ସେତେବେଳେ କଳା କେଶ-ବିଶିଷ୍ଟ ହେବେ । ଦେଖନ୍ତୁ, ଆପଣ ଯାହା ନିଜର ସର୍ବୋତ୍ତମ ଅବସ୍ଥାରେ ଥିଲେ । ଏବଂ ଯଦି ଆପଣ…ଶୟତାନ ସେହି ପ୍ରତିଛବିକୁ ବାଧା ଦେଲା, ଏପରିକି ଆପଣ ପାଇଲେ ନାହିଁ…ପରମେଶ୍ୱର ଆପଣଙ୍କ ପାଇଁ ଯାହା ଇଚ୍ଛା କରିଥିଲେ ଯେ ଆପଣ ହୁଅନ୍ତୁ ବୋଲି, ଆପଣ ତାହା ହେବେ । ଓଃ, କେତେ ଗୌରବମୟ ଅଟେ! ସେଠାରେ ରହିଲା ଆପଣଙ୍କର ମନୁଷ୍ୟ ।

93 ବର୍ତ୍ତମାନ ଆଦିପୁସ୍ତକ 2 । ଧରନ୍ତୁ, ମୋତେ ଶୀଘ୍ର କରିବାକୁ ପଡିବ, ମୁଁ ସେଗୁଡିକ ନେବି । (କଅଣ ଆପଣ କିଛି ପାଇଲେ? ଆପଣ ପାଇଲେ କି? ଆପଣ କିଛି ପାଇଲେ କି? ସେମାନଙ୍କୁ ଉତ୍ତର ଦେବାକୁ କିଛି ପାଇଲେ କି?) ଠିକ ଅଛି, ଆଦିପୁସ୍ତକ 2:18-21:

2. **ପରମେଶ୍ୱର ହବାଙ୍କୁ ଆଦମଙ୍କ ପଞ୍ଜରାରୁ ନିର୍ମାଣ କଲେ, ଆଦିପୁସ୍ତକ 2:18-21 । କଅଣ ପରମେଶ୍ୱର ପୁରୁଷ ଏବଂ ସ୍ତ୍ରୀକୁ ସୃଷ୍ଟି କଲେ, ତାହାପରେ ଆଦମ ଏବଂ ହବା—ହବାଙ୍କୁ ନିର୍ମାଣ କଲେ?**

3. **ଏବଂ କୟିନ କଅଣ ନିଜ ପତ୍ନୀ ପାଇଁ ପୁରୁଷ ଏବଂ ସ୍ତ୍ରୀର ଯଥାର୍ଥ ସୃଷ୍ଟି ନିକଟକୁ ଯାଇଥିଲେ କି?**

94 ତେବେ, ବର୍ତ୍ତମାନ ଆସନ୍ତୁ…ମୁଁ ନୁହେଁ…ସେହି ବ୍ୟକ୍ତି ଯିଏକି ଏହାକୁ ଲେଖିଛନ୍ତି ବୋଧହୁଏ ଉପସ୍ଥିତ ଅଛନ୍ତି । ବର୍ତ୍ତମାନ, ଯେତେବେଳେ ପରମେଶ୍ୱର…ଏଠାରେ ପ୍ରଥମ ପ୍ରଶ୍ନରେ:

**ଆଦିପୁସ୍ତକ 2:18-21ର, ପୁରୁଷ ଏବଂ ସ୍ତ୍ରୀକୁ କଅଣ ପରମେଶ୍ୱର ନିର୍ମାଣ କରିଥିଲେ କି?**

95 ନା । ମୁଁ—ମୁଁ…ଯେପରି—ଯେପରି ଆପଣ ଏଠାରେ ଦେଖିବେ, 2:18-21 ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ:

*ଅନନ୍ତର ସଦାପ୍ରଭୁ ପରମେଶ୍ୱର କହିଲେ, ମନୁଷ୍ୟ ଏକାକୀ ଥିବା…ଭଲ ନୁହେଁ; ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣୀ ନିର୍ମାଣ କରିବା ।*

*ଆଉ ସଦାପ୍ରଭୁ ପରମେଶ୍ୱର ଭୂମିରୁ…ବିଲର ପଶୁଗଣ ନିର୍ମାଣ କଲେ କଲେ…ଏବଂ ପ୍ରଭୃତି ସବୁ ।*

96 ବର୍ତ୍ତମାନ, ପରମେଶ୍ୱର ହବାଙ୍କୁ ଆଦମଙ୍କ ପକ୍ଷରୁ ନିର୍ମାଣ କଲେ। ପୁରୁଷଙ୍କ ତୁଳନାରେ ଆଜି ଶାରୀରିକ ସଂରଚନା ଏବଂ ଗଠନରେ ସ୍ତ୍ରୀଲୋକଙ୍କଠାରେ ଗୋଟିଏ ପଞ୍ଜରା ଅଧିକ ଅଛି, କାରଣ ଆଦମଙ୍କ ଶରୀରରୁ ଏକ ପଞ୍ଜରା କାଢି ନିଆଯାଇଥିଲା। ଆଦମ ପୂର୍ବରୁ ନିର୍ମାଣ ହୋଇ ସାରିଥିଲେ ଏବଂ ଜୀବିତ ଥିଲେ ଆଉ ଏକାକୀ ଥିଲେ, ଏବଂ ତାହାପରେ ପରମେଶ୍ୱର କହିଥିଲେ, "ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ।"

97 ତେଣୁକରି ଏହି ପୁରୋହିତମାନେ ଏବଂ ଅନ୍ୟମାନେ ଯେଉଁମାନଙ୍କୁକି ଏକ ପତ୍ନୀ କରିବାର ଅଧିକାରରୁ ବଞ୍ଚିତ କରାଯାଇଅଛି। ତେବେ, ତାହା, ସେହି ରୋମାନ୍ ମଣ୍ଡଳୀ ଯାହା ଇଚ୍ଛା ତାହା କରିପାରେ…ତାହା ହେଉଛନ୍ତି ସେମାନେ, ସେମାନେ ହିଁ ଅଟନ୍ତି ଯେଉଁମାନଙ୍କୁକି ତାହା ପାଇଁ—ତାହା ପାଇଁ ଉତ୍ତର ଦେବାକୁ ପଡିଥାଏ, ମୁଁ ନୁହେଁ।

98 ତେବେ, ଏହି ନିକଟରେ, ମୋତେ ଜଣେ—ଜଣେ ବ୍ୟକ୍ତି ପଚାରିଲେ, କହିଲେ, "ଆପଣ କଅଣ ଭାବୁଛନ୍ତି?" ଜଣେ ପୁରୋହିତ କହିଲେ, "ସହରରେ ସେହି ଯୁବା ପୁରୋହିତଙ୍କ ବିଷୟରେ ଆପଣ କଅଣ ଭାବୁଛନ୍ତି ଯିଏକି ସେହି ସ୍ତ୍ରୀଙ୍କୁ ନେଇ ଯାଇଥିଲେ, ସେହି ଝିଅକୁ, ଏଠାରେ ଥିବା ଜେଫର୍ସନଭିଲେର ଝିଅକୁ, ଆଉ ଯାଇ ତାଙ୍କୁ ବିବାହ କରିଥିଲେ?" ଆଇରିଶ୍ ମଣ୍ଡଳୀରେ, ଆପଣଙ୍କର ମନେ ଥିବ। ମୁଁ ଭୁଲିଯାଉଛି ଯେ ତାଙ୍କ ନାମ କଅଣ ଥିଲା।

99 ମୁଁ କହିଲି, "ତାହାଙ୍କ ପାଖରେ ବିବାହ କରିବାର ଠିକ ସେତିକି ଅଧିକାର ଥିଲା ଯେତିକି ଅଧିକାର ମୋ ପାଖରେ ରହିଛି। ଅବିକଳ ଠିକ ତାହା ହିଁ ଅଟେ ଯାହାକି ମୁଁ ଏହା ବିଷୟରେ ଭାବୁଅଛି।" ମୁଁ କହିଲି, "କେବଳ ଗୋଟିଏ ବିଷୟ ଯାହା ମୁଁ ଧରିଅଛି…ମୁଁ ଭାବୁଛି ଯେ ସେ ଭୁଲ୍ କରିଥିଲେ, ତାଙ୍କୁ ମଣ୍ଡଳୀକୁ ଯାଇ ନିଜ ପଦରୁ ଇସ୍ତଫା ଦେବାର ଉଚିତ୍ ଥିଲା ଆଉ ତାହାପରେ ଯାଇ ସେହି ଝିଅକୁ ବିବାହ କରିବାର ଉଚିତ୍ ଥିଲା, ଏହା ପରିବର୍ତ୍ତେ ଯେ ସେ ସେହିପରି ଭାବରେ ଦୌଡ଼ି ପଳାଇଯାନ୍ତେ।"

100 ବର୍ତ୍ତମାନ, ଆପଣଙ୍କର ମନେ ଥିବ ଯେତେବେଳେ ଏହା କିଛି ସପ୍ତାହ ପୂର୍ବରୁ ଏଠାରେ ଜେଫ୍ ଠାରେ ଘଟିଥିଲା, ଆଇରିଶ୍ କ୍ୟାଥୋଲିକ୍ ପୁରୋହିତ ଏଠାରେ ଥିଲେ। ସେ ଜଣେ ଯୁବା ବ୍ୟକ୍ତି ଅଟନ୍ତି, ଏବଂ ସେ ଯାଉଥିଲେ…ତାଙ୍କର ଏଠାରେ ତଳେ କୌଣସି ପ୍ରିୟତମା ଝିଅ ଥିଲା। ଏବଂ ଯେତେବେଳେ ସେ…ସେମାନେ ତାଙ୍କୁ ଏକ ବୃହତ୍ ବଡ ପ୍ରେମ ନୈବେଦ୍ୟ ଦେଇଥିଲେ, ତାହା ସହିତ ତାଙ୍କର ଯାଜକତ୍ତ୍ୱର ସ୍ଥାନ ପରିବର୍ତ୍ତନ କରିବାକୁ ଯାଉଥିଲେ, ତାଙ୍କୁ ଇଣ୍ଡିଆନାପୋଲିସଠାରେ କୌଣସି ସ୍ଥାନରେ ପଠାଇବାକୁ ଯାଉଥିଲେ। ଏବଂ ସେ କେବଳ ପ୍ରେମ ନୈବେଦ୍ୟକୁ, ଝିଅକୁ ଏବଂ ତାହାହିଁ ସବୁକିଛି ନେଇ ଚାଲିଗଲେ, ଏବଂ ଯାଇ ବିବାହ ହୋଇଗଲେ, ଏବଂ ସେମାନେ ତାଙ୍କଠାରୁ ଆଉ କୌଣସି କଥା କେବେ ଶୁଣିଲେ ନାହିଁ। ତେବେ, ତାଙ୍କର ବିବାହ କରିବାର ଏକ ଅଧିକାର ରହିଥିଲା, କିନ୍ତୁ ତାହା କରିବାର ଏକ ଅଧିକାର ତାଙ୍କଠାରେ ନ ଥିଲା। ତାଙ୍କୁ ତାହା କରିବାର ଉଚିତ୍ ନ ଥିଲା। ତାଙ୍କୁ ସେହି—ସେହି

ମଣ୍ଡଳୀକୁ ଯାଇ କହିବାର ଉଚିତ୍ ଥିଲା, "ଏଠାରେ, ମୁଁ ପୁରୋହିତ ଭାବରେ ଏହି କାର୍ଯ୍ୟାଳୟରୁ ଇସ୍ତଫା ଦେଉଅଛି । ମୁଁ ବିବାହ କରିବାକୁ ଯାଉଅଛି, ଏବଂ ତାହା ଏହାକୁ ସମାଧାନ କରେ ।"

101 ମାତ୍ର, ତେବେ, ପରମେଶ୍ୱର ହବାଙ୍କୁ ନିର୍ମାଣ କରିବାବେଳେ, ଏବଂ—ଏବଂ ଆଦମ ଓ ହବାଙ୍କୁ ଏକା ସମୟରେ ନିର୍ମାଣ କରିବାବେଳେ, ଏକମାତ୍ର ବିଷୟ ଯାହା ସେ ନିର୍ମାଣ କରିଥିଲେ ତାହା ଥିଲା ଅଲୌକିକ, ସେହି ଆତ୍ମା ଆଦମ ଏବଂ ସେହି ଆତ୍ମା ହବା, ପୁରୁଷ ଏବଂ ସ୍ତ୍ରୀ । ତାହାପରେ, ଯେତେବେଳେ ସେ ନିର୍ମାଣ କଲେ...ଆଦମଙ୍କୁ ଏଠାରେ ରଖିଲେ, ଏହା ତାହା ନିମନ୍ତେ ଭଲ ନ ଥିଲା...ଦେଖନ୍ତୁ, ଏହା ସଦାସର୍ବଦା ପରମେଶ୍ୱରଙ୍କ ଚିତ୍ର ଉନ୍ମୋଚିତ ହେଉଅଛି । ଏହିପରି ସବୁକିଛି, ଏହା କେବଳ—ଏହା କେବଳ ଠିକ ତଳକୁ ଆସୁଅଛି, ଠିକ୍ ଉନ୍ମୋଚିତ ହେଉଅଛି, ସହସ୍ରାବ୍ଦୀ ଦେଇ ବାହାରକୁ ଆସୁଅଛି ଓ ଅନନ୍ତକାଳ ମଧ୍ୟକୁ ପ୍ରବେଶ କରୁଅଛି । ଠିକ ପରମେଶ୍ୱରଙ୍କ ଚିତ୍ର କେବଳ ଉନ୍ମୋଚିତ ହେଉଅଛି, ପରମେଶ୍ୱର ଆପଣାକୁ ଉନ୍ମୋଚିତ କରୁଛନ୍ତି ।

102 ଏଠାରେ, ପରମେଶ୍ୱର ଆପଣାକୁ ଖ୍ରୀଷ୍ଟ ଯୀଶୁଙ୍କଠାରେ ପ୍ରକଟିତ କଲେ, ଏହା ଦେଖାଇବାକୁ ଯେ ସେ କଅଣ ଥିଲେ । ଯୀଶୁ କଅଣ ଥିଲେ? ଦୁଃଖର ମଣିଷ, ଦୁଃଖ, ସ୍ନେହ ସହିତ ପରିଚିତ ଥିଲେ। ଜଣେ ବେଶ୍ୟାକୁ କହିଲେ, "ତୁମର ଅଭିଯୋଗକାରୀମାନେ କାହାଁନ୍ତି?"

"ପ୍ରଭୁ, ମୋର କେହି ନାହାଁନ୍ତି ।"

"ମୁଁ ମଧ୍ୟ ତୁମକୁ ଦୋଷ ଦେଉ ନାହିଁ । ଯାଅ, ଆଉ ପାପ କର ନାହିଁ ।"

103 ସେଦିନ ମରୁଭୂମି ବାଲି ଉପରେ ଏବଂ ସେହି ବିଷୟ ଦେଇ, ପ୍ରାୟଃ ତିରିଶ ମାଇଲ ବାଟ ଚାଲିବା ଦ୍ୱାରା କ୍ଳାନ୍ତ ଓ ଥକିତ ହୋଇଯାଇଥିଲେ; ସେଠାରେ ନାଇନ ନଗରରୁ ଜଣେ ସ୍ତ୍ରୀଲୋକ ବାହାରି ଆସିଲେ; ଏବଂ ତାଙ୍କର ଏକମାତ୍ର ପୁଅ, ସେଠାରେ ମୃତ ଭାବରେ, ପଡି ରହିଥିଲା । ସେ ଅନ୍ତିମ ସଂସ୍କାରର ଯାତ୍ରାକୁ ଅଟକାଇଲେ, ନିଜର ହାତକୁ ତାହା ଉପରେ ଥୋଇଲେ, କହିଲେ, "ଉଠ ।" ଏବଂ ସେହି ପିଲାଟି ଯିଏକି ମୃତ ଥିଲା ପୁଣି ବଞ୍ଚି ଉଠିଲା । ତାହା—ତାହା ହେଉଛନ୍ତି ଆମର ପ୍ରଭୁ ଯୀଶୁ । (ଧନ୍ୟବାଦ, ଟେଡି, ପୁଅ ।) ଏବଂ ସେଠାରେ, ତାହା ଆମର ପ୍ରଭୁ ଯୀଶୁ ଥିଲେ । ସେ ଭଲ କାମ କରିବା ପାଇଁ କଦାପି ଅତ୍ୟଧିକ କ୍ଳାନ୍ତ ନ ଥିଲେ, କେବେ ବି ଥକିତ ନ ଥିଲେ । ଠିକ୍ ଅଛି ।

ବର୍ତ୍ତମାନ ଏଠାରେ ଆଉ ଏକ ବିଷୟ ଅଛି:

**କଅଣ କୟିନ ନିଜର ପତ୍ନୀ ନିମନ୍ତେ ପୁରୁଷ ଏବଂ ସ୍ତ୍ରୀର ସେହି—ସେହି ପ୍ରଥମ ସୃଷ୍ଟି ନିକଟକୁ ଯାଇଥିଲେ?**

104 ତେବେ, ଏଠାରେ ଏକ ଭୟଙ୍କର ମଜାଳିଆ ପ୍ରଶ୍ନ ଅଛି, ତେବେ ପ୍ରକୃତରେ ଧ୍ୟାନ ସହକାରେ ଶୁଣନ୍ତୁ । ବର୍ତ୍ତମାନ, ଓଃ, ମୁଁ...ଆପଣ ଲୋକମାନଙ୍କୁ ଖବରକାଗଜରେ ଲେଖିବାର ଦେଖିଥିବେ, "କୟିନ ତାଙ୍କ ପତ୍ନୀଙ୍କୁ କେଉଁଠାରୁ ପାଇଲେ?" ଓଃ, ମୁଁ ଏହା କହୁଥିଲି ।

105 ଏବଂ ମୋର ମନ ଫେରଣ ହେବା ପରେ ପ୍ରାୟଃ ଚାରି ବର୍ଷ ପର୍ଯ୍ୟନ୍ତ ଏକ ଜ୍ୱଳନ୍ତ ନରକ ଅଛି ବୋଲି ମୁଁ କଦାପି ଶିକ୍ଷା ଦେଇ ନ ଥିଲି। ମୋତେ ଏହାକୁ ଶାସ୍ତ୍ରରେ ଦେଖିବାକୁ ପଡିଥିଲା। ଯଦି ମୁଁ ଜାଣେ ନାହିଁ, ତେବେ ମୁଁ ତାହା ବିଷୟରେ କିଛି ହେଲେ କୁହେ ନାହିଁ। ବୁଝିଲେ?

106 କିନ୍ତୁ, ବର୍ତ୍ତମାନ, "କୟିନ ତାଙ୍କ ପତ୍ନୀଙ୍କୁ କେଉଁଠାରୁ ପାଇଲେ?" ତେବେ, ବର୍ତ୍ତମାନ ତାହାହିଁ ହେଉଛି ଏହି—ଏହି ପ୍ରଶ୍ନର ବିଶ୍ଳେଷଣ। "ଏବଂ କଅଣ କୟିନ ନିଜ ପତ୍ନୀଙ୍କ ପାଇଁ, ପୁରୁଷ ଏବଂ ସ୍ତ୍ରୀର ସେହି ସୃଷ୍ଟି ନିକଟକୁ ଯାଇଥିଲେ କି?" ବୁଝିଲେ? ତେବେ, ବର୍ତ୍ତମାନ, ପ୍ରଥମ ବିଷୟଗୁଡିକ ମଧ୍ୟରୁ ଗୋଟିଏ...

107 ଏହି ଶ୍ରୀମତୀ ଡିଆର୍କ, ଆପଣ ସମସ୍ତେ ଅନ୍ୟ ରାତିରେ ତାଙ୍କର ଆରୋଗ୍ୟତା ବିଷୟରେ ଶୁଣିଥିବେ, ଯେ ପରମେଶ୍ୱର କିପରି ତାଙ୍କୁ ଆଶୀର୍ବାଦ କରିଥିଲେ ଓ ସବୁକିଛି। ସେ ପଡି ରହିଥିଲେ, ମୃତ ପ୍ରାୟଃ ଅବସ୍ଥାରେ ଥିଲେ, ସେମାନେ ସକାଳ ପ୍ରାୟଃ ଦୁଇଟା ସମୟରେ ଆସନ୍ତି।

108 ଆଉ ତେଣୁକରି, ବର୍ତ୍ତମାନ, ସେହିପରି ଭାବରେ ମୁଁ ଆସିଲି...ତାଙ୍କ ପୁଅ, ଜର୍ଜ, ସେହି ବାଳକ ଜଣେ ମାଧ୍ୟମିକ ଥିଲା, ଏଡ, ମଧ୍ୟ। ସେମାନେ ଦୋକାନରେ ଥିଲେ, ଏବଂ ମୁଁ ସେଠାରେ ଏକ ଆଲୋଚନା ଶୁଣିଲି, ଯେଉଁଠାରେ ପ୍ରଥମ...କେଉଁଠାରୁ କୟିନ ତାଙ୍କର ସ୍ତ୍ରୀ ପାଇଲେ। ତେବେ, ସେହି ବ୍ୟକ୍ତି ଯାହା ପାଖରେ ଚଟାଣ ଥିଲା ସେ ସେହି ଯୁକ୍ତିରେ ସର୍ବୋତ୍ତମ ଥିଲା ପରି ମନେ ହେଉଥିଲା, ସେ କହିଲେ, "ମୁଁ ଆପଣଙ୍କୁ କହୁଛି ଯେ କୟିନ ତାଙ୍କ ପତ୍ନୀଙ୍କୁ କେଉଁଠାରୁ ପାଇଥିଲେ," କହିଲେ, "କୟିନ ଯାଇ ଏକ ବଡ ବିରାଟ ମାଇ ମାଙ୍କଡ଼କୁ ବିବାହ କଲେ।" ଏବଂ କହିଲେ, "ସେହି ମାଙ୍କଡ଼ଠାରୁ ଅଶ୍ୱେତ ଜାତି ବାହାରିଲା।" କହିଲେ, "ଆପଣ ଅଶ୍ୱେତ ଲୋକର ମୁଣ୍ଡକୁ ଲକ୍ଷ୍ୟ କରନ୍ତୁ ତାହା *ସେପ୍ରକାର* ଶିଖର ପରି ହୋଇଥାଏ, ଯେପରିକି—ଯେପରିକି ସେହି ମାଙ୍କଡ଼, ମୁଣ୍ଡରେ ଥାଏ।"

109 ତେବେ, ମୁଁ ସେଠାରେ ଠିଆ ହୋଇଥିଲି, ମୋତେ ସୁସମାଚାରରେ ପ୍ରାୟଃ ଦୁଇମାସ ହୋଇଥିଲା। ମୁଁ କହିଲି, "ମୁଁ ଆପଣଙ୍କ ସହିତ ଭିନ୍ନ ହେବାକୁ ଚାହେଁ ନାହିଁ ହେ ବ୍ୟକ୍ତି, କାରଣ ମୁଁ ଜଣେ ଛାତ୍ର ନୁହେଁ, ମୁଁ ତ କେବଳ ଅଳ୍ପ ସମୟ ହୋଇଛି ଉଦ୍ଧାର ପାଇଅଛି। କିନ୍ତୁ," ମୁଁ କହିଲି "ଯଦି ତାହା ସେପରି ଅଟେ, ତେବେ ଅଶ୍ୱେତ ଲୋକଙ୍କର ଜାତିଟି ବିନଷ୍ଟ ହୋଇଯିବା ଉଚିତ ଯେତେବେଳେକି ଜଳପ୍ଲାବନ ହୋଇଥିଲା, ଯେତେବେଳେ ଜଗତ ଜଳ ଦ୍ୱାରା ନଷ୍ଟ ହୋଇ ଯାଇଥିଲା, ଯେହେତୁ ନୋହ ଓ ତାଙ୍କ ପରିବାର ହିଁ କେବଳ ଏପରି ଥିଲେ ଯେଉଁମାନେକି ଜାହାଜରେ ଥିଲେ। ସେମାନେ ହିଁ କେବଳ ଏପରି ଥିଲେ ଯେଉଁମାନେକି ଜାହାଜରେ ଥିଲେ। ସେହି ଅଶ୍ୱେତ ଜାତି ବିନଷ୍ଟ ହୋଇଯିବା କଥା," ମୁଁ କହିଲି, "ଯଦି ତାହା ସେପରି ଥାଆନ୍ତା।" ମୁଁ କହିଲି, "ନା, ମହାଶୟ! ଅଶ୍ୱେତ ଜାତି କେବେବି ସେଠାରୁ ଆସି ନାହିଁ। ନା, ମହାଶୟ। ଅଶ୍ୱେତ ଜାତି ସେହି ସମାନ ଗଛରୁ ଆସିଅଛି ଯେଉଁଥିରୁକି ଆମେମାନେ ଆସିଅଛୁ, ଏବଂ ପ୍ରତ୍ୟେକ ମଣିଷ, ସେହିପରି ସମାନ ଅଟେ।" ସେଠାରେ କୌଣସି ପାର୍ଥକ୍ୟ ନାହିଁ। ଅବିକଳ

ଠିକ୍ । ଆମେ ସମସ୍ତେ କେବଳ...ଜଣେ ହଳଦିଆ ହୋଇପାରେ, ଏବଂ ଅନ୍ୟଟି ବାଦାମୀ, ଅନ୍ୟ ଜଣେ ଅଶ୍ୱେତ, ଏବଂ ଅନ୍ୟ ଜଣକ ଶ୍ୱେତ ହୋଇପାରେ, ଏବଂ ଅନ୍ୟଟି ଫିକା, ଏବଂ ଅନ୍ୟ ଜଣେ ଲାଲ, ଏବଂ ଠିକ ସେହିପରି ଭାବରେ, ମାତ୍ର ଆପଣ ସମସ୍ତେ ସେହି ସମାନ ଗଛରୁ ଆସିଛନ୍ତି । ତାହା ତ ଏଠାରେ କେବଳ ସେହି ଶାରୀରିକ ଅଂଶ ଅଟେ । ତାହା ଠିକ୍ । ଆପଣ ତ ସେହି ସମାନ ଭାବରେ ଜଣେ ମଣିଷ ହିଁ ଅଟନ୍ତି, ପରମେଶ୍ୱରଙ୍କ ଦ୍ୱାରା ଏଠାରେ ସୃଷ୍ଟି ହୋଇଛନ୍ତି ।

110 ଏବଂ ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ, ଏଠାରେ କିଛି ସମୟ ପୂର୍ବରୁ, ଏଠାରେ ଠିଆ ହୋଇଥିଲି ଏବଂ ଲୁଇସଭିଲେର କିଛି ଡାକ୍ତରମାନେ ଥିଲେ, ମୁଁ ଆଫ୍ରିକା ବିଷୟରେ କଥାବାର୍ତ୍ତା କରୁଥିଲି ଯେ କିପରି ସେହି ଗରିବ ଲୋକମାନେ, ନରଭକ୍ଷକ ହିଂସ୍ର ପ୍ରକୃତିର, ବିଶେଷତଃ, କିପରି ସେଠାରେ ସେମାନଙ୍କ ପାଖରେ ଜଣେ ସ୍ତ୍ରୀଲୋକ ଥିଲା, ଏକ ଛୋଟ ଶିଶୁକୁ ନେଲା, ଏକ ଛୋଟ ଶିଶୁଟିକୁ ପାଇଥିଲା, ଏବଂ—ଏବଂ ସେ ତାହାକୁ ସେହିପରି ଭାବେ ବାଡେଇଲା ଆଉ ଗୋଟିଏ ବୁଦାରେ ବାନ୍ଧି ଦେଇଥିଲା ଓ କିଛି ଦିନ ପାଇଁ ପଚିଶଢି ଯିବାକୁ ଦେଇଥିଲା, ଆପଣ ଜାଣନ୍ତି, ଯେପର୍ଯ୍ୟନ୍ତକି ତାହା ଦୂଷିତ ନ ହୋଇଗଲା ଏହା ପୂର୍ବେକି ସେମାନେ ଏହାକୁ ଖାଆନ୍ତେ, ଆପଣ ଜାଣନ୍ତି । ସେହିପରି କିଛି ବି ବିଷୟ, ସେମାନେ ତାହାକୁ ଟିକିଏ ପଚିଶଢି ଯିବାକୁ ଦିଅନ୍ତି, ତାହା ନରମ ହୋଇଯାଏ ।

111 ଏହା ଭାବନ୍ତୁ ନାହିଁ ଯେ ଏହା ନରଭକ୍ଷକମାନଙ୍କ ବିଷୟରେ ଅତ୍ୟଧିକ କିଛି ଅଟେ । ଇଂଲାଣ୍ଡରେ ସେମାନେ ସେହି ସମାନ କାର୍ଯ୍ୟ କରନ୍ତି, ସେମାନେ ପକ୍ଷୀଗୁଡିକୁ ମାରି ଗଛରେ ଝୁଲାଇ ଦିଅନ୍ତି, ତାହାପରେ ଥରେ ପରଗୁଡ଼ିକ ସେଥିରୁ ଝଡିଯିବା ପରେ ସେମାନେ ସେଗୁଡ଼ିକୁ ଖାଆନ୍ତି । ଇଂଲାଣ୍ଡରେ, ତାହା ହେଉଛି ଆଙ୍ଗ୍ଲୋ-ସାକ୍ସନ୍ ଲୋକମାନଙ୍କର ମାତୃ ଜାତି । ତାହା ଠିକ୍ । ଏବଂ ଭାବନ୍ତୁ ନାହିଁ...ଆପଣଙ୍କୁ ଇଂଲାଣ୍ଡ ଯିବାର ଦରକାର ନାହିଁ, ଆପଣ କେବଳ ଏଠାରେ ଦକ୍ଷିଣ ରାଜ୍ୟଗୁଡିକରେ ତଳକୁ ଯାଆନ୍ତୁ, ଆପଣ ସେହି ସମାନ ବିଷୟକୁ ପାଇବେ । ନିଶ୍ଚିତ ଭାବରେ । ଯେକୌଣସି ବ୍ୟକ୍ତି ଏକ ଗେଣ୍ଡାକୁ ଖାଇପାରେ କିମ୍ବା—କିମ୍ବା ଏକ ଚିତିସାପକୁ ଖାଇପାରେ, ଅନ୍ୟ କିଛି ବି ଖାଇପାରେ । ତେଣୁ...ହଁ ।

112 ତେବେ ଧ୍ୟାନ ଦିଅନ୍ତୁ, ମୋତେ—ମୋତେ ଆପଣଙ୍କୁ କହିବାକୁ ଦିଅନ୍ତୁ । ମାତ୍ର, ଏଠାରେ ତାହା ଅଟେ ଯାହା ଘଟିଥିଲା । ସେହି ଅଶ୍ୱେତ...ସେହି—ସେହି ଅଶ୍ୱେତ ଜାତିର ଏହା ସହିତ କୌଣସି ହେଲେ ସମ୍ପର୍କ ନାହିଁ । କୟିନ...

113 ବର୍ତ୍ତମାନ, ମୁଁ ଚାହେଁ ଯେ ଆପଣ ଦେଖନ୍ତୁ । ସେମାନେ କହିଲେ ଯେ, "ସେ ନୋଦ ଦେଶକୁ ଚାଲିଗଲେ ।" ବର୍ତ୍ତମାନ, କୟିନ ଏଦନରେ ଥିଲେ । ଏବଂ ଏଦନ, ସେହି ଏଦନ ଉଦ୍ୟାନ, ଏଦନର ପୂର୍ବରେ ଅବସ୍ଥିତ ଥିଲା । କଅଣ ତାହା ଠିକ୍ କି? ଏଦନ ଉଦ୍ୟାନ ଏଦନର ପୂର୍ବରେ, ଏଦନର ପୂର୍ବ ପାର୍ଶ୍ୱରେ ଥିଲା । ଏବଂ କିରୂବମାନଙ୍କୁ ରଖା ଯାଇଥିଲା, ଏବଂ ଜୀବନର ବୃକ୍ଷ ଉଦ୍ୟାନର ପୂର୍ବ ଦ୍ୱାରରେ ଥିଲା, ଏବଂ ସେହିଠାରେ ମୁଁ ଭାବୁଛି ଯେ କୟିନ ଏବଂ ହେବଲ

ସେମାନଙ୍କର ବଳିଦାନ କରିଥିଲେ । ଏବଂ ସେହିଠାରେ ହିଁ ଅଟେ ଯେଉଁଠାରେକି ଅଗ୍ନିମୟ ଖଡ୍ଗ ସହିତ କିରୁବମାନେ ସେମାନଙ୍କୁ ଆଉ ପ୍ରବେଶ କରିବାକୁ ଦେଇ ନ ଥିଲେ, ଫାଟକର ପୂର୍ବରେ!

114 କଅଣ ଆପଣ ଲକ୍ଷ୍ୟ କଲେ ଯେ, ଯୀଶୁ ପୂର୍ବ ଦିଗରୁ ଆସିବେ । ଆଲୋକ ପୂର୍ବ ଦିଗରୁ ଆସେ । ସବୁକିଛି ଆସେ...ସଭ୍ୟତା ପୂର୍ବରେ ଆରମ୍ଭ ହୋଇ ପଶ୍ଚିମ ଦିଗକୁ ଯାତ୍ରା କରିଥିଲା, ଯେପର୍ଯ୍ୟନ୍ତକି ଏହା ଘୁରି ବୁଲିଥାଏ ଏବଂ ପୁନର୍ବାର ନିଜକୁ ଧରି ପକାଇଥାଏ । ଆମେ ପାଶ୍ଚାତ୍ୟ ଗୋଲାର୍ଦ୍ଧରେ ଅଛୁ । ତାହା ହେଉଛି ପୂର୍ବବର୍ତ୍ତି, ସେହି ପୂର୍ବବର୍ତ୍ତି ହେଉଛି ସବୁଠୁ ପୁରାତନ ସଭ୍ୟତା । ଆଜି ବିଶ୍ୱରେ, ସବୁଠୁ ପୁରାତନ ସଭ୍ୟତା, ଯାହା ଇତିହାସକାରାମାନେ ଜାଣିଛନ୍ତି ତାହା ହେଲା ଚୀନର ସଭ୍ୟତା । ପୂର୍ବ!

115 ଓଃ, ଆମେ କିପରି ଏହି ପ୍ରଶ୍ନଗୁଡିକ ଉପରେ ଘଣ୍ଟା ଘଣ୍ଟା ଧରି ରହିପାରିବା, ଗୋଟିକ ଉପରେ, ମାତ୍ର ଏହା ଅନ୍ୟମାନଙ୍କ ପ୍ରତି ଯଥାର୍ଥ ହେବ ନାହିଁ । କିନ୍ତୁ ଧ୍ୟାନ ଦିଅନ୍ତୁ, ଏଠାରେ ଅଛି...କେତେଜଣ ଏହା ଜାଣିବାକୁ ଚାହାଁନ୍ତି ଯେ ଆମେ କୟିନଙ୍କ ବିଷୟରେ କଅଣ ବିଶ୍ୱାସ କରୁ, କୟିନଙ୍କ ପତ୍ନୀ କେଉଁଠାରୁ ଥିଲେ ଓ କିଏ ଥିଲେ? ଆସନ୍ତୁ ଦେଖିବା । ଠିକ୍ ଅଛି । ମୁଁ ଆପଣମାନଙ୍କୁ କହିବି ଯେ କୟିନ କଅଣ କରିଥିଲେ, ଏବଂ ଏହାହିଁ ହେଉଛି ଏକମାତ୍ର ସମ୍ବେଦନଶୀଳ ଉତ୍ତର ଯାହାକି ଆପଣ ଆକଳନ କରିପାରନ୍ତି: କୟିନ ନିଜର ଭଉଣୀକୁ ବିବାହ କରିଥିଲେ । ତାଙ୍କୁ କରିବାକୁ ପଡିଲା, କାରଣ ସେତେବେଳେ ପୃଥିବୀରେ କେବଳ ଜଣେ ହିଁ ସ୍ତ୍ରୀଲୋକ ଥିଲେ; ବାଇବଲ କେବଳ ତିନିଜଣଙ୍କର ଜନ୍ମ ହେବା ବିଷୟ ଅଭିଲେଖ ଦିଏ, ହାମ, ଶେମ...ଅଥବା ନୁହେଁ...ମୋତେ କ୍ଷମା କରନ୍ତୁ, କୟିନ, ହେବଲ, ଏବଂ ଶେଥ । ମାତ୍ର ଯଦି ସେଠାରେ ଆଉ କିଛି ନ ଥିଲା...ବାଇବଲ କ୍ୱଚିତ୍ ହିଁ ଏକ ଝିଅର ଜନ୍ମ ବିଷୟରେ ଅଭିଲେଖ ଦିଏ । ଆପଣ ତାହା ଜାଣନ୍ତି ।

116 ବର୍ତ୍ତମାନ, ମୁଁ ନିଶ୍ଚିତ ଯେ ଆଜି ରାତିରେ ସ୍ତ୍ରୀଲୋକମାନଙ୍କ ଉପରେ କିଛି କଥା କହିବି । ମାତ୍ର, ଦେଖନ୍ତୁ, ଜଗତ ସ୍ତ୍ରୀମାନଙ୍କୁ ଉପାସନା କରେ, କିନ୍ତୁ ଆରମ୍ଭରେ ସ୍ତ୍ରୀମାନେ ଶୟତାନର ଉପକରଣ ଥିଲେ । ଏବଂ ଆଜି ଜଣେ ଅନ୍ୟାୟୀ ସ୍ତ୍ରୀଲୋକଟିଏ ହେଉଛି ତାହା ହାତରେ ସର୍ବୋତ୍ତମ ଉପକରଣ । ସେ ଜଗତରେ ଥିବା ସମସ୍ତ ମଦୁଆମାନଙ୍କ ଅପେକ୍ଷା ସର୍ବାଧିକ ପ୍ରଚାରକମାନଙ୍କୁ ନରକକୁ ପଠାଇବ । ଜଣେ ସାନ ଆଧୁନିକ ଅନୈତିକ ଝିଅକୁ ନିଜ ପାଟିର କୋଣରେ ସିଗାରେଟ୍ ସହିତ ଆସିବାକୁ ଦିଅନ୍ତୁ, ଏବଂ ତାର କେଶ ସବୁ ସେହିପରି ଭାବରେ କର୍ତ୍ତନ କରାଯାଇଥାଏ, ଏବଂ ବଡ ବଡ ଲମ୍ବା ଆଖିପତାମାନ ଯାହାକି ଉପର ତଳକୁ ଝଟକୁଥାଏ, ଭାଇ, ଏକ ସାନ...ତାଙ୍କ ଉପରେ ଦିଶୁଥିବା ଏକ ପ୍ରକାର ସୁନ୍ଦର-ଶାରୀରିକ ଗଠନ, ଦେଖନ୍ତୁ ଯେ ସେ କଣ କରିବ ।

117 ହେ ପ୍ରଚାରକ, ଉତ୍ତମ ହେବ ଯେ ଆପଣ ନିଜକୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତରେ ଘୋଡାଇ ରଖନ୍ତୁ । ତାହା ଠିକ୍ । ତେବେ, ମୋତେ କୁହନ୍ତୁ ନାହିଁ, ଆପଣ ପୁରୁଷ ଅଟନ୍ତି! ମୁଁ ଏହାର ବହୁତ

ଅଧିକ ଦେଖିଛି । ତେବେ, ଏଠାରେ ଦେଖନ୍ତୁ । ସବୁଠୁଁ ସର୍ବୋତ୍ତମ କାର୍ଯ୍ୟ କରିବା ପାଇଁ ହେଲା ନିଜର ମନକୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ କେନ୍ଦ୍ରିତ କରି ରଖନ୍ତୁ ଏବଂ ତୁମର ଚିନ୍ତାଧାରାଗୁଡିକ ବିଶୁଦ୍ଧ ହେଉ ।

118 ଯେପରିକି ପାଉଲ ସେଠାରେ କହିଥିଲେ, କହିଲେ, "ଏହା...ଆମେ ଜାଣୁ ଯେ ଆମ ପାଖରେ ଜଣେ ଭଉଣୀକୁ ମାର୍ଗଦର୍ଶନ କରିବାର ଶକ୍ତି ଅଛି । ମୋ ପାଖରେ ତାହା କରିବାର ଶକ୍ତି ଅଛି, କିନ୍ତୁ" କହିଲେ "ମୁଁ ତାହା କରିବି ନାହିଁ ।" ଦେଖନ୍ତୁ, ସେ ତାହା କରିବେ ନାହିଁ । ସେ କହିଲେ, "ମୁଁ ଜାଣେ ଯେ ସେବକମାନେ ସେମାନଙ୍କର—ସେମାନଙ୍କର ଦ୍ୱାରା ଗୁଜାରଣ କରିବା ଉଚିତ୍...କାମ କରୁଥିବା ବଳଦ ମୁହଁରେ ତୁଣ୍ଡି ଦିଅ ନାହିଁ ।"

119 ଆପଣ ଜାଣନ୍ତି, ଆମେ ବେଳେବେଳେ ଭାବିଥାଉ, ଯେହେତୁ ଆମେ ଜଣେ ପ୍ରଚାରକ ଅଟୁ...(ଆପଣ ଏବଂ ମୁଁ ନୁହେଁ, ମୁଁ କୁହେ ନାହିଁ, ଭାଇ ।) କିନ୍ତୁ ପ୍ରଚାରକମାନେ ଭାବନ୍ତି ଯେହେତୁ ସେମାନେ ପ୍ରଚାରକଗଣ ଅଟନ୍ତି ଯେ—ଯେ ସେମାନେ ମଣ୍ଡଳୀର ଅନ୍ୟତମ ସଦସ୍ୟମାନଙ୍କଠାରୁ କିଛି ଗୋଟାଏ ବଡ଼ ଅଟନ୍ତି । ଆପଣ କୌଣସି ବଡ଼ ନୁହଁନ୍ତି ଏବଂ ପରମେଶ୍ୱରଙ୍କ ଦୃଷ୍ଟିରେ ଆପଣ କୌଣସି ମତେ ସେହି ମଦୁଆଠାରୁ ବଡ଼ ନୁହଁନ୍ତି ଯିଏକି ଗୋଟିଏ ଘଣ୍ଟା ପୂର୍ବରୁ ମନ ଫେରଣ କରି ଥିଲା ।

120 ତାହାହିଁ ହେଉଛି ସେହି ଗୋଟିଏ ବିଷୟ ଯାହାକି ସଂସ୍କାର କେବେ ବି ଶୁଦ୍ଧ କଲା ନାହିଁ, ତାହା ହେଲା ଏହି ବିଷୟଗୁଡ଼ିକ । ମୁଁ ଜାଣେ ମୁଁ ମୋ ନାମରେ ଦସ୍ତଖତ କରେ "ସମ୍ମାନୀୟ ।" ତାହା ଅବିକଳ ଠିକ୍, ତାହା ତ କେବଳ ଆଜିର ଗୋଟିଏ—ଗୋଟିଏ ପରମ୍ପରା ବିଷୟ, ମାତ୍ର ତାହା କରାଯିବା ଉଚିତ୍ ନୁହେଁ । "ସମ୍ମାନୀୟ" ଏବଂ "ବିଶପ୍" ଏବଂ "ଡାକ୍ତର" ଏବଂ ସେହି ସମସ୍ତ ବିଷୟଗୁଡ଼ିକ ହେଲା ମନୁଷ୍ୟ-କୃତ ଉପାଧିମାନ, ଏବଂ ସେଗୁଡ଼ିକ ନିରର୍ଥକ ଅଟେ! ବାଇବଲରେ ସେମାନେ ଥିଲେ "ପିତର," "ଯାକୁବ," "ପାଉଲ," "ଯୋହନ," ଏବଂ ଅବଶିଷ୍ଟ ସେମାନେ ସମସ୍ତେ ।

121 ପାଉଲ କହିଲେ, "ତେବେ, ଏଠାରେ, ମୁଁ ଜାଣେ ଯେ ମୁଁ ସୁସମାଚାର ପ୍ରଚାର କରେ, ତାହା—ତାହା—ତାହା ମୋର କର୍ତ୍ତବ୍ୟ ଅଟେ ।" ମୁଁ ଜଣେ ପ୍ରଚାରକ, ସେ ଜଣେ ପ୍ରଚାରକ, ଭାଇ ନେଭିଲ ଜଣେ ପ୍ରଚାରକ, କିନ୍ତୁ ଏହା...ତାହା ଆମର କର୍ତ୍ତବ୍ୟ ଅଟେ, ଜଣେ ପ୍ରଚାରକ ହେବା । ତେବେ, ତାହା ହିଁ ଅଟେ ଯାହାକି ଆମେ କରିବା ଉଚିତ୍ । "ମାତ୍ର ମୋତେ କିଛି କରିବାକୁ ଦିଅନ୍ତୁ," ପାଉଲ କହିଲେ, "ଯାହାକି ତାହାର ଉର୍ଦ୍ଧ୍ୱରେ ଅଟେ ।" "ବର୍ତ୍ତମାନ, ମୋର ଟଙ୍କା ନେବାର ଏକ ଅଧିକାର ଅଛି," ପାଉଲ କହିଲେ, "କିନ୍ତୁ ମୁଁ ତମ୍ବୁ ତିଆରି କରିବାକୁ ଯାଉଅଛି କେବଳ ତୁମକୁ ଏହା ଦେଖାଇବା ପାଇଁ ଯେ ମୁଁ ଉତ୍ସର୍ଗ କରିପାରେ—କରିପାରେ ।" ସେ କହିଲେ, "ଏହା ଆଦରଣୀୟ ଅଟେ, ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ଅଟେ, ଶଯ୍ୟା ଶୁଚି ହେଉ । ଜଣେ ପୁରୁଷଙ୍କ ପାଇଁ ବିବାହ ହେବା ଉତ୍ତମ ଅଟେ ।" ସେ କହିଲେ, "ମୋର ବିବାହ କରିବାର ଏକ ଅଧିକାର ଅଛି । ବର୍ତ୍ତମାନ, ମୁଁ—ମୁଁ ବିବାହ କରିପାରେ,

ମୋର ବିବାହ ହେବାର ଏକ ଆଇନଗତ ଅଧିକାର ଅଛି । କିନ୍ତୁ ମୁଁ ବିବାହ ହିଁ କରିବି ନାହିଁ, ମୁଁ ପ୍ରଭୁଙ୍କଠାରେ ଆଉ ଏକ ଉତ୍ସର୍ଗ କରିବାକୁ ଚାହେଁ ।" ବୁଝିଲେ? ତାହାପରେ ସେ କହିଲେ, "ପ୍ରତ୍ୟେକ ଲୋକ ତାଙ୍କର ଆହ୍ୱାନ ଜାଣନ୍ତି । ସେ ସେହିପରି କରନ୍ତୁ...କେତେକ ଜଣ ପରମେଶ୍ୱରଙ୍କ ବାକ୍ୟ ନିମନ୍ତେ ନପୁଂସକ ଅଟନ୍ତି, ଏବଂ ଇତ୍ୟାଦି ।"

122 ଆମେ ଆମର କର୍ତ୍ତବ୍ୟର ବାହାରେ କିଛି କରିବାକୁ ଚାହୁଁଅଛୁ । ଏବଂ ଯଦି ଆପଣ ପ୍ରକୃତରେ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ନୂତନ ଜନ୍ମ ପ୍ରାପ୍ତ ହୋଇଛନ୍ତି ଏବଂ କୁହନ୍ତି, "ତେବେ, ମଣ୍ଡଳୀକୁ ଯିବା ମୋର କର୍ତ୍ତବ୍ୟ, ମୁଁ ଭାବୁଛି ମୋତେ ଯିବା ଉଚିତ୍ ।" ଓଃ, ମୋର ପ୍ରଭୁ! ତେବେ, ମୁଁ ତାହାଠାରୁ କିଛି ଅଧିକ କରିବାକୁ ଚାହେଁ, ମୁଁ ଖ୍ରୀଷ୍ଟଙ୍କ ପାଇଁ କିଛି ପ୍ରାଣଗୁଡିକୁ ଜିତିବାକୁ ଚାହେଁ । ମୁଁ କିଛି କରିବାକୁ ଚାହେଁ! ମୁଁ ରୋଗୀମାନଙ୍କୁ ଦେଖା କରିବାକୁ କିମ୍ବା ତାଙ୍କ ପାଇଁ କିଛି କରିବାକୁ ଚାହେଁ । ଅନ୍ତିମ ସଂସ୍କାର ପ୍ରଚାର କରିବା ମୋର କର୍ତ୍ତବ୍ୟ ଅଟେ, ସୁସମାଚାର ପ୍ରଚାର କରିବା ମୋର କର୍ତ୍ତବ୍ୟ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ମୋର କର୍ତ୍ତବ୍ୟ ଅଟେ । ମୋତେ ଆଉ କିଛି କରିବାକୁ ଦିଅନ୍ତୁ, ମୋତେ ବାହାରକୁ ଯିବାକୁ ଦିଅନ୍ତୁ ଏବଂ ଏପରି କିଛି କରିବାକୁ ଦିଅନ୍ତୁ ଯେଉଁଠାରେକି ପରମେଶ୍ୱର ମୋତେ ତାହା ଦ୍ୱାରା ସମ୍ମାନିତ କରିବେ ।

123 ତେବେ, କୟିନ ନିକଟକୁ ଫେରିଯିବା । [ଟେପରେ ରିକ୍ତ ସ୍ଥାନ—ସମ୍ପା ।] କାରଣ ହବା ହିଁ ଏକମାତ୍ର ସ୍ତ୍ରୀଲୋକ ଥିଲେ ଯାହାକି ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିଲେ, ଏବଂ ଯଦି ତାଙ୍କର କୌଣସି କନ୍ୟାମାନେ ନ ଥିଲେ, ଯେତେବେଳେକି ସେହି ଶେଷ ସ୍ତ୍ରୀଲୋକ (ଏକମାତ୍ର ମହିଳା) ମରିଗଲେ, ତେବେ ମାନବ ଜାତି ବୃଦ୍ଧି ପାଇବା ବନ୍ଦ ହୋଇ ଯାଇଥାଆନ୍ତା । କଅଣ ତାହା ଠିକ୍ କି? ସେଠାରେ ଆଉ କୌଣସି ମହିଳା ନ ଥାଆନ୍ତେ । ତେଣୁ ତାଙ୍କୁ କନ୍ୟାମାନଙ୍କୁ ଜନ୍ମ ଦେବାକୁ ହିଁ ଥିଲା । ଏବଂ କୟିନ ନିଜ ଭଉଣୀକୁ ବିବାହ କରିଥିଲେ, କାରଣ ତାଙ୍କୁ କରିବାକୁ ପଡିଥିଲା, ସେଠାରେ ଆଉ ଅନ୍ୟ କୌଣସି ଉପାୟରୁ ସ୍ତ୍ରୀଲୋକ ଆସିବାର ସ୍ଥାନ ନ ଥିଲା ।

124 ଆଉ ସେହି ଦିନମାନଙ୍କରେ, ଏପରିକି ଅବ୍ରହାମଙ୍କ ପାଇଁ, ଏବଂ ଇସହାକ ପର୍ଯ୍ୟନ୍ତ ସୁଦ୍ଧା ତାହା ଆଇନସଂଗତ ଏବଂ ଆଇନ ଅନୁଗତ ଥିଲା । ଇସହାକ ତାଙ୍କର ନିଜର ରକ୍ତ ସମ୍ପର୍କୀୟଙ୍କୁ ବିବାହ କରିଥିଲେ । ଆଉ ଅବ୍ରହାମ ନିଜ ଭଉଣୀଙ୍କୁ, ରକ୍ତ ସମ୍ପର୍କୀୟ ଭଉଣୀଙ୍କୁ ବିବାହ କରିଥିଲେ । ତାଙ୍କର ପିତା...ଏହା ଭିନ୍ନ ମାତା ଥିଲେ କିନ୍ତୁ ସମାନ ପିତା ଥିଲେ । ଏବଂ ବୀଜାଣୁ ପୁରୁଷ ଲିଙ୍ଗରୁ ଆସିଥାଏ । ସାରା, ଯିଏକି ଅଦ୍ଭୁତ ଇସହାକଙ୍କୁ ଜନ୍ମ ଦେଇଥିଲେ । କଅଣ ତାହା ଠିକ୍ କି? ସେତେବେଳେ ଆଉ ପୃଥିବୀରେ କେହି ହେଲେ ନ ଥିଲେ ।

125 ତାହା ସବୁ ପ୍ରତିରୂପରେ ଥିଲା, ଯାହା ଦର୍ଶାଉଥିଲା ଯେ...ତାହା ଏଠାରେ ଅଛି, ଭାଇ! ଇସହାକ...ରିବିକା ହେଉଛି ମଣ୍ଡଳୀର ଏକ ପ୍ରତିରୂପ, ଏବଂ ଇସହାକ ହେଉଛନ୍ତି ବର, ଖ୍ରୀଷ୍ଟଙ୍କର ଏକ ପ୍ରତିରୂପ । କଅଣ ତାହା ଠିକ୍ ଅଟେ? ଏବଂ ସେମାନଙ୍କୁ ନିଶ୍ଚିତରେ ରକ୍ତ ସମ୍ପର୍କୀୟ ହେବାକୁ ଅଛି! ହାଲ୍ଲେଲୁୟା! ଆମେନ୍! ରକ୍ତ ସମ୍ପର୍କ!

126 ତେଣୁ କୟିନ ତାଙ୍କର ଭଉଣୀକୁ ବିବାହ କଲେ, ଏବଂ ତାହାହିଁ ହେଉଛି…ତାହାପରେ ସେମାନେ ସେଠାରେ ନୋଦ ଦେଶକୁ ଗଲେ। ବର୍ତ୍ତମାନ, ଯଦି ଆମେ ଟିକିଏ ଦୂରକୁ ଯିବା ତାହାହେଲେ ଆମେ ଏକ ଗଭୀର ବିଷୟ ଭିତରକୁ ଚାଲିଯିବା, ଏବଂ ମୁଁ ଆନନ୍ଦିତ ଯେ ଆପଣ ଏହାଠାରୁ ଅଧିକ ଦୂରକୁ ପଚାରି ନାହାଁନ୍ତି, (ଯଥା, "ସେଦିନ ସେହି ଦେଶରେ ଥିବା ସେହି ମହାବୀରଗଣ କେଉଁଠାରେ ଥିଲେ?" ଜୋସେଫସ୍ ଏବଂ ଭିନ୍ନ ଭିନ୍ନ ବ୍ୟକ୍ତିମାନଙ୍କର ତାହା ଉପରେ ଅନେକ ଯୁକ୍ତି ଅଛି)। ଆମେନ୍! ଭାଇ, ଯଦି ମୁଁ ତାହା ଠିକ୍ ଭାବେ ବୁଝାଇ ନାହିଁ, ତେବେ ରବିବାର ସକାଳେ ଏହାକୁ ପୁନର୍ବାର ଦେଇ ଦେବେ। ଠିକ୍ ଅଛି।

**4. କଅଣ ଆପଣ ଏହା ବୁଝାଇବେ କି ଯେ ରବିବାର ହେଉଛି ସପ୍ତାହର ପ୍ରଥମ ଦିନ ଏବଂ ଶନିବାର ହେଉଛି ସପ୍ତମ ଦିନ? ଖ୍ରୀଷ୍ଟିଆନମାନେ ସପ୍ତାହର ପ୍ରଥମ ଦିନ, ରବିବାର ଦିନରେ ମଣ୍ଡଳୀକୁ ଯାଆନ୍ତି। କଅଣ ସେମାନଙ୍କୁ ସପ୍ତାହର ସପ୍ତମ ଦିନ, ଶନିବାରରେ ଯିବାର ଉଚିତ ନୁହେଁ କି?**

127 ତେବେ, ବର୍ତ୍ତମାନ, ପ୍ରିୟ ବନ୍ଧୁ, ଯିଏ କେହି ବି ତାହା ପଚାରିଛନ୍ତି, ତାହା ଏକ ବହୁତ ଭଲ ପ୍ରଶ୍ନ ଅଟେ। ଏହା ଏକ ପୁରୁଣା ପ୍ରଶ୍ନ ଅଟେ ଯାହାକି ଆଜି ହଜାର ହଜାର ଛାତ୍ରମାନଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଅଛି, କିନ୍ତୁ ଯଦି ମୁଁ ପାରେ, ଆପଣ ମୋତେ ତାହା ବିଷୟରେ ମୋର ସଂସ୍କରଣ ପ୍ରଦାନ କରିବାକୁ ଦିଅନ୍ତୁ, ଆପଣ ଦେଖନ୍ତୁ, ତାହାହିଁ ସବୁକିଛି ଯାହା ମୁଁ କରିପାରେ। ଏବଂ ଯଦି ମୁଁ ଠିକ୍ ନୁହେଁ, ତେବେ, ଆପଣ—ଆପଣ ମୋତେ ସହ୍ୟ କରି ନିଅନ୍ତୁ, ଏବଂ ପରମେଶ୍ୱର ମୋତେ କ୍ଷମା କରନ୍ତୁ, ଆପଣ ଦେଖନ୍ତୁ, ଯଦି—ଯଦି ମୁଁ ଏହାକୁ ଭୁଲ୍ କରେ।

128 ତେବେ, ଯେତେ ଦୂର ପର୍ଯ୍ୟନ୍ତ ଏକ ଆଇନ…ତେବେ, ବୋଧହୁଏ ତାହା ଏଠାରେ ଜଣେ ସେଭେନ୍ଥ-ଡେ ଆଡଭେଣ୍ଟିଷ୍ଟ ବ୍ୟକ୍ତି ବସିଛନ୍ତି। ତାହା ମୋର ପ୍ରଥମ ଅଧ୍ୟୟନ ଥିଲା, ସେଭେନ୍ଥ-ଡେ ଆଡଭେଣ୍ଟ ଅର୍ଥାତ୍ ସପ୍ତମ-ଦିନର ଆଗମନ। ତାହା ଠିକ୍। ସେଭେନ୍ଥ-ଡେ ଆଡଭେଣ୍ଟିଷ୍ଟ ବିଷୟ ଥିଲା, ଯାହା ମୁଁ ପ୍ରଥମେ ଅଧ୍ୟୟନ କରିଥିଲି। ଏବଂ ଯେତେବେଳେ ସେମାନେ ଆସି ମୋତେ ତାହା ଜଣାଇଲେ ଯେ "ଶନିବାରଟି ସପ୍ତମ ଦିନ ଥିଲା," ଭାଇ, ତାହା ଯିହୁଦୀ କ୍ୟାଲେଣ୍ଡର ଅନୁଯାୟୀ ଥିଲା। ଏବଂ ରୋମାନ୍ କ୍ୟାଲେଣ୍ଡର ଏହାକୁ ଠିକ୍ ଭାବେ ବ୍ୟବସ୍ଥିତ କରି ନ ଥିଲା, ଏବଂ ଶନିବାର ପ୍ରକୃତରେ ରବିବାର ହେବାକୁ ଥିଲା। ତେବେ, ସେମାନେ ମୋତେ ଏପରି କିଛି ବିଷୟ ମତାଇ ଦେଇଥିଲେ ଯାହାକି ମୁଁ ଠିକ୍ ବୋଲି ଭାବୁଥିଲି। ଏବଂ ଯେପର୍ଯ୍ୟନ୍ତ ମୁଁ ସେମାନଙ୍କ ସାହିତ୍ୟ ପାଠ କରୁଥିଲି, ମୁଁ ଶତ ପ୍ରତିଶତ, ତାହାର ସପକ୍ଷରେ ଥିଲି, କିନ୍ତୁ ଦିନେ ମୁଁ ଏକ ବାଇବଲ ଧରି ପାଇଲି ଏବଂ ମୁଁ ଦେଖିଲି ଯେ ତାହା ସେହି ଦିନଠାରୁ ଭିନ୍ନ ଥିଲା। ଦେଖନ୍ତୁ?

129 ବର୍ତ୍ତମାନ, ସପ୍ତାହର ଚକ୍ର ଅନୁଯାୟୀ ଶନିବାର ହେଉଛି ବିଶ୍ରାମବାର ଦିନ। ବର୍ତ୍ତମାନ, ଆମେ ଜାଣିନାହୁଁ। ଏହାକୁ ପରିବର୍ତ୍ତିତ କରା ଯାଇଅଛି, ଏବଂ ଆମ ପାଖରେ ଏତେ ଗୁଡ଼ିଏ ପରିବର୍ତ୍ତନମାନ ରହିଅଛି ଯେ ଆପଣ ଏପରିକି ସୁଦ୍ଧା କେବେ ବି ଜାଣିବେ ନାହିଁ ଯେ ତାହା

କେଉଁଟି ଥିଲା । ଦେଖନ୍ତୁ? କାରଣ ଆମେ...ବର୍ତ୍ତମାନ, ଯିହୁଦୀମାନେ ଦାବି କରନ୍ତି ଯେ ଆମେମାନେ ପ୍ରାୟଃ ଠିକ...ସେମାନଙ୍କର ଚକ୍ର, ସେମାନଙ୍କର କ୍ୟାଲେଣ୍ଡର ଅନୁଯାୟୀ, ଏହା ବର୍ତ୍ତମାନ ପ୍ରାୟଃ 1970 ସେପରି କିଛି ଅଟେ । ରୋମାନ୍ କ୍ୟାଲେଣ୍ଡର ଏହାକୁ 1953 ବୋଲି ନେଇଥାଏ । ଏବଂ ସେମାନଙ୍କର ଆଉ ଏକ କ୍ୟାଲେଣ୍ଡର ଥିଲା ଯାହାକି ଏହାକୁ ଅନ୍ୟ କିଛି ବୋଲି ନେଇଥାଏ । କିନ୍ତୁ ତାହା ହିଁ ଏହାକୁ ଖ୍ରୀଷ୍ଟିଆନ ଧର୍ମର ପ୍ରମାଣ ବୋଲି କରିଥାଏ, ଯେ ଏହା ସମସ୍ତ କିଛିକୁ ଖ୍ରୀଷ୍ଟଙ୍କ ଜନ୍ମ ଉପରେ ଆଧାରିତ କରିଥାଏ ।ଆପଣ ଦେଖନ୍ତୁ, ସେହିଠାରେ ହିଁ ଆମେ ଏହାକୁ ନେଇଥାଉ ।

130 ତେବେ, କିନ୍ତୁ ତେବେ ସପ୍ତମ ଦିନ ଭାବରେ, ବର୍ତ୍ତମାନ, ସେଠାରେ ବହୁତ ପେଣ୍ଟିକଷ୍ଟାଲ୍ ଲୋକମାନେ ଅଛନ୍ତି ଯେଉଁମାନେକି ସଜତ—ବିଶ୍ରାମବାର ବିଶ୍ରାମବାରିଆମାନେ, ଶନିବାର ଦିନକୁ ବିଶ୍ରାମବାର ବୋଲି ପାଳନ କରନ୍ତି । ତେବେ, ସେମାନେ କୁହନ୍ତି, "ବାଇବଲରେ ଏପରି କୌଣସି ବାକ୍ୟ ଶନି-...ରବିବାରକୁ ଦିନ ଭାବରେ ପାଳନ କରିବା ସମ୍ବନ୍ଧରେ ନାହିଁ ।" ବର୍ତ୍ତମାନ, ମୁଁ ନୂତନ ନିୟମରେ ବିଶ୍ରାମବାର ବିଷୟରେ ଠିକ ସେହି ସମାନ କଥା କହିବି । ଦେଖନ୍ତୁ? ତେବେ, ଶନିବାରକୁ ବିଶ୍ରାମବାର ଭାବରେ ଯିହୁଦୀମାନଙ୍କୁ ଦିଆଯାଇଥିଲା । ବର୍ତ୍ତମାନ, ଏହା କେବଳ ଏକ ସମୟ କାଳ ନିମନ୍ତେ ଦିଆଯାଇଥିଲା ।

131 ବର୍ତ୍ତମାନ, ଏହା ହୁଏତ ଅନ୍ୟ ଏକ ପ୍ରଶ୍ନ ଓଲଟା ଏହା ଉପରକୁ ଉଠାଇପାରେ । ମାତ୍ର, ବର୍ତ୍ତମାନ ଧ୍ୟାନ ଦିଅନ୍ତୁ । ଯେତେବେଳେ ପରମେଶ୍ୱର ସପ୍ତମ ଦିନରେ ବିଶ୍ରାମ କଲେ, ସେତେବେଳେ ସପ୍ତମ ଦିନ ପାଳନ କରାଯାଉ ନ ଥିଲା, ଯେତେ—ଯେତେ ଦୂର ମୁଁ ଶାସ୍ତ୍ରରେ ଜାଣିଛି, ପ୍ରାୟଃ ପାଖାପାଖି ପନ୍ଦର ଶହ ବର୍ଷ ପର୍ଯ୍ୟନ୍ତ । ଏବଂ ପ୍ରାନ୍ତରରେ, ପରମେଶ୍ୱର ଇସ୍ରାଏଲକୁ ସପ୍ତମ ଦିନର ଚିହ୍ନ ସ୍ୱରୂପେ ଦେଇଥିଲେ...ପରମେଶ୍ୱର ମଧ୍ୟରେ ।

132 ଏବଂ ପରମେଶ୍ୱର ସପ୍ତମ ଦିନରେ, ତାଙ୍କର ସ୍ମୃତି ବିଶ୍ରାମ ଦିନ ସ୍ୱରୂପେ ବିଶ୍ରାମ କରିଥିଲେ । ମୁଁ ଏହାକୁ ସେହିପରି ଭାବରେ କହୁଛି ଯେ ଏହାର ଲାଭ ତାହା ଉପରେ ହୋଇପାରେ ଯେ ଜଣେ—ଜଣେ ସେଭେନ୍ଥ-ଡେ ଆଡଭେଣ୍ଟିଷ୍ଟ ଭାଇ କିମ୍ବା ଭଉଣୀ, ଦେଖନ୍ତୁ, ଏବଂ ସେମାନଙ୍କର ଏକ ସୁନ୍ଦର ମଣ୍ଡଳୀ ଅଛି । ଆଉ ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ମୁଁ ସେମାନଙ୍କ ସହିତ ଏହି ପ୍ରଶ୍ନ ଉପରେ—ଉପରେ ଟିକିଏ ଭିନ୍ନ ମତ ରଖିବି ।

133 ବର୍ତ୍ତମାନ, ପରମେଶ୍ୱର ସପ୍ତମ ଦିନକୁ ପବିତ୍ର ବୋଲି ମାନ୍ୟ କଲେ । ଛଅ ଦିନ ଯାକ ମଣିଷ ଥିଲା । ସପ୍ତମ ଦିନଟି ପରମେଶ୍ୱରଙ୍କ ବିଶ୍ରାମ ଦିନ ଥିଲା, ଯାହାକି ଏକ ପ୍ରତିରୂପ ଥିଲା, ସହସ୍ରାବ୍ଦୀର ଏକ ପ୍ରତିରୂପ । ତେବେ, ବର୍ତ୍ତମାନ ଏହାକୁ ଧ୍ୟାନ ଦିଅନ୍ତୁ, କିପରି—କିପରି ଏହା ମିଶ୍ରିତ ହୋଇଥାଏ । ବର୍ତ୍ତମାନ ଯେତେବେଳେ ଯୀଶୁ ପୃଥିବୀକୁ ଆସିଲେ, ଯାହା ଯୀଶୁଙ୍କୁ କ୍ରୁଶ ଉପରେ ଚଢାଇଥିଲା ତାହା ହେଲା ଯେ ସେ ବିଶ୍ରାମବାରକୁ ପାଳନ କରି ନ ଥିଲେ; ଯୀଶୁଙ୍କ ବିରୁଦ୍ଧରେ କେବଳ ଦୁଇଟି ଅଭିଯୋଗ ଯାହା ସେମାନଙ୍କର ଥିଲା ତାହା ହେଲା "ସେ ବିଶ୍ରାମବାରକୁ ଭଗ୍ନ କଲେ, ଏବଂ ନିଜକୁ ପରମେଶ୍ୱର ବୋଲାଇଲେ ।" ଏବଂ ସେ କହିଲେ

ଯେ ସେ ବିଶ୍ରାମବାରର ପ୍ରଭୁ ଅଟନ୍ତି। ତାଙ୍କର ଥିଲା...ସେ ପରମେଶ୍ୱରଙ୍କ ବିଶ୍ରାମବାର ମଧ୍ୟ ଥିଲେ, ଏବଂ ସେ ପରମେଶ୍ୱର ଥିଲେ। ତେଣୁ ସେମାନଙ୍କ ପାଖରେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାର କୌଣସି ଉପାୟ ନ ଥିଲା।

134 ତେବେ, ମୋତେ କେବଳ ଏହାକୁ ଆପଣଙ୍କ ପାଇଁ ସମାଧାନ କରିବାକୁ ଦିଅନ୍ତୁ ଏବଂ ଆପଣଙ୍କୁ ଦେଖାଇବାକୁ ଦିଅନ୍ତୁ ଯେ ଆମକୁ କେଉଁ ଦିନ ପାଳନ କରିବା ଉଚିତ। ତେବେ, କଅଣ ଶାସ୍ତ୍ର ଅଛି କି? ମୁଁ ଏହାକୁ ଆପଣଙ୍କର ଲାଭ ପାଇଁ ପଚାରିବି:

> **ଭାଇ ବ୍ରାନହାମ୍, କଅଣ ଏପରି ଏକ ଶାସ୍ତ୍ର ଅଛି କି, ଯାହାକି ଆମକୁ କୁହେ ଓ ଆମକୁ ଏହା ଅଧିକାର ଦିଏ ଯେ ଆମେ ରବିବାରକୁ ପାଳନ କରିବା ଉଚିତ୍ ଯେପରିକି ଯିହୂଦୀମାନେ ଶନିବାରକୁ ପାଳନ କରିଥାନ୍ତି?**

135 ନା, ମହାଶୟ, ସେପରି କିଛି ନାହିଁ। ବାଇବଲରେ ଏପରି ଗୋଟିଏ ହେଲେ ଶାସ୍ତ୍ରାଂଶ ନାହିଁ, ଯେ ନୂତନ ନିୟମରେ, ଆମ ପାଇଁ ଯେ ଶନିବାର କିମ୍ବା ରବିବାର କୁ ପାଳନ କରିବା ବିଷୟରେ। କିନ୍ତୁ ଆମେ ରବିବାର ପାଳନ କରିବାର, କାରଣ ହେଉଛି ପୁନରୁତ୍ଥାନର ଏକ ସ୍ମୃତି। ଆଉ କିଛି ନୁହେଁ...

136 ତେବେ, ଆପଣ କହିବାକୁ ଯାଉଛନ୍ତି, "ରୋମାନ୍ କ୍ୟାଥୋଲିକ୍ ତାହା କରିଥିଲା।" ସେମାନେ ଦାବି କରନ୍ତି ଯେ ସେମାନେ ଏହା କରିଥିଲେ, କିନ୍ତୁ ଯଦି ସେମାନେ ତାହା କରିଥିଲେ, ତେବେ ସାଧୁ ପାଉଲ ଜଣେ ରୋମାନ୍ କ୍ୟାଥୋଲିକ୍ ଥିଲେ, ଆଉ ପିତର, ଯୋହନ, ଓ ଯାକୁବ ଏବଂ ବାକି ଅନ୍ୟମାନେ ମଧ୍ୟ ସେହିପରି ଥିଲେ, କାରଣ ସେମାନେ ଉପାସନା ପାଇଁ ସପ୍ତାହର ପ୍ରଥମ ଦିନରେ ଏକତ୍ର ହେଉଥିଲେ। ଏବଂ, ଇତିହାସକାରମାନଙ୍କ ଅନୁଯାୟୀ, ଏକ ମାତ୍ର ଉପାୟ ଯେ ସେମାନେ ଜଣେ ଖ୍ରୀଷ୍ଟିଆନ ଯିହୁଦୀ ଏବଂ ଜଣେ ପୁରୁଣାକାଳିଆ ଯିହୁଦୀ ମଧ୍ୟରେ ଫରକ୍ କହିପାରୁଥିଲେ (ସେମାନେ ଉଭୟ ସମାଜଗୃହକୁ ଯାଉଥିଲେ), କିନ୍ତୁ ଜଣେ ଶନିବାର ଦିନ ଯାଉଥିଲେ (ଯିଏକି ଯୀଶୁଙ୍କର ପୁନରୁତ୍ଥାନକୁ ଅସ୍ୱୀକାର କରୁଥିଲେ), ଏବଂ ଅନ୍ୟ ଜଣକଟି ରବିବାର ଦିନ ଯାଉଥିଲେ (ଯିଏକି ବିଶ୍ୱାସ କରୁଥିଲେ ଯେ ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହୋଇଥିଲେ)। ଏବଂ ତାହାହିଁ ଏକ ଚିହ୍ନ ଥିଲା। ଏବଂ ଏହା ହେବ, ଏହା ଏପର୍ଯ୍ୟନ୍ତ ସୁଦ୍ଧା ଏକ ଚିହ୍ନ ଅଟେ, ଏବଂ ହୋଇପାରେ ଯେ ଏହା ପଶୁର ଚିହ୍ନ ଭାବରେ ବାହାରକୁ ଆସିପାରେ।

137 ବର୍ତ୍ତମାନ, ମୁଁ ଜାଣେ ଯେ, ଆମର ପ୍ରିୟ ସେଭେନ୍ଥ-ଡେ ଆଡଭେଣ୍ଟିଷ୍ଟ ଭାଇମାନେ ଭାବନ୍ତି ଯେ ତାହା ପରମେଶ୍ୱରଙ୍କ ମୁଦ୍ରାଙ୍କ ଅଟେ। ସେମାନେ କହିଲେ, "ଆପଣ ବିଶ୍ରାମବାର ପାଳନ କରିବା ଦ୍ୱାରା ମୁଦ୍ରାଙ୍କିତ ହୋଇଥାନ୍ତି।" ବାଇବଲରେ ଏପରି କୌଣସି ଶାସ୍ତ୍ରାଂଶ ନାହିଁ ଯାହାକି ତାହା କୁହେ।

138 ଏବଂ ଏଠାରେ ବାଇବଲରେ ଏକ ଶାସ୍ତ୍ରାଂଶ ଅଛି ଯାହାକି କୁହେ ଯେ—ଯେ ତୁମେମାନେ ମୁଦ୍ରାଙ୍କିତ ହୋଇଅଛ, ଏଫିସୀୟ 4:30, କୁହେ, "ପରମେଶ୍ୱରଙ୍କ

ପବିତ୍ରଆତ୍ମାଙ୍କୁ ଦୁଃଖିତ କର ନାହିଁ, ଯାହାଦ୍ୱାରା ତୁମେ ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ," ସେହି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ।

139 ବର୍ତ୍ତମାନ ମୁଁ ଆପଣଙ୍କୁ ପ୍ରମାଣ କରିବି ଯେ ପରମେଶ୍ୱରଙ୍କ ମୁଦ୍ରାଙ୍କ ହେଉଛି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ। ଦେଖନ୍ତୁ? ତାହା ହେଉଛି ଆତ୍ମାର ବାପ୍ତିସ୍ମ, ପରମେଶ୍ୱରଙ୍କ ମୁଦ୍ରାଙ୍କ। ବର୍ତ୍ତମାନ, ଯିଶାଇୟ ୨୮, ସେ କହିଲେ, "ବିଧି ଉପରେ ବିଧି, ଧାଡି ଉପରେ ଧାଡି, ଏଠି ଅଳ୍ପ, ସେଠି ଅଳ୍ପ।"

140 ତେବେ, ବର୍ତ୍ତମାନ ପ୍ରିୟ ବନ୍ଧୁ, ଦେଖନ୍ତୁ। ବର୍ତ୍ତମାନ, ସେହି ଲୋକମାନେ ଯେଉଁମାନେକି କାମ କରିବା ବନ୍ଦ କରି ଦିଅନ୍ତି...ଦେଖନ୍ତୁ, ମନୁଷ୍ୟମାନେ ନିଜକୁ ଉଦ୍ଧାର କରିବା ନିମନ୍ତେ କିଛି ଗୋଟାଏ ଖୋଜିବାକୁ ଚେଷ୍ଟା କରୁଛନ୍ତି। ଏପରି କୌଣସି ବିଷୟ ନାହିଁ ଯାହାକି ଆପଣ ଏହା ସମ୍ବନ୍ଧରେ କିଛି କରିପାରିବେ। ଆପଣ ଅନୁଗ୍ରହ ଦ୍ୱାରା ରକ୍ଷାପ୍ରାପ୍ତ ଅଟନ୍ତି। ପରମେଶ୍ୱର ଆହ୍ୱାନ କରନ୍ତି, ପରମେଶ୍ୱର ହିଁ ରକ୍ଷା କରନ୍ତି। ଆପଣ କେବଳ ପରମେଶ୍ୱରଙ୍କ ସେହି—ସେହି ପଦଚିହ୍ନ ଅନୁସରଣ କରନ୍ତୁ, ତାହା ହିଁ ସବୁକିଛି ଅଟେ। ଆପଣ କହିପାରନ୍ତି ନାହିଁ। ତାହାହିଁ ଅଟେ ଯାହାକି ଜଣେ ମନୁଷ୍ୟର ପ୍ରକୃତି ଅଟେ। ସେମାନେ ମାଂସ ଖାଇବା ଛାଡିବାକୁ ଚେଷ୍ଟା କରନ୍ତି, ସେମାନେ ବିଶ୍ରାମବାର ପାଳନ କରିବାକୁ ଚେଷ୍ଟା କରନ୍ତି, ସେମାନେ ଚେଷ୍ଟା କରନ୍ତି..."ଯଦି ଆପଣ *ଏହା* କରିବା ଛାଡି ଦେବେ।" ଏହା ତ...ଆପଣ ମାଂସ ନ ଖାଇବା ଯୋଗୁ ରକ୍ଷାପ୍ରାପ୍ତ ହୁଅନ୍ତି ନାହଁ। ଆପଣ *ଏହା*, *ତାହା*, କିମ୍ବା *ଅନ୍ୟ* କିଛି, ଦ୍ୱାରା ରକ୍ଷାପ୍ରାପ୍ତ ହୁଅନ୍ତି ନାହିଁ, ଆପଣ ତ ଅନୁଗ୍ରହ ଦ୍ୱାରା ରକ୍ଷାପ୍ରାପ୍ତ ହୁଅନ୍ତି! ଏବଂ ପରମେଶ୍ୱର, ଅନୁଗ୍ରହ ଦ୍ୱାରା, ଆପଣଙ୍କୁ ନୂତନ, ଅନନ୍ତ ଜୀବନ ପ୍ରଦାନ କରନ୍ତି। ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ? ଏବଂ ଅନନ୍ତ ଜୀବନ ହେଉଛି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ।

141 ବର୍ତ୍ତମାନ ମୋତେ ଦେଖାଇବାକୁ ଦିଅନ୍ତୁ। ସଵତ୍ ଅର୍ଥାତ୍ *ବିଶ୍ରାମବାର* ଶବ୍ଦର ଅର୍ଥ କଅଣ? ଯିଏ କେହି ବି ଜାଣିଛନ୍ତି, କେବଳ ନିଜର ହାତ ଉଠାଇବେ କି? ବିଶ୍ରାମବାର? [ଜଣେ ଭଉଣୀ କୁହନ୍ତି, "ବିଶ୍ରାମ।"—ସମ୍ପା।] ବିଶ୍ରାମ। ଅବିକଳ ଠିକ୍। *ସ-ବ୍-ବ-ତ*, ବିଶ୍ରାମବାର ଦିନ, ଅର୍ଥ "ବି-ଶ୍ରା-ମ," ବିଶ୍ରାମ ଦିନ। ବାଇବଲରେ ନିଜର ସୀମାକୃତ ଧାଡିରେ ପାଠ କରନ୍ତୁ ଓ ଦେଖନ୍ତୁ, "ବିଶ୍ରାମ" ଦିନ। ତେବେ ଆସନ୍ତୁ ବର୍ତ୍ତମାନ ଅତି ଶୀଘ୍ର, ଏବ୍ରୀ, ତାର 4ର୍ଥ ପର୍ବକୁ ଯିବା। ଏବଂ ଆମେ...

142 ଏହା—ଏହା ଏଠାରେ ମୋର ଠିକ୍ ଶେଷ ପ୍ରଶ୍ନ ଅଟେ। ଏବଂ, ଭାଇ, ଦେଖନ୍ତୁ ଯଦି ଭାଇ ନେଭିଲଙ୍କ ପାଖରେ ସେଠାରେ କିଛି ଅଛି କି? ମୁଁ ଜାଣେ ଯେ ସେଗୁଡିକ ମଧ୍ୟରୁ କେତୋଟି ଛୋଟ ଛୋଟ ଅଟେ, ତେଣୁ ଆମେ ଆପଣଙ୍କୁ ଅଧିକ ସମୟ ଧରି ରଖିବୁ ନାହିଁ। ତେବେ, ମୋତେ କ୍ଷମା କରିବେ ଯେତେବେଳେ ମୁଁ ସେଗୁଡିକ ନେଉଥାଏ।

143 ତେବେ, ଯେତେବେଳେ ଆପଣ ଏଠାରେ ସେହି ଶବ୍ଦ, *ବିଶ୍ରାମ*କୁ ଦେଖନ୍ତି, ତେବେ ଆପଣ ଜାଣି ଯାଆନ୍ତି ଯେ ତାହାର ଅର୍ଥ "ବିଶ୍ରାମବାର" ଅଟେ।

144 ବର୍ତ୍ତମାନ, ଏଠାରେ ନୂତନ ନିୟମ ଅଛି । ଯୀଶୁ, ମାଥିଉରେ, ସେ ମାଥିଉ ଲିଖିତ ସୁସମାଚାର 5ମ ପର୍ବରେ ଆରମ୍ଭ କରିଥିଲେ, ଏବଂ ସେ ଏହିପରି ଭାବରେ ଆରମ୍ଭ କରିଥିଲେ: "ତୁମ୍ଭେମାନେ ଶୁଣିଅଛ, ପୁରାକାଳରେ ଲୋକମାନଙ୍କୁ କୁହାଯାଇଥିଲା, 'ବ୍ୟଭିଚାର କର ନାହିଁ । '" ତାହା, ତାହା କଅଣ ଥିଲା? ସେହି ନିୟମ, ଆଜ୍ଞାମାନ । "କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେକେହି, କୌଣସି ସ୍ତ୍ରୀ ପ୍ରତି କାମାଭାବରେ ଦୃଷ୍ଟିପାତ କରେ ।" ଏହାକୁ ବଦଳାଇ ଦେଲେ, କଅଣ ସେ ନୁହେଁ କି? "ତୁମ୍ଭେମାନେ ଶୁଣିଅଛ, ପୁରାକାଳରେ ଲୋକମାନଙ୍କୁ କୁହାଯାଇଥିଲା, 'ନରହତ୍ୟା କର ନାହିଁ,' କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି!" ଏହାକୁ ବଦଳାଇ ଦେଲେ, କଅଣ ସେ ନୁହେଁ କି? (କଅଣ ଭାବୁଛନ୍ତି ଯେ ସେ ବ୍ୟବସ୍ଥାକୁ ପରିବର୍ତ୍ତନ କରି ନାହାଁନ୍ତି କି?) ଠିକ ଅଛି । ସେ କହିଲେ, "କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି ଯେ, ଯେକେହି ଆପଣା ଭାଇ ଉପରେ ବିନା କୌଣସି କାରଣରେ କ୍ରୋଧ କରେ, ସେ ତାକୁ ହତ୍ୟା କରିସାରିଲାଣି ।" ତାହା ପୁରାତନ ନିୟମ ଅଧୀନରେ କେବେବି ନ ଥିଲା, ତାହା ତ ନୂତନ ନିୟମ ଅଟେ । ସେ ତ କେବଳ ତାହାର ଊର୍ଦ୍ଧ୍ୱରେ କହି ଦେଇ ଗଲେ । ବୁଝିଲେ? ସେ ଆଗକୁ ଯାଇ ସେହି ଆଜ୍ଞାଗୁଡ଼ିକୁ ପ୍ରଦାନ କଲେ, କିନ୍ତୁ ସେ ଛାଡି ଦେଲେ, ସେ ଚତୁର୍ଥଟିକୁ ଛାଡ଼ିଦେଲେ, ଯାହାକି ସପ୍ତମ ଦିନ ଥିଲା । ବର୍ତ୍ତମାନ 7ମ ପର୍ବରେ, ଯେଉଁଠାରେ ସେ...

145 ପାର୍ବତୀୟ ଉପଦେଶରେ, ଏଠାରେ ତାହା ଅଟେ ଯାହା ସେ କହିଲେ, ସେ କହିଲେ, "ତୁମ୍ଭେମାନେ ଶୁଣିଅଛ, ପୁରାକାଳରେ ଲୋକମାନଙ୍କୁ କୁହାଯାଇଥିଲା, 'ତୁମ୍ଭେମାନେ କରିବ, ଏବଂ ତୁମ୍ଭେମାନେ କରିବ ନାହିଁ,' ଏବଂ ମୁଁ ତୁମକୁ ଭିନ୍ନ କହୁଅଛି । ତୁମ୍ଭେମାନେ ସେମାନଙ୍କୁ କହୁଥିବାର ଶୁଣିଥିବ, 'ଦନ୍ତର ପରିବର୍ତ୍ତେ ଦନ୍ତ, ଏବଂ ଚକ୍ଷୁର ପରିବର୍ତ୍ତେ ଚକ୍ଷୁ,' କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି! ତୁମ୍ଭେମାନେ ସେମାନଙ୍କୁ ଭିନ୍ନ କଥା କହୁଥିବାର ଶୁଣିଥିବ, କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି!"

146 ତେବେ, ଏହା ସବୁର ଶେଷରେ, ସେ ଚତୁର୍ଥ ଆଜ୍ଞାଟିକୁ ଛାଡିଦେଲେ । ତେବେ, ତାହା ଥିଲା, "ବିଶ୍ରାମବାର ମନେ ରଖ ଏବଂ ଏହାକୁ ପବିତ୍ର କରି ପାଳନ କର ।" ବର୍ତ୍ତମାନ ସେ କହିଲେ:

> *ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ* ତୁମ୍ଭମାନଙ୍କର ପ୍ରାଣରେ *ତୁମ୍ଭମାନଙ୍କୁ ବିଶ୍ରାମ ଦେବି ।*

147 ବର୍ତ୍ତମାନ ଦେଖନ୍ତୁ, "ଯେକେହି ବ୍ୟଭିଚାର କରେ ସେ ପଥରରେ ମରାଯିବା ଉଚିତ୍," ବ୍ୟଭିଚାର କରିବା ସମୟରେ ସେମାନଙ୍କୁ ଠିକ୍ ସେହି କ୍ରିୟାରେ ରହିଥିବା ଉଚିତ୍ । କଅଣ ତାହା ଠିକ୍ ଅଟେ? ଏବଂ ଏହାକୁ ଶାରୀରିକ ଭାବରେ କରିବାକୁ ଥିଲା । "ଯେକେହି ନରହତ୍ୟା କରେ," ତାଙ୍କୁ ଜଣେ ହତ୍ୟାକାରୀ ହେବାକୁ ଥିଲା ।

148 କିନ୍ତୁ ଯୀଶୁ କହିଲେ, "ଯେକେହି ସ୍ତ୍ରୀକୁ ଦେଖେ," ତାର ପ୍ରାଣ, ଆତ୍ମା, ବର୍ତ୍ତମାନ ତାର ଶରୀରରେ ଆଉ କିଛି ନୁହେଁ । ତାର ପ୍ରାଣ ମୁକ୍ତି ପାଇଅଛି, ତାହା ସେତେବେଳେ ନ ଥିଲା;

ଏହା ତ ଏକ ବିଦ୍ୟାଳୟର ଶିକ୍ଷକ ଥିଲା, ଦେଖନ୍ତୁ, ବ୍ୟବସ୍ଥା ଥିଲା। ବର୍ତ୍ତମାନ ସେ କହିଲେ, "ଯେକେହି କୌଣସି ସ୍ତ୍ରୀ ପ୍ରତି କାମାଭାବରେ ଦୃଷ୍ଟିପାତ କରେ, ସେ ତାହା ସଙ୍ଗରେ ମନେ ମନେ ବ୍ୟଭିଚାର କଲାଣି।" ବର୍ତ୍ତମାନ ସେ କହିଲେ, "ତୁମ୍ଭେମାନେ ସେମାନଙ୍କୁ କହୁଥିବାର ଶୁଣିଥିବ, 'ତୁମ୍ଭେ ନରହତ୍ୟା କର ନାହିଁ,' କିନ୍ତୁ ମୁଁ କହୁଅଛି ଯେକେହି ବିନା କାରଣରେ ଆପଣା ଭାଇ ଉପରେ କ୍ରୋଧ କରେ ହତ୍ୟା କଲାଣି।"

149 ତେବେ, ସେ ଅନ୍ୟ ଅର୍ଥରେ, ବିଶ୍ରାମବାର ବିଷୟରେ, କହିଲେ, ସେ କହିଲେ:

> *ହେ ପରିଶ୍ରାନ୍ତ ଓ…ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କର ପ୍ରାଣରେ ତୁମ୍ଭମାନଙ୍କୁ ବିଶ୍ରାମ, ତୁମ୍ଭମାନଙ୍କର ପ୍ରାଣରେ* ବିଶ୍ରାମବାର *ଦେବି।* (ଶାରୀରିକ ଶରୀରକୁ ନୁହେଁ, ତୁମ୍ଭର *ପ୍ରାଣକୁ।*)

150 ତେବେ, ପାଉଲଙ୍କ କଥା ବର୍ତ୍ତମାନ ଶୁଣନ୍ତୁ—ଶୁଣନ୍ତୁ। ଯଦି ଆପଣ କେବଳ କରିପାରିବେ…ମୁଁ ଜାଣେ ଯେ ଏହା ଗରମ ଏବଂ ସବୁକିଛି ଅଟେ, ଏହା ଏଠାରେ ଉପରେ ମଧ୍ୟ ଗରମ ଅଟେ। କିନ୍ତୁ, ବର୍ତ୍ତମାନ, ଆସନ୍ତୁ ଏହାକୁ ଅତି ଧ୍ୟାନ ସହକାରେ ଦେଖିବା ଯେଣୁ ଆମେ ଏହାକୁ ସମାଧାନ କରିବାରେ ନିଶ୍ଚିତ ହେବା। ତେବେ, ପାଉଲ, ଏବ୍ରୀମାନଙ୍କୁ ଲେଖୁଛନ୍ତି। ଏବ୍ରୀମାନେ କିଏ ଥିଲେ? କୁହନ୍ତୁ। ଯିହୂଦୀମାନେ। କଅଣ ତାହା ଠିକ୍ ଅଟେ? ତେବେ, ସେମାନେ ଆଇନ-ପାଳନକାରୀ, ବିଶ୍ରାମବାର-ପାଳନକାରୀ ଥିଲେ। କଅଣ ତାହା ଠିକ୍ କି? ଭାଇ, ପ୍ରଚାରକ, କଅଣ ତାହା ଠିକ୍ କି? ସେମାନେ ବିଶ୍ରାମବାର-ପାଳନକାରୀ ଥିଲେ, ସେମାନେ ଆଇନ-ପାଳନକାରୀ ଥିଲେ। ଠିକ୍ ଅଛି।

151 ବର୍ତ୍ତମାନ, ପାଉଲ ଛାୟା ଏବଂ ପ୍ରତିରୂପ ଦ୍ୱାରା, ଯିହୁଦୀମାନଙ୍କ ନିକଟରେ ଆଣୁଛନ୍ତି, ଓ ଏହା ଦେଖାଉଛନ୍ତି ଯାହାକି ବ୍ୟବସ୍ଥା ପ୍ରତିଚିତ୍ରଣ କରିଥିଲା, "ବ୍ୟବସ୍ଥା ଆଗାମୀ ଉତ୍ତମ ବିଷୟଗୁଡ଼ିକର ଛାୟା ମାତ୍ର," ଏବଂ ସେ ଆଗକୁ ଯାଆନ୍ତି ଓ ତାହାକୁ ଗୋଟିଏ ସ୍ଥାନରେ ଚନ୍ଦ୍ର ଏବଂ ସୂର୍ଯ୍ୟ ପରି ଉପସ୍ଥାପନ କରନ୍ତି। ଯେପରି ଭାବରେ ସେହି—ସେହି—ସେହି ଚନ୍ଦ୍ର ସୂର୍ଯ୍ୟର ଏକ ଛାୟା ମାତ୍ର ଅଟେ ଯାହାକି ଅନ୍ୟ କୌଣସି ଦେଶ କିମ୍ବା ଦୁନିଆର ଅନ୍ୟ କୌଣସି ଭାଗରେ ଚମକୁଥାଏ, ଏବଂ ତାହା ଏଠାରେ ପ୍ରତିବିମ୍ବିତ ହେଉଅଛି। ବର୍ତ୍ତମାନ, କିନ୍ତୁ ତେବେ, ଏବଂ ଏହା ହୋଇପାରେ ନାହିଁ, ସେହି…ଏବ୍ରୀ ୨।

152 ତେବେ, ବର୍ତ୍ତମାନ ଏବ୍ରୀ 4 ରେ ଧ୍ୟାନ ଦିଅନ୍ତୁ, ସେ ବିଶ୍ରାମବାର ପ୍ରସ୍ତାବକୁ ଆସନ୍ତି। ବର୍ତ୍ତମାନ ଦେଖନ୍ତୁ:

> *ଅତଏବ ଆସ, ଆମ୍ଭେମାନେ ଭୟ କରୁ,* କାଳେ *ତାହାଙ୍କ ବିଶ୍ରାମରେ* ପ୍ରବେଶ କରିବାର *ପ୍ରତିଜ୍ଞା ଥିବା ସ୍ଥଳେ ତୁମ୍ଭମାନଙ୍କ ମଧ୍ୟରୁ କେହି ସେଥିରୁ ବଂଚିତ ହେଲା ପରି ଦେଖାଯାଏ,…*

153 ତେବେ, ପାଉଲ ବର୍ତ୍ତମାନ ବିଶ୍ରାମବାର ପାଳନକାରୀ ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି, ସେହି ଲୋକମାନେ ଯେଉଁମାନେକି ବିଶ୍ରାମବାରକୁ ପାଳନ କରୁଥିଲେ। "ଅତଏବ

ଆସ ଆମ୍ଭେମାନେ ଭୟ କରୁ କାଳେ ତାହାଙ୍କ ବିଶ୍ରାମରେ ପ୍ରବେଶ କରିବାର ପ୍ରତିଜ୍ଞା ଥିବା ସ୍ଥଳେ," ଅନ୍ୟ ଶବ୍ଦରେ । କିମ୍ୱା ଯଦି ଆପଣ ନିଜର ସୀମାରେଖୀୟ ପାଠକୁ ଧ୍ୟାନ ଦେବେ, କିମ୍ୱା "ଏକ ବିଶ୍ରାମବାର ପାଳନ କରିବାରେ ।" ଏହା ମୋର ସ୍କୋଫିଲ୍ଡ ବାଇବଲରେ, ଇଂରାଜି ଅକ୍ଷର "*j*" ଅଟେ, କିମ୍ୱା "ଏକ ବିଶ୍ରାମବାର ପାଳନ କରିବାରେ ।" ବୁଝିଲେ? ଠିକ୍ ଅଛି ।

*ଅତଏବ ଆସ, ଆମ୍ଭେମାନେ…ଭୟ କରୁ, କାଳେ…ସେଥିରୁ ବଂଚିତ ହେଲା ପରି ଦେଖାଯାଏ ।*

*କାରଣ ସେମାନଙ୍କ* (ବ୍ୟବସ୍ଥା ଅଧୀନରେ ଥିବା) *ନିକଟରେ ଯେପରି, ଆମ୍ଭମାନଙ୍କ ନିକଟରେ ମଧ୍ୟ ସେହିପରି ସୁସମାଚାର ପ୍ରଚାରିତ ହୋଇଅଛି: କିନ୍ତୁ ଶ୍ରୋତାମାନେ ବିଶ୍ୱାସ ଦ୍ୱାରା ଶୃତ ବାକ୍ୟ ନିଜସ୍ୱ ନ କରିବାରୁ ତାହା ସେମାନଙ୍କ ପକ୍ଷରେ ଲାଭଜନକ ହେଲା ନାହିଁ ।*

154 ତେବେ, ତାହା ବ୍ୟବସ୍ଥା ଅଧୀନରେ ଅଟେ । ସେମାନଙ୍କର ବିଶ୍ୱାସ ନ ଥିଲା, କାରଣ ଏହା ଉପରେ ଆଧାରିତ କରି ରଖିବା ପାଇଁ କିଛି ହେଲେ ନାହିଁ । ବୁଝିଲେ? ଠିକ୍ ଅଛି:

*ଯେଣୁ ବିଶ୍ୱାସ କରିଅଛୁ ଯେ ଆମ୍ଭେମାନେ, କେବଳ ଆମ୍ଭେମାନେ ତାହାଙ୍କର ବିଶ୍ରାମରେ ପ୍ରବେଶ କରୁ ଯେପରି ସେ କହିଛନ୍ତି,…*

155 ତେବେ, "ତାହାଙ୍କର" ବିଶ୍ରାମ । ବର୍ତ୍ତମାନ, "ତାହାଙ୍କର," ଏହା ଖ୍ରୀଷ୍ଟଙ୍କର ବିଶ୍ରାମ ଅଟେ । ଠିକ ଅଛି, ତାହାଙ୍କର ବିଶ୍ରାମ, ତାହାଙ୍କର "ବିଶ୍ରାମବାର ।" ଏବଂ ପ୍ରତ୍ୟେକ ଥର ମୁଁ *ବିଶ୍ରାମ* ବ୍ୟବହାର କରିବି, ସେଠାରେ ଲେଖା ହୋଇଥିବ, ମୁଁ "ବିଶ୍ରାମବାର" ବ୍ୟବହାର କରିବାକୁ ଯାଉଅଛି ଯେପରିକି ଆପଣ ଏକ ଦିନ ପାଳନ କରିବା ବିଷୟରେ ବୁଝିଯିବେ । ଦେଖନ୍ତୁ?

*ଯେଣୁ ବିଶ୍ୱାସ କରିଅଛୁ ଯେ ଆମ୍ଭେମାନେ, କେବଳ ଆମ୍ଭେମାନେ ତାହାଙ୍କର ବିଶ୍ରାମବାରରେ ପ୍ରବେଶ କରୁ ଯେପରି ସେ କହିଛନ୍ତି,… ଏଣୁ ଆମ୍ଭେ ଆପଣା କ୍ରୋଧରେ ଶପଥ କରୁ,* (ଏବ୍ରୀମାନଙ୍କୁ) *ସେମାନେ ଆମ୍ଭର ବିଶ୍ରାମରେ ପ୍ରବେଶ କରିବେ ନାହିଁ: କିନ୍ତୁ…* (ବର୍ତ୍ତମାନ, ଦେଖନ୍ତୁ ପାଉଲ ଏହାକୁ ପରମେଶ୍ୱରଙ୍କ ପବିତ୍ର ଦିନ ଭାବରେ ଉପସ୍ଥାପିତ କରୁଛନ୍ତି)*…କିନ୍ତୁ ଜଗତର ପତ୍ତନାବଧି ତ ସମସ୍ତ କର୍ମ ସମାପ୍ତ ହୋଇଥିଲା ।*

*କାରଣ ସପ୍ତମ ଦିନ ସମ୍ୱନ୍ଧରେ ସେ କୌଣସି ସ୍ଥାନରେ ଏହି ପ୍ରକାରେ କହିଅଛନ୍ତି* ବିଶ୍ରାମ, କିମ୍ୱା ଏକ ବିଶ୍ରାମବାର ନିମନ୍ତେ…(କଅଣ ତାହା ଠିକ୍ ଅଟେ? ମୁଁ ତାହାକୁ ସେଠାରେ ରଖିବାକୁ ଯାଉଅଛି, ଦେଖନ୍ତୁ ।)

*କାରଣ ସପ୍ତମ ଦିନ ସମ୍ୱନ୍ଧରେ ସେ କୌଣସି ସ୍ଥାନରେ* (ବ୍ୟବସ୍ଥାରେ) *ଏହି ପ୍ରକାରେ କହିଅଛନ୍ତି, ପରମେଶ୍ୱର ସପ୍ତମ ଦିନରେ ଆପଣା ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ ।*

156 ସେଠାରେ ଆପଣଙ୍କର ସପ୍ତମ ଦିନ ଅଛି। ତେବେ, ପାଉଲ ସ୍ୱୀକାର କରନ୍ତି ଯେ ପରମେଶ୍ୱର ଏହାକୁ ସେମାନଙ୍କୁ ଦେଇଥିଲେ, ତାହା ସେହି ସପ୍ତମ ଦିନ ଥିଲା। ଏବଂ ପରମେଶ୍ୱର ସପ୍ତମ ଦିନ ବିଶ୍ରାମ କଲେ, ସେ ବିଶ୍ରାମବାରକୁ ଆଶୀର୍ବାଦ କଲେ, ସେ ଏହାକୁ ପବିତ୍ର ମାନ୍ୟ କଲେ, ଏବଂ ସେ ଏହାକୁ ପବିତ୍ରୀକୃତ କଲେ, ଏବଂ ଏହାକୁ ଏକ ବିଶ୍ରାମର ଦିନ କଲେ। ପରମେଶ୍ୱର ଆପଣା ସମସ୍ତ କାର୍ଯ୍ୟରୁ, ତାହା କଲେ।

*ଆଉ ଏହି ସ୍ଥାନରେ ସେ ପୁନଶ୍ଚ କହିଅଛନ୍ତି, ସେମାନେ ଆମ୍ଭର ବିଶ୍ରାମରେ ପ୍ରବେଶ କରିବେ ନାହିଁ।* (ଯୀଶୁ କହୁଛନ୍ତି।)

157 ତେବେ, ସେଠାରେ କେଉଁଠାରେ ଅନ୍ୟ ଏକ ବିଶ୍ରାମବାର ଅଛି। ଏହା କେଉଁଠାରେ ଅଛି? ବର୍ତ୍ତମାନ, ଏହାକୁ ଏଠାରେ ମନେରଖନ୍ତୁ, "ପରମେଶ୍ୱରଙ୍କ ବିଶ୍ରାମ," ସେହି ସପ୍ତମ ଦିନ। ପାଉଲ କହିଲେ, "ସେମାନଙ୍କର ତାହା କୌଣସ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିଲା।" କିନ୍ତୁ ବର୍ତ୍ତମାନ ସେ ପୁନଶ୍ଚ କହିଲେ, "ଯଦି ସେମାନେ ମୋର ବିଶ୍ରାମରେ ପ୍ରବେଶ କରିବେ," ମାଥିଉରେ ଯୀଶୁଙ୍କ ବିଷୟରେ କହୁଥିବାବେଳେ ଠିକ୍ ଅଛି।

*ଅତଏବ* କେତେକଙ୍କର *ସେଥିରେ ପ୍ରବେଶ କରିବାର* ବାକି *ଥିବାରୁ, ପୁଣି ଯେଉଁମାନଙ୍କ ନିକଟରେ ସୁସମାଚାର ପୂର୍ବରେ ପ୍ରଚାରିତ ହୋଇଥିଲା, ସେମାନେ...ଅବାଧ୍ୟତା ହେତୁ ପ୍ରବେଶ ନ କରିବାରୁ:*

*ପୁନର୍ବାର,...*

158 ବର୍ତ୍ତମାନ ଧ୍ୟାନ ସହକାରେ ଶୁଣନ୍ତୁ! ସମସ୍ତେ ଶୁଣୁଥିବାର, କୁହନ୍ତୁ "ଆମେନ୍।" [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] ଶୁଣନ୍ତୁ:

*ସେ ପୁନର୍ବାର, ଆଉ ଗୋଟିଏ ଦିନ ନିରୂପଣ କରି,...*

159 ସେ ଏଠାରେ ଗୋଟିଏ ଦିନ ନିରୂପଣ କଲେ। ଏହା କଅଣ ଥିଲା? ସମସ୍ତେ ଏହାକୁ ଥରେ କୁହନ୍ତୁ। ସେହି ବିଶ୍ରାମବାର! କଅଣ ତାହା ଠିକ୍ ଅଟେ? ସେ ସପ୍ତାହର ସପ୍ତମ ଦିନକୁ ଏହି ସ୍ଥାନରେ ବିଶ୍ରାମବାର ଭାବରେ ନିରୂପଣ କଲେ।

*ସେ ପୁନର୍ବାର, ଆଉ ଗୋଟିଏ ଦିନ ନିରୂପଣ କରି, ଏତେ କାଳ ପରେ ଦାଉଦଙ୍କ ଗ୍ରନ୍ଥରେ କହନ୍ତି* (ଗୀତ ସଂହିତାରେ), *ଯେପରି ପୂର୍ବରେ କୁହାଯାଇଅଛି, ଆଜି ଯଦି ତୁମ୍ଭେମାନେ;* (ଯୀଶୁ ଆସିବା ପର୍ଯ୍ୟନ୍ତ, ଆପଣ ଦେଖନ୍ତୁ, ପ୍ରଥମ ଥର)... *ଯେପରି ପୂର୍ବରେ କୁହାଯାଇଅଛି, ଆଜି ଯଦି ତୁମ୍ଭେମାନେ...ତାହାଙ୍କ ବାଣୀ ଶୁଣ, ଆପଣା ଆପଣା ହୃଦୟ କଠିନ ନ କର।* (ଆଉ ଏକ ବିଶ୍ରାମ ଆସୁଛି; ଶାରୀରିକ ନୁହେଁ, ଏକ *ଆତ୍ମିକ*)

160 ବର୍ତ୍ତମାନ, ଦେଖନ୍ତୁ । ଓଃ, ଆପଣ କୁହନ୍ତି, “ଯେତେବେଳେ ଆମର ମଧ୍ୟ, ସପ୍ତମ ଦିନ ରହିଛି ।” ତେବେ, ମାତ୍ର ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ । ଆସନ୍ତୁ ପରବର୍ତ୍ତୀ ପଦଟି ପାଠ କରିବା, ଦେଖନ୍ତୁ, ଏହାକୁ ବହୁତ୍ ଶୀଘ୍ର ପଢନ୍ତୁ ନାହିଁ । ଠିକ୍ ଅଛି:

*କାରଣ ଯଦି ଯୀଶୁ ସେମାନଙ୍କୁ ବିଶ୍ରାମ ଦେଇ ଥାଆନ୍ତେ...କାରଣ ଯଦି—ଯଦି ଯୀଶୁ ସେମାନଙ୍କୁ ବିଶ୍ରାମ ଦେଇ ଥାଆନ୍ତେ,* ବିଶ୍ରାମ ଦିନ, *ତେବେ ସେ ପରେ ଅନ୍ୟ ଦିନର କଥା କହି ନ ଥାଆନ୍ତେ ।*

161 ଯେତେବେଳେ ସେ ବ୍ୟବସ୍ଥାକୁ ପରିବର୍ତ୍ତନ କଲେ, ବ୍ୟବସ୍ଥାରୁ ଅନୁଗ୍ରହକୁ କଲେ, କଅଣ ସେ ସେମାନଙ୍କୁ ଏକ ବିଶ୍ରାମ ପାଇଁ ଗୋଟିଏ ଦିନ, ଏକ ବିଶ୍ରାମ ଦିନ, ଏକ ନିର୍ଦ୍ଦିଷ୍ଟ ଦିନ ଦେଇ ନ ଥାଆନ୍ତେ କି? କିନ୍ତୁ ସେ ବିଶ୍ରାମବାର ବିଷୟରେ କିଛି ହେଲେ କହିଲେ ନାହିଁ । ସେ ରବିବାର ବିଷୟରେ କିଛି ହେଲେ କହିଲେ ନାହିଁ, ସେ ଶନିବାର ବିଷୟରେ ସେ କିଛି କହିଲେ ନାହିଁ । ମାତ୍ର ଏଠାରେ ତାହା ଅଛି ଯାହା ସେ କହିଲେ, ପାଉଲ କହିଥିଲେ । ତେବେ ଦେଖନ୍ତୁ, “ସେଠାରେ...” ସେହି ୧୨ତମ...କିମ୍ବା ସେହି ୨ମ ପଦ:

*ଅତଏବ ପରମେଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ* ବିଶ୍ରାମବାର *ଭୋଗ କରିବାର ବାକି ଅଛି ।* (ତାହା ଆଜି ଅଟେ!)...*ପରମେଶ୍ୱରଙ୍କ ଲୋକମାନଙ୍କ ପାଇଁ ଏକ* ବିଶ୍ରାମବାର...ବାକି *ଅଛି ।*

*ଯେଣୁ ଯେ* (ଆପଣ କିମ୍ବା ମୁଁ) ଯେ ତାହାଙ୍କ *ବିଶ୍ରାମରେ ପ୍ରବେଶ କରିଅଛି* (ଯୀଶୁଙ୍କ ବିଶ୍ରାମ, “ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି”), *ପରମେଶ୍ୱର* ଆରମ୍ଭରେ *ଆପଣା କାର୍ଯ୍ୟରୁ ଯେପରି ବିଶ୍ରାମ କଲେ, ସେପରି ସେ* (ଆପଣ କିମ୍ବା ମୁଁ) *ମଧ୍ୟ ଆପଣା କାର୍ଯ୍ୟରୁ ବିଶ୍ରାମ ପ୍ରାପ୍ତ* ହୋଇଅଛି ।

162 ଆମେନ୍! ସେଠାରେ ଆପଣଙ୍କର ବିଶ୍ରାମବାର ଅଟେ । କଅଣ ତାହା ଠିକ୍ ଅଟେ?

*ଏଣୁ ଆସ ଆମ୍ଭେମାନେ...*(ପାଉଲ କହିଲେ)...*ସେହି ବିଶ୍ରାମରେ ପ୍ରବେଶ କରିବାକୁ ଯତ୍ନ କରୁ, ଯେପରି କୌଣସି ଲୋକ ଅବାଧ୍ୟତାର ସେହି ଦୃଷ୍ଟାନ୍ତ ଅନୁସାରେ ପତିତ ନ ହୁଏ* (ଦିନଗୁଡିକ ଏବଂ ପ୍ରଭୃତି ସବୁର, ଦେଖନ୍ତୁ) ।

*କାରଣ ପରମେଶ୍ୱରଙ୍କ ବାକ୍ୟ ଜୀବନ୍ତ, ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ୍ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ...ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ... ପରିଭେଦକ ଏବଂ ହୃଦୟର...ଚିନ୍ତା ଓ...*(ଆସନ୍ତୁ ଦେଖିବା)...ସେହି *ଭାବର ସୂକ୍ଷ୍ମ ବିଚାରକ ଅଟେ, ଆଉ...*(କେବଳ ଗୋଟିଏ ମିନିଟ୍)...ସେହି *ପ୍ରାଣ ଓ* ସେହି *ଆତ୍ମା,...ଗ୍ରନ୍ଥି ଓ* ସେହି *ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ, ଏବଂ...ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ ।*

*କୌଣସି ପ୍ରାଣୀ...ସମ୍ମୁଖରେ ଅପ୍ରକାଶିତ ନୁହେଁ:* ମାତ୍ର *ଯାହାଙ୍କ ଛାମୁରେ ଆମ୍ଭମାନଙ୍କୁ ନିକାଶ ଦେବାକୁ ହେବ* ତାହାଙ୍କ ଦୃଷ୍ଟିରେ *ସମସ୍ତ ବିଷୟ ଉଲଙ୍ଗ* ଓ ଅନାବୃତ *ଅଟେ।*

163 ବର୍ତ୍ତମାନ, ଦେଖନ୍ତୁ, ପରମେଶ୍ୱର ସପ୍ତମ ଦିନ ବିଶ୍ରାମ କଲେ, ସପ୍ତମ ଦିନକୁ ସୃଷ୍ଟି କଲେ, ଏହାକୁ ଏକ ସ୍ମାରକ ଭାବେ ଯିହୁଦୀମାନଙ୍କୁ ପ୍ରଦାନ କଲେ। ମୁଁ ବର୍ତ୍ତମାନ ସାଧୁ ପାଉଲଙ୍କ ବିଷୟରେ କହୁଛି, ଦେଖନ୍ତୁ, ଏଠାରେ। ବର୍ତ୍ତମାନ, କଅଣ ଆପଣ ଭାବୁଛନ୍ତି ଯେ ସେ ଏହାକୁ ନେଇକରି ଆସୁଥିଲେ? କଅଣ ଆପଣ ଭାବୁଛନ୍ତି ଯେ ତାଙ୍କର ଏକ ଅଧିକାର ଥିଲା? ତେବେ, ସେ ଗାଲାତୀୟ 1:8 ରେ କଅଣ କହିଥିଲେ? "ଯଦି ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା ଆସି ତୁମକୁ ଏହା ବ୍ୟତୀତ ଅନ୍ୟ କୌଣସି ସୁସମାଚାର ଶିକ୍ଷା ଦିଅନ୍ତି, ସେ ଶାପଗ୍ରସ୍ତ ହୁଅନ୍ତୁ।" ଦେଖନ୍ତୁ, ସୁସମାଚାରଗୁଡ଼ିକ ସରଳ ଅଟେ। ବର୍ତ୍ତମାନ, ଦେଖନ୍ତୁ।

164 "ତେବେ, ଭାଇ ବ୍ରାନହାମ୍, ବର୍ତ୍ତମାନ ମୁଁ କଅଣ କରିବି, କେବଳ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବି?" ନା। ତାହା ବିଶ୍ରାମ ନୁହେଁ।

165 ବର୍ତ୍ତମାନ, ଯଦି ଆପଣ ଜାଣିବାକୁ ଚାହାଁନ୍ତି ଯେ କଅଣ...କେତେ ଜଣ ଜାଣିବାକୁ ଚାହାଁନ୍ତି ଯେ ଖ୍ରୀଷ୍ଟିଆନ ବିଶ୍ରାମ କଅଣ ଅଟେ, କୁହନ୍ତୁ, "ଆମେନ୍।" [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] ତେବେ, ଯଦି ଆପଣ ଚାହାଁନ୍ତି ଏହାକୁ ଚିହ୍ନିତ କରିପାରିବେ, ଯିଶାଇୟ 28। ସେ କହିଲେ, "ବିଧି ଉପରେ ବିଧି—ବିଧି," କହିବାରେ। "ବିଧି ଉପରେ ବିଧି, ଧାଡ଼ି ଉପରେ ଧାଡ଼ି, ଏଠି ଅଳ୍ପ ଏବଂ ସେଠି ଅଳ୍ପ, ପୁଣି ଯାହା ଉତ୍ତମ ଅଟେ ତାହା ଧରି ରଖ।" ଭବିଷ୍ୟଦ୍‌ବକ୍ତା ଆଗାମୀ ସମୟ ବିଷୟରେ, ବିଶ୍ରାମ ସମ୍ବନ୍ଧରେ, ବିଶ୍ରାମବାର ବିଷୟରେ କହୁଛନ୍ତି। ସମଗ୍ର ପର୍ବଟି ପାଠ କରନ୍ତୁ, ଦେଖନ୍ତୁ, ସେ କହୁଛନ୍ତି, "ଏପରି ସମୟ ଆସିବ ଯେତେବେଳେକି ବିଶ୍ରାମବାର ସମାପ୍ତ ହୋଇଯିବ," ଏବଂ ସେମାନେ ସେହି ସମାନ ଭାବରେ ଶନିବାର ଦିନ ଜୋତା ବିକ୍ରୟ କରିବେ ଯେପରିକି ସେମାନେ ସୋମବାର ଦିନ କରିଥିଲେ, କିମ୍ବା ଯାହାକିଛି ବି। କଅଣ ଆପଣ ଦେଖୁଛନ୍ତି? କହିଲେ, "ଏହି ସମୟ କେବେ ହେବ?" କହିଲେ:

*...ବିଧି ଉପରେ ବିଧି;...ଧାଡି ଉପରେ ଧାଡି; ଏଠି ଅଳ୍ପ, ଏବଂ ସେଠି ଅଳ୍ପ:* ଯାହା ଉତ୍ତମ ତାହା ଧରି ରଖ।

*କାରଣ ବିଦେଶୀୟ ଓଷ୍ଠାଧର ଏବଂ* ପରଭାଷାରେ ମୁଁ *ଏହି ଲୋକମାନଙ୍କ କଥା କହିବି।*

...ଏବଂ *ଏହା ହେଉଛି* ବିଶ୍ରାମବାର, *ସେହି ବିଶ୍ରାମ* ଯାହା ବିଷୟରେ ମୁଁ କହିଥିଲି ଯେ ସେମାନେ ପ୍ରବେଶ କରିବେ। ଏବଂ ଏହିସବୁ ପାଇଁ ସେମାନେ ନିଜର ହୃଦୟକୁ କଠିନ କରିଥିଲେ ଓ ନିଜର ମୁଣ୍ଡକୁ ହଲାଇ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। (ଠିକ ସେହି ସମାନ ବିଷୟ ଯାହା ସେମାନେ ପେଣ୍ଟିକଷ୍ଟରେ କରିଥିଲେ ଯେତେବେଳେକି ପବିତ୍ରଆତ୍ମା ଲୋକମାନଙ୍କ ଉପରେ ଓହ୍ଲାଇ

ଆସିଥିଲେ, ଏବଂ ପବିତ୍ରଆତ୍ମାଙ୍କୁ ପ୍ରଥମ ଥର ପାଇଁ ସେଠାରେ ପେଣ୍ଟିକଷ୍ଟ ଦିନରେ ଲୋକମାନଙ୍କୁ ଦିଆଯାଇଥିଲା । ତାହା ହେଉଛି ସେହି ବିଶ୍ରାମ, ପରମେଶ୍ୱରଙ୍କ ଲୋକମାନଙ୍କ ପାଇଁ ବିଶ୍ରାମବାର ।)…

166 ତେଣୁକରି ଏକମାତ୍ର କାରଣ ଯେ ଆମେ ରବିବାର ପାଳନ କରୁ, ଯାହାକି ବାଇବଲର ଆମର ପ୍ରାଚୀନ ପିତୃପୁରୁଷମାନଙ୍କ ଦ୍ୱାରା ଆରମ୍ଭ କରା ଯାଇଥିଲା, ସାଧୁ ପାଉଲ, ଯୋହନ, ମାଥିଉ, ମାର୍କ, ଲୁକ, ଏବଂ ସେମାନେ ସମସ୍ତେ, ସେମାନେ ଘରକୁ ଘର ଯାଇଥିଲେ, ସେମାନେ ସପ୍ତାହର ପ୍ରଥମ ଦିନରେ ଯେତେବେଳେକି ଶିଷ୍ୟମାନେ ଏକାଠି ଆସୁଥିଲେ ପ୍ରଭୁଭୋଜ ଗ୍ରହଣ କରୁଥିଲେ, ଆଉ ଏହାକୁ ବିଶ୍ରାମବାର ନୁହେଁ, ବରଂ ପ୍ରଭୁଙ୍କ ଦିନ, ବୋଲି କୁହାଯାଉଥିଲା ।

167 ପାତ୍ମ ନାମ ଟାପୁରେ, ଯୋହନ କହିଲେ, ଏହା ପୂର୍ବରୁ ମଣ୍ଡଳୀରେ ଆଧିକାରିକ ଭାବେ ପ୍ରତିଷ୍ଠିତ ହୋଇ ସାରିଥିଲା, "ପ୍ରଭୁଙ୍କ ଦିନରେ ମୁଁ ଆତ୍ମାରେ ଆବିଷ୍ଟ ହେଲି ।" ତାହା ଠିକ୍ । ଦେଖନ୍ତୁ? ଆଉ ତାହାପରେ ସେ ଦେଖିଲେ…

168 ଏବଂ—ଏବଂ, ବର୍ତ୍ତମାନ, ପ୍ରଭୁଙ୍କର ଦିନ ହେଉଛି—ହେଉଛି ସେହି ଦିନ ଯେଉଁ ଦିନକି ପ୍ରଭୁ ଉଠିଥିଲେ । ତେବେ, ଆପଣ ଯାଇ ଇତିହାସକାର, ଜୋସେଫସ, ଆଗାବସ୍, ସେହିମାନଙ୍କ ମଧ୍ୟରୁ ଅନେକଙ୍କୁ ଆଣନ୍ତୁ, କିମ୍ବା, ଆଗାବସ୍ ନୁହେଁ, ଓଃ, ମୁଁ କରିପାରେ ନାହିଁ… ସେମାନଙ୍କର ଯେକୌଣସି ପ୍ରାଚୀନ ଲେଖକ, ଏବଂ ଆପଣ ସେଠାରେ ପଛରେ ପାଇବେ । ମଣ୍ଡଳୀର ଇତିହାସକାରମାନେ, *ଫକ୍ସ ବୁକ୍ ଅଫ୍ ମାର୍ଟ୍ୟର୍ସ୍*, ସେମାନଙ୍କ ମଧ୍ୟରୁ ଅନେକେ, ଏବଂ ଆପଣ ସେଠାରେ ପାଇବେ ଯେ ଏକମାତ୍ର ପାର୍ଥକ୍ୟ…ସେମାନେ ଯିହୂଦୀମାନଙ୍କର ଏକ ଗୋଷ୍ଠୀ ଅଟନ୍ତି । ସେମାନଙ୍କ ମଧ୍ୟରୁ ଜଣକାକୁ ସେମାନେ "ନରଭକ୍ଷକ" ବୋଲି କହିଥିଲେ, ତାହା ଖ୍ରୀଷ୍ଟିଆନମାନେ ଥିଲେ । ସେମାନେ କହିଲେ, "ସେଠାରେ ଜଣେ ବ୍ୟକ୍ତି ଥିଲେ ଯାହାକୁ ପନ୍ତିୟ ପୀଲାତ ବଧ କରିଥିଲେ ଏବଂ ଶିଷ୍ୟମାନେ ଆସି ତାଙ୍କ ମୃତ ଦେହକୁ ଚୋରି କରି ନେଲେ । ଏବଂ ସେମାନେ ତାହାକୁ ଲୁଚାଇ ଦେଲେ, ଏବଂ ପ୍ରତ୍ୟେକ—ପ୍ରତ୍ୟେକ ରବିବାର ସେମାନେ ଯାଇ ଏହାର ଏକ ଅଂଶ ଖାଉଥିଲେ ।" ସେମାନେ ପ୍ରଭୁଭୋଜ ଗ୍ରହଣ କରୁଥିଲେ, ଆପଣ ଦେଖନ୍ତୁ । ସେମାନେ କେବଳ…ସେମାନେ ତାହାଙ୍କର ଶରୀରକୁ ଗ୍ରହଣ କରୁଥିଲେ, ଆପଣ ଦେଖନ୍ତୁ । ସେମାନେ କହିଥିଲେ ଯେ ସେମାନେ ପ୍ରଭୁଙ୍କ ଶରୀରକୁ, ପ୍ରଭୁଭୋଜରେ ନେଉଛନ୍ତି । ଏବଂ ସେମାନେ ଜାଣି ନ ଥିଲେ ଯେ ତାହା କଅଣ ଥିଲା, ଏବଂ ସେ କହିଥିଲେ, "ସେମାନେ ନରଭାକ୍ଷକ ଥିଲେ ।" କହିଲେ, "ସେମାନେ ସପ୍ତାହର ପ୍ରଥମ ଦିନରେ ଖାଇବାକୁ ଯାଆନ୍ତି, ସେମାନେ ଏକାଠି ହୁଅନ୍ତି ଓ ଏହି ବ୍ୟକ୍ତିଙ୍କ ଶରୀରକୁ ଖାଇଥାଆନ୍ତି ।"

169 ଏବଂ ଏକମାତ୍ର ଉପାୟ ଯେ ଆପଣ କହିପାରିବେ ଯେ ସେମାନେ ଆଇନ-ପାଳନକାରୀ ଥିଲେ ଏବଂ ପୁନରୁତ୍ଥାନକୁ କଠୋର ଭାବରେ ଅସ୍ୱୀକାର କରିଥିଲେ, କିମ୍ବା ସେମାନେ ଖ୍ରୀଷ୍ଟିଆନ ଥିଲେ ଓ ପୁନରୁତ୍ଥାନକୁ ବିଶ୍ୱାସ କରିଥିଲେ, ଜଣେ ଶନିବାର ଦିନ ଗୀର୍ଜାକୁ

ଯାଉଥିଲେ ଏବଂ ଜଣେ ରବିବାର ଦିନ ଗୀର୍ଜାକୁ ଯାଉଥିଲେ, ଯାହାକି ସେମାନଙ୍କ ମଧ୍ୟରେ ଏକ ଚିହ୍ନ ଥିଲା।

170 ତାହା ବହୁତ ଶକ୍ତିଶାଳୀ ଅଟେ, କଅଣ ନୁହେଁ କି? ଠିକ୍ ଅଛି। ଆଶା କରେ ଯେ ତାହା ଧରି ପାଇବେ। ପବିତ୍ରଆତ୍ମା ହେଉଛି…

171 ତେବେ, ଆପଣଙ୍କ ପାଖରେ ସେଠାରେ କିଛି ଅଛି କି, ଭାଇ? ଆପଣ ଚାହିଁବେ…କଅଣ ଆପଣ—କଅଣ ଆପଣ ଉପରକୁ ଯାଇ ଏହାର ଉତ୍ତର ଦେବାକୁ ଚାହିଁବେ କି? ଆସନ୍ତୁ ଦେଖିବା, ଠିକ୍ ଏଠାରେ। ଓଃ, ହଁ।

## 5. ବିଜାତୀମାନଙ୍କ ସମୟ ଶେଷ ହେବା ପରେ ସୁଦ୍ଧା କଅଣ ଯିହୂଦୀମାନଙ୍କ ପାଖରେ ଉଦ୍ଧାର ପାଇବାର ଏକ ସୁଯୋଗ ରହିବ କି?

172 ଓଃ, ମୋର, ଯଦି ତାହା ଉତ୍ତମ ନୁହେଁ କି! ଆମ ପାଖରେ ତାହା ଭିତରକୁ ବାସ୍ତବରେ ଯିବା ପାଇଁ ସମୟ ନାହିଁ, ମାତ୍ର ମୋତେ ଆପଣଙ୍କୁ ଏହା କହିବାକୁ ଦିଅନ୍ତୁ। ଏବଂ ଆପଣ ମୋର ଶବ୍ଦକୁ ଗ୍ରହଣ କରନ୍ତୁ, ମୁଁ ଆପଣଙ୍କୁ ଦେଖାଇବି। ତେବେ…ଯଦି ଆପଣ ମୋର ଶବ୍ଦକୁ (ଯେପରି ଭାବରେ ମୁଁ ଏହାକୁ ବ୍ୟାଖ୍ୟା କରେ) ପରମେଶ୍ୱରଙ୍କ ନିକଟକୁ ଘେନି ଯିବେ, ତେବେ ଆପଣ ଯାଇ ଏହାକୁ ଖୋଜନ୍ତୁ, ଦେଖନ୍ତୁ, ଆଉ ତାହାପରେ ଆପଣ ଜାଣିଯିବେ। କାରଣ ମୁଁ କଳ୍ପନା କରେ…ମୁଁ ଘଣ୍ଟା ଦେଖିପାରୁ ନାହିଁ, କିନ୍ତୁ ମୁଁ ଅନୁମାନ କରେ ଯେ ଏହା ଅତିକ୍ରମ ହେଲାଣି…ଏହା କେତେ ସମୟ ହୋଇଅଛି? କଅଣ? ସାଢ଼େ ନଅଟା। ମୋତେ ଏପର୍ଯ୍ୟନ୍ତ ଡାକ୍ତରଖାନାକୁ ଯିବାକୁ ଅଛି, ଏବଂ ଏପର୍ଯ୍ୟନ୍ତ ନ୍ୟୁ ଆଲବାନୀକୁ ଯିବାକୁ ଅଛି, ଏବଂ ଆମକୁ ସକାଳ ତିନିଟା ପଚି-ଶ ମିନିଟରେ ଉଠିବାକୁ ପଡିବ। ତେଣୁ…ଏବଂ ମୁଁ ଏହି ସପ୍ତାହ କୌଣସି ରାତିରେ ଦୁଇ କିମ୍ବା ତିନି ଘଟିକା ପୂର୍ବରୁ ଶୋଇ ନାହିଁ।

173 ତେବେ ଏହାକୁ ବୁଝିବା ପାଇଁ, ବର୍ତ୍ତମାନ ଶୀଘ୍ର ଏଠାରେ, ଧ୍ୟାନ ଦିଅନ୍ତୁ। ହଁ, ମୋର ପ୍ରିୟ ଖ୍ରୀଷ୍ଟିଆନ ବନ୍ଧୁ, ବିଜାତୀମାନଙ୍କର ଦିନ ସମାପ୍ତ ହେଉଅଛି, ଠିକ ବର୍ତ୍ତମାନ ଶେଷ ହେଉଅଛି। ଏବଂ ପରମେଶ୍ୱର ଯିହୂଦୀମାନଙ୍କ ନିକଟକୁ ଫେରି ଯିବେ। ଏବଂ ମୋତେ ଏହି ଛୋଟ ମଣ୍ଡଳୀକୁ କହିବାକୁ ଦିଅନ୍ତୁ ଯେ ମୁଁ ନିରନ୍ତର ପ୍ରାର୍ଥନା କରୁଛି। ଏବଂ ଦେଶର ବିଭିନ୍ନ ପ୍ରାନ୍ତରରୁ ଭବିଷ୍ୟତ୍‌ବାଣୀମାନ, ଏ ସମ୍ବନ୍ଧରେ ସେଗୁଡିକ ଆସୁଅଛି। ମୁଁ ବିଶ୍ୱାସ କରେ ଯେ ଯିହୁଦୀ…ତେବେ, ନିଜ ନିଜର କୋଟଗୁଡିକୁ ମାତ୍ର ଗୋଟିଏ ମିନିଟ୍ ପାଇଁ ପିନ୍ଧି ରଖନ୍ତୁ।

174 ଯିହୁଦୀ କେବେହେଲେ ବି ଖ୍ରୀଷ୍ଟିଆନ ମଣ୍ଡଳୀର ଏହି ଗୋଟିଏ ବିଷୟକୁ ବୁଝିବାରେ ସକ୍ଷମ ହୋଇ ନାହିଁ। ଯିହୁଦୀ ମୋତେ, ଅନେକ ଥର କହିଛନ୍ତି, “ଭାଇ, ଆପଣ ପରମେଶ୍ୱରଙ୍କୁ ତିନି ଭାଗରେ କାଟି ତାହାକୁ ମୋତେ ଦେଇପାରିବେ ନାହିଁ।” ଯିହୂଦୀର ଗୋଟିଏ ପରମେଶ୍ୱର ଅଛି, ଏବଂ ତାହା ହେଉଛନ୍ତି ଯିହୋବା।

175 ଏବଂ ବିଜାତୀ ତାହାକୁ ଏତେ ଭୁଲ୍ ଭାବରେ ଗଢି ଦେଇଅଛି, ଯେ ଏପରିକି ତାହାକୁ ଏପରି ଭାବରେ ଶିକ୍ଷା ଦିଆଯାଏ, ତଥାପି, ଜ୍ଞାନ ସହିତରେ। ମୁଁ ଭାବେ ଯେ ତାହାର—

ତାହାର ଏକ—ଏହା ବିଷୟରେ ଏକ ଧାରଣା ଅଛି, ଯେ ତିନୋଟି ଈଶ୍ୱର ନାହାଁନ୍ତି। ସେଠାରେ ଗୋଟିଏ ପରମେଶ୍ୱର, ତିନୋଟି ପ୍ରକଟୀକରଣ ସହ ଅଛନ୍ତି। ଜଣେ ବ୍ୟକ୍ତିରେ ତିନୋଟି ବ୍ୟକ୍ତିତ୍ୱ ଅଛି। ଏବଂ ଯେତେବେଳେ ଆପଣ ବାର୍ତ୍ତା ପାଇପାରନ୍ତି, ମୁଁ ହାଇମାନ୍ ଆପଲମ୍ୟାନ୍‌ଙ୍କୁ କହିଲି…ଆପଣମାନଙ୍କ ମଧ୍ୟରୁ ଅନେକେ ତାଙ୍କୁ ଜାଣନ୍ତି। ସେ କହିଲେ, "ଭାଇ ବ୍ରାନହାମ୍, ଯଦି ଆପଣ ସେହି ବାର୍ତ୍ତାକୁ ପାଲେଷ୍ଟାଇନକୁ ଚିହ୍ନ ଏବଂ ଚମତ୍କାର ସହିତ ନେଇକରି ଯିବେ," କହିଲେ, "ସେଠାରେ ଲକ୍ଷ ଲକ୍ଷ ଯିହୁଦୀମାନେ ଯୀଶୁ ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବେ।" ଦେଖନ୍ତୁ, ତାହା ଠିକ୍ ଅଟେ। ବର୍ତ୍ତମାନ, ମୁଁ କହିଲି…

176 ଏଠାରେ ସେହି ବାର୍ତ୍ତା ଯାହାକି ଆମ ପାଖରେ ଅଛି। ଯୀଶୁ ହିଁ ଶରୀରରେ ଆବୃତ ହୋଇଥିବା ଯିହୋବା ଥିଲେ, ତଳକୁ ଅନାବୃତ ହୋଇ ଓହ୍ଲାଇ ଆସିଥିଲେ। ତେବେ, ପରମେଶ୍ୱର (ପିତା, ପୁତ୍ର, ଏବଂ ପବିତ୍ରଆତ୍ମା) ଆପଣଙ୍କର ଆଙ୍ଗୁଠି ପରି ଏକ, ନୁହଁନ୍ତି, ଯେପରିକି କିଛି ଲୋକ ଭାବନ୍ତି। ସମଗ୍ର ବିଷୟଟି ଠିକ୍ ସେହିପରି ଅଟେ…ନା, ପରମେଶ୍ୱର ହେଉଛନ୍ତି…ମୁଁ ଏହାକୁ ଆପଣଙ୍କ ପାଇଁ ଅଳ୍ପ କିଛି ସମୟ ପୂର୍ବରୁ ଉନ୍ମୋଚିତ କରିଥିଲି, ଦେଖନ୍ତୁ, ଯେ ସେଠାରେ ଏକରେ ତ୍ରିତ୍ତ୍ୱ ଅଛି।

177 ମୁଁ ଜଣେ ଏକରେ ତ୍ରିତ୍ତ୍ୱ ଅଟେ। ମୁଁ ଜଣେ ବ୍ୟକ୍ତିରେ ପ୍ରାଣ, ଶରୀର, ଏବଂ ଆତ୍ମା, ଅଟେ। କଅଣ ତାହା ଠିକ୍ କି? ନିଶ୍ଚିତରେ। ମୁଁ—ମୁଁ ଗଠିତ—କୋଷ, ରକ୍ତ, ଓ ସ୍ନାୟୁରେ, ଏବଂ ତଥାପି ଗୋଟିଏ ପ୍ରାଣୀ ଅଟେ। ବୁଝିଲେ? ସମସ୍ତକିଛି ବିଷୟ ଯାହା ଆପଣ ଦେଖୁଛନ୍ତି ଏକ ତ୍ରିତ୍ତ୍ୱରେ ଅଛି, ଏବଂ ଗୋଟିଏରେ ଏକ ତ୍ରିତ୍ତ୍ୱ।

178 ଜାହାଜରେ ଏକ ତ୍ରିତ୍ତ୍ୱ ଥିଲା। ତଳ ମହଲା, ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିବା ପ୍ରାଣୀ; ଦ୍ୱିତୀୟ ମହଲାଟି ପକ୍ଷୀମାନଙ୍କ ପାଇଁ, ଉଡୁଥିବା ବିଷୟମାନ; ଏବଂ ତୃତୀୟ ମହଲାଟି ନୋହ ଏବଂ ତାଙ୍କ ପରିବାର ପାଇଁ ଥିଲା। ସବୁକିଛି!

179 ମନ୍ଦିରରେ। ସେଠାରେ ଏକ ମଣ୍ଡଳୀ ସମାଗମ, ପବିତ୍ର ସ୍ଥାନ, ମହାପବିତ୍ର ସ୍ଥାନ ଥିଲା। ବୁଝିଲେ?

180 ଏବଂ ସେଠାରେ ତିନୋଟି ସମୟାବଧି ରହିଅଛି। ପିତୃତ୍ତ୍ୱ, ପୁତ୍ରତ୍ତ୍ୱ, ଏବଂ ପବିତ୍ରଆତ୍ମାର ସମୟାବଧି। ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ? ମାତ୍ର ସେହି ତିନିଜଣ ସବୁ… ଆମେ କହି ନ ଥାଉ, "ଆମର ପରମେଶ୍ୱରଗଣ।" ତାହା ପ୍ରତିମାପୂଜା ଅଟେ, ଓ ଯିହୂଦୀ ତାହା ଜାଣେ। କିନ୍ତୁ ଯେତେବେଳେ ଆପଣ ଏହାକୁ ତାହା ପ୍ରତି ଉପସ୍ଥାପିତ କରିପାରନ୍ତି ଯେ ଏହି ଯୀଶୁ ହିଁ **ହେଉଛନ୍ତି ପରମେଶ୍ୱର**, ଯିହୋବା ପରମେଶ୍ୱର, କୌଣସି ଜଣେ ଦ୍ୱିତୀୟ ବ୍ୟକ୍ତି କିମ୍ବା ତୃତୀୟ ବ୍ୟକ୍ତି ନୁହଁନ୍ତି, ଏହା ତ ସବୁ ସମୟରେ ସେହି ସମାନ ବ୍ୟକ୍ତି ଅଟନ୍ତି ଯିଏକି ଆପଣାକୁ ପ୍ରକଟିତ କରୁଥାନ୍ତି। ଦେଖନ୍ତୁ? ଏବଂ ତାହାପରେ ଚିହ୍ନ ଓ ଚମତ୍କାର ସହିତ ପ୍ରମାଣ କରିବାକୁ ଯେ ଯୀଶୁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛନ୍ତି।

181 ଏବଂ ଏହି ଡାକ୍ତର ରିଡହେଡ୍…

182 ପଛରେ ବସିଥିବା ସେଠାରେ ଭାଇ, ମଣ୍ଡଳୀର ଶିକ୍ଷକ, ଶିକ୍ଷକ ଜଣେ, ସ୍କୁଲ ଶିକ୍ଷକ, ଏଠାରେ ଆଜି ରାତିରେ ମଣ୍ଡଳୀରେ, ମୁଁ ତାଙ୍କୁ ଦେଖିଥିଲି, ଏବଂ ମୁଁ ତାଙ୍କ ପତ୍ନୀ ଏବଂ ପଛରେ ଶିଶୁ ସହିତ ହାତ ମିଶାଇଥିଲି । ସେ ଅନ୍ୟ ରାତିରେ ସେଠାରେ ପ୍ରଚାର କରୁଥିବାର ଶୁଣିବା ପାଇଁ ଥିଲେ । ମୁଁ ଭାବୁଛି ଯେ ସେମାନେ ଏଠାରେ ଅଛନ୍ତି, ଯଦି ସେମାନେ ଯାଇ ନାହାଁନ୍ତି, ମୁଁ ବିଶ୍ୱାସ କରେ ଯେ ସେ ଲୁଇସଭିଲେରେ ଜଣେ ସ୍କୁଲ ଶିକ୍ଷକ ଅଟନ୍ତି । ଯାହା ବି ହେଉ, ସେମାନେ ତାଙ୍କ କଥା ଶୁଣିବା ପାଇଁ ସେଠାରେ ଥିଲେ ।

183 ଏହା ଉଲ୍ଲେଖନୀୟ, ସେହି ବ୍ୟକ୍ତି ମୋ ଘରକୁ ଆସିଥିଲେ, ସେ ଏବଂ ଅନ୍ୟ ଜଣେ (ଏବଂ ଜଣେ ଯିହୁଦୀ), କିଛି ମାସ ପୂର୍ବରୁ । ଏବଂ ସେ କହିଲେ, "ଭାଇ ବ୍ରାନହାମ୍, ମୁଁ ବବ୍ ଜୋନ୍ସରେ *ଏତେ-ଅଧିକ* ଡିଗ୍ରୀ ପାଇଛି । ମୁଁ...ୱିଟନ୍‌ରୁ ଅଛି ।" ସମସ୍ତ ଶିକ୍ଷା ଯାହାକି ତାଙ୍କ ଭିତରେ ପୂରାଇ ଗଦା କରା ଯାଇପାରେ! କହିଲେ, "ମୁଁ ଛୋଟଟି ବେଳୁ ପରମେଶ୍ୱରଙ୍କୁ ବିଶ୍ୱାସ କରିଆସିଛି ।" ଏବଂ କହିଲେ, "ତଥାପି ମୋ ଜୀବନ ଖାଲି ଅଛି!" ସେ କହିଲେ, "କଅଣ ଶିକ୍ଷକମାନେ ଭୁଲ୍ ଅଛନ୍ତି କି?"

184 ଏବଂ ଏଠାରେ ସେହି ଧାରଣା ଅଟେ । ଯଦି କେହି...ଯଦି ଆପଣମାନଙ୍କ ମଧ୍ୟରୁ କେତେକେ ଅନ୍ୟ ରାତିରେ ଓପନ୍ ଡୋରରେ ରହିଥିଲେ, ଯେତେବେଳେକି ଆମେ ଅଳ୍ପ ଲୋକ ହିଁ ଏକାଠି ପ୍ରଚାର କରିଥିଲୁ । ସେ କହିଲେ, "ଯେତେବେଳେ ମୁଁ ମୋର ପାଇଲି ତାହା-କହିବାକୁ..." ତେବେ, ଶୁଣନ୍ତୁ, ହେ ଛୋଟ ଆରାଧନାଳୟ, ଆପଣମାନଙ୍କର ପ୍ରାର୍ଥନା ଏବଂ ବିଷୟସବୁ ପାଇଁ ଯାହାକି ସାହାଯ୍ୟ କରିଥିଲା, ଏହାକୁ ଶୁଣନ୍ତୁ । ସେ ମୋତେ ତାହାର ପୂର୍ବରୁ, ଏଠାରେ ଘରେ କହିଥିଲେ ।

185 ସେ ମୋ ଘରକୁ ଆସିଥିଲେ, ସେ କହିଲେ, "ଭାଇ ବ୍ରାନହାମ୍," କହିଲେ, "ମୁଁ ଆଶ୍ଚର୍ଯ୍ୟଚକିତ ହୋଇଅଛି ।" ସେ କହିଲେ, "ମୁଁ ଯେ ଖ୍ରୀଷ୍ଟଙ୍କୁ ମୋର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ବିଶ୍ୱାସ କରିଛି ଏବଂ ଗ୍ରହଣ କରିଛି, ତାହାଠାରୁ ବଡ଼ ଆଉ କିଛି ଅଛି କି? ଏବଂ ମୁଁ ବିଶ୍ୱାସ କରେ ଯେ ମୁଁ ଆତ୍ମାଙ୍କଠାରୁ ନୂତନ ଜନ୍ମ ପ୍ରାପ୍ତ ହୋଇଛି, ମାତ୍ର ମୋ ପାଖରେ କୌଣସି ବିଷୟର କିଛି ହେଲେ ସାକ୍ଷୀ ନାହିଁ ।"

186 ମୁଁ କହିଲି, "ଭାଇ, ଯେତିକି ଅଧିକ ମୁଁ ତାହା କହିବାକୁ ଘୃଣା କରେ, ଶିକ୍ଷକମାନେ ଆପଣଙ୍କୁ ସେତିକି ପ୍ରତାରଣା କରିଛନ୍ତି, ଆପଣଙ୍କର ବିଦ୍ୟାଳୟ ।"

187 ଦେଖନ୍ତୁ, ଯେପରି ମୁଁ—ମୁଁ ତାହା କହିପାରେ, ମୁଁ ଡାଣ୍ଡା ମାର୍କା ଭାବରେ ଅଧିକାରର ସହ ସ୍ୱର୍ଗକୁ ଯିବା ବିଷୟ କହିବାରେ ବିଶ୍ୱାସ କରେ ନାହିଁ: "କଅଣ ଆପଣ ଏହା ବିଶ୍ୱାସ କରନ୍ତି କି?" ମଣ୍ଡଳୀଗୁଡ଼ିକରେ, "ବର୍ତ୍ତମାନ, ଏଠାରେ, ମୋତେ ଏଠାରେ ଅଧିକାର ସହ କହିବାକୁ ଦିଅନ୍ତୁ, ସେହି—ସେହି ବାଇବଲ *ଏହା* କୁହେ, କଅଣ ଆପଣ ତାହା ବିଶ୍ୱାସ କରନ୍ତି କି?" ଶୟତାନ ବିଶ୍ୱାସ କରେ ଓ କମ୍ପିତ ହୁଏ! ଏହା ତାହା ନୁହେଁ ଯାହା ଆପଣ ବିଶ୍ୱାସ କରନ୍ତି । ଆପଣଙ୍କର ଆତ୍ମାକୁ ତାହାଙ୍କର ଆତ୍ମା ସହିତ ଏକମତ ହେବାକୁ ପଡିବ ଯେ ଆପଣ ନୂତନ ଜନ୍ମ ପ୍ରାପ୍ତ

ହେବା ଦ୍ୱାରା ଏବଂ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରିବା ଦ୍ୱାରା, ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟନ୍ତି।

188 ସେ କହିଲେ, "ଭାଇ ବ୍ରାନହାମ୍, ପେଣ୍ଟିକଷ୍ଟାଲମାନଙ୍କ ବିଷୟରେ ଆପଣ କଅଣ ଭାବନ୍ତି?"

189 ଏବଂ ମୁଁ କହିଲି, "ସେହି କାରଣରୁ ତ ମୁଁ ସେମାନଙ୍କ ସହିତ ବ୍ୟବହାର କରୁଅଛି। ସେଇଥିପାଇଁ ତ ମୁଁ—ମୁଁ ସେମାନଙ୍କ ସହିତରେ କାରବାର କରୁଅଛି, ସେମାନଙ୍କ ପାଖରେ ଏପରି କିଛି ବିଷୟ ଅଛି ଯାହାକି ଆପଣଙ୍କ ପାଖରେ ନାହିଁ।" ମୁଁ କହିଲି, "ସେମାନଙ୍କର ପାଗଳାମୀ ଏବଂ ସବୁକିଛି ସହିତ, ସେମାନଙ୍କ ପାଖରେ ଏକ ସତ୍ୟତା ଅଛି ଯାହା ବିଷୟରେ ଆପଣ କିଛି ଜାଣନ୍ତି ନାହିଁ।" ଏବଂ ମୁଁ ଠିକ ସେତେବେଳେ, ଆମେରିକାର ଜଣେ ମହାନତମ ବ୍ୟକ୍ତିଙ୍କ ସହ କଥା ହେଉଥିଲି। ହଁ, ଆଜ୍ଞା। ସେ ସୁଡାନ ମିଶନ୍ କାର୍ଯ୍ୟର ଅଧ୍ୟକ୍ଷ ଥିଲେ, ସମଗ୍ର ବିଶ୍ୱରେ ସର୍ବଶ୍ରେଷ୍ଠ, ମୂଳ ପର୍ଯ୍ୟନ୍ତ ମୌଳିକବାଦୀ ଥିଲେ। ସେ ଶାସ୍ତ୍ରଗୁଡିକ ଜାଣିଥିଲେ, ଏବଂ *ମୃତ୍ୟୁ, ସମାଧି ଓ ପୁନରୁତ୍ଥାନ*, ଏପରି ଭାବରେ ପ୍ରଚାର କରୁଥିଲେ ଯେପରିକି ଏକ ଘର ଅଗ୍ନିରେ ପ୍ରଜ୍ୱଳିତ ହେଉଅଛି। କିନ୍ତୁ ଏହା ତାହା ନ ଥିଲା। ଶୟତାନ ମଧ୍ୟ, ତାହା କରିପାରେ। ଶୟତାନ ଯଥାସାଧ୍ୟ ମୌଳିକବାଦୀ ଅଟେ ଯେତିକି ସେ ହୋଇପାରେ।

190 କିନ୍ତୁ, ଭାଇ, ଯୀଶୁ ଖ୍ରୀଷ୍ଟ କହିଲେ, "ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ନ ହୁଏ, ସେ ପରମେଶ୍ୱରଙ୍କ ରାଜ୍ୟ ଦେଖିବ ନାହିଁ।"

191 କେବଳ ଏଥି ସକାଶୁ ନୁହେଁ ଯେ ଆପଣ କୁହନ୍ତି, "ହଁ, ମୁଁ ବିଶ୍ୱାସ କରେ। ହଁ, ମୁଁ—ମୁଁ ବିଶ୍ୱାସ କରେ ଯେ ତାହା ସେହିପରି ହିଁ ଅଟେ। ମୁଁ ତାହା ବିଶ୍ୱାସ କରେ। ହଁ।" ତାହା କାମ କରେ ନାହିଁ। ଏହା ତ ଏକ ନୂତନ ଜନ୍ମର ପ୍ରକୃତ ଅନୁଭୂତି ହେବା ଆବଶ୍ୟକ କରେ। ଏହା ତ ଆପଣ ଓ ପରମେଶ୍ୱରଙ୍କ ମଧ୍ୟରେ କିଛି ଗୋଟାଏ ହେବା ଆବଶ୍ୟକ କରେ ଯେ ଆପଣ ଜାଣିବେ ଯେ ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନ ମଧ୍ୟକୁ ପ୍ରବେଶ କରିଛନ୍ତି।

192 କହିଲେ, "ଭାଇ ବ୍ରାନହାମ୍, କଅଣ ମୁଁ ପବିତ୍ରଆତ୍ମା ଗ୍ରହଣ କରିପାରିବି କି?"

193 ମୁଁ କହିଲି, "ସେଠାରେ ହାଇମାନ୍ ଆପଲମ୍ୟାନ୍‌ଙ୍କ ଉପରେ କେବଳ ହାତ ଥୋଇଲି, ଆଉ ସେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କଲେ।"

194 ଏହି ଅନ୍ୟ ଯିହୁଦୀ କାନ୍ଦିବାକୁ ଆରମ୍ଭ କଲେ, ଏବଂ ସେଠାରେ ଥିବା ଛୋଟ କଫି ମେଜ ଉପରେ ଗ୍ଲାସଟିକୁ ଭାଙ୍ଗି ଦେଲେ, ଏବଂ ସେଠାରେ ଏକ ବଡ ଦେଖାଣିଆ କାନ୍ଦିଲେ। ସେମାନେ ଦୁହେଁ କହିଲେ, "ଭାଇ ବ୍ରାନହାମ୍, ଆମେ କିପରି ପବିତ୍ରଆତ୍ମା ଗ୍ରହଣ କରିବା?" ପଣ୍ଡିତମାନେ! ତୀକ୍ଷ୍ଣ, ଚତୁର! ସେଠାରେ ଥିବା ଦେଶର ସର୍ବୋତ୍ତମ!

195 ଆଉ ମୁଁ କହିଲି, "ପବିତ୍ରଆତ୍ମା ଗ୍ରହଣ କରିବାର ପ୍ରେରିତିକ ଉପାୟ ହେଲା ସେମାନଙ୍କ ଉପରେ ହାତ ରଖିବା।" ତାହା ଠିକ୍।

196 "ହାତ ରଖିବା।" ହନନିୟ ପାଉଲଙ୍କ ଉପରେ ହାତ ରଖିବାକୁ ଆସିଲେ ଯେପରିକି ସେ ତାଙ୍କର ଦୃଷ୍ଟି ଫେରି ପାଇବେ ଏବଂ ପବିତ୍ରଆତ୍ମାଙ୍କ ଦ୍ୱାରା ପରିପୂର୍ଣ୍ଣ ହେବେ।

197 ଫିଲିପ୍ପ ତଳକୁ ଯାଇ ସେଠାରେ ପ୍ରଚାର କଲେ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସେଠାରେ ଗୋଟିଏ ସମଗ୍ର ଦଳକୁ ବାପ୍ତିଜିତ କଲେ। ପବିତ୍ରଆତ୍ମା କାହାରି ଉପରେ ଆସି ନ ଥିଲେ, କାରଣ ପିତରଙ୍କ ପାଖରେ ଚାବି ଥିଲା। ଆଉ ସେ ଓହ୍ଲାଇ ଆସିଲେ, ଏବଂ ସେମାନଙ୍କ ଉପରେ ହାତ ରଖିଲେ, ପୁଣି ସେମାନେ ପବିତ୍ରଆତ୍ମା ପ୍ରାପ୍ତ ହେଲେ। କଅଣ ତାହା ଠିକ୍ ଅଟେ?

198 ପାଉଲ, ପ୍ରେରିତ 19 ରେ, ସେ ଯାଉଥିବା ବେଳେ। ଆପଲ୍ଲ, ସେଠାରେ ବିଲି ଗ୍ରାହାମ୍ ପରିକା ଥିଲେ, ଏକ ବହୁତ ବଡ଼ ଉଦ୍ଦୀପନା ସଭା କରୁଥିଲେ ଏବଂ ଏକ ଭଲ ସମୟ ଚାଲି ଥିଲା। ସେ କହିଲେ, "କଅଣ ତୁମେମାନେ ବିଶ୍ୱାସ କରିବା ସମୟଠାରୁ ପବିତ୍ରଆତ୍ମା ପାଇଲ କି?" ବାପଟିଷ୍ଟମାନଙ୍କର ସେହି ଦଳକୁ।

199 ସେମାନେ କହିଲେ, "ଆମେ ଯୋହନଙ୍କ ଅନୁଗାମୀ ଅଟୁ। ଆମେ ଜାଣିଛୁ! ଆପଲ୍ଲ ଆମର ପ୍ରଚାରକ ଅଟନ୍ତି, ସେ ଜଣେ ପରିବର୍ତ୍ତିତ ଓକିଲ, ଦେଶର ସବୁଠାରୁ ବୁଦ୍ଧିମାନ ବ୍ୟକ୍ତି।"

200 ସେ କହିଲେ, "କିନ୍ତୁ ତୁମେମନେ ବିଶ୍ୱାସ କରିବା ପରଠାରୁ କଅଣ ପବିତ୍ରଆତ୍ମା ପାଇଲ କି?"

ସେ କହିଲା, "କୌଣସି ପବିତ୍ରଆତ୍ମା ଯେ ଦତ୍ତ ହୋଇଅଛନ୍ତି ତାହା ଆମେ ଜାଣି ନାହୁଁ।"

କହିଲେ, "ତେବେ ତୁମେମାନେ କାହିଁରେ ବାପ୍ତିଜିତ ହେଲ?"

କହିଲେ, "ଆମ୍ଭେମାନେ ଯୋହନଙ୍କ ବାପ୍ତିସ୍ମରେ ବାପ୍ତିଜିତ ହୋଇଅଛୁ।"

201 କହିଲେ, "ସେ ମନଫେରଣ ପାଇଁ ବାପ୍ତିଜିତ କରିଥିଲେ, ଏହା କହି ଯେ ତୁମେମାନେ ଆଗମନ କରିବାକୁ ଥିବା, ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କର।" ଆଉ ଯେତେବେଳେ ସେମାନେ ଏହା ଶୁଣିଲେ, ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ। ଏବଂ ପାଉଲ ସେମାନଙ୍କ ଉପରେ ହାତ ରଖିଲେ ଏବଂ ସେମାନେ ପବିତ୍ରଆତ୍ମା ଗ୍ରହଣ କଲେ, ପରଭାଷାରେ କଥା କହିବାକୁ ଆରମ୍ଭ କଲେ ଏବଂ ପରମେଶ୍ୱରଙ୍କୁ ଗୌରବାନ୍ୱିତ କଲେ। ତାହା ସେତିକି ସରଳ ଅଟେ ଯେତିକି ସରଳ ମୁଁ ଶାସ୍ତ୍ର ଜାଣେ।

202 ବର୍ତ୍ତମାନ, ଦେଖନ୍ତୁ, ବନ୍ଧୁ! ଆପଣଙ୍କର ମତରେ ଏଠାରେ ଅଳ୍ପ ଟିକିଏ ପାର୍ଥକ୍ୟ ଥାଇପାରେ, କାରଣ ଆମେ ସବୁକିଛି ସହିତରେ ମିଶ୍ରିତ ଅଟୁ। କିନ୍ତୁ ଆସନ୍ତୁ ଏହାକୁ ବିସ୍ତୃତ କରି ରଖିବା, ଆପଣାର ବ୍ୟାଖ୍ୟା ପୂରାଇବାକୁ ଚେଷ୍ଟା କରିବା ନାହିଁ। ବାଇବଲ ଯାହା କୁହେ ତାହା କହିବା, ଏହାକୁ ଠିକ ଏହିପରି ଭାବରେ ପାଠ କରିବା।

203 ଏବଂ ମୁଁ କହିଲି, "ଭାଇମାନେ, ଏକମାତ୍ର ବିଷୟ କେବଳ ଯାହା ମୁଁ ଜାଣେ, ତାହା ହେଲା ସେମାନଙ୍କ ଉପରେ ହାତ ଥୋଇବା ଯେଉଁମାନେ କି ପବିତ୍ରଆତ୍ମାଙ୍କୁ ଖୋଜନ୍ତି।"

204 ସେ କହିଲେ, "କଅଣ ଆପଣ ହାତ ରଖିବେ ଓ—ଓ ପରମେଶ୍ୱରଙ୍କଠାରେ ଆମମାନଙ୍କୁ ଆଶୀର୍ବାଦ କରିବା ନିମନ୍ତେ ଏବଂ ଆମମାନଙ୍କୁ ପବିତ୍ରଆତ୍ମା ପ୍ରଦାନ କରିବା ନିମନ୍ତେ ପ୍ରାର୍ଥନା କରିବେ କି?"

205 ମୁଁ କହିଲି, "ମୁଁ କରିବି।" ଏବଂ ଆମେ ଭୂମି ଉପରେ ଆଣ୍ଠୁମାଡି ବସି ପଡିଲୁ, ଏବଂ ମୁଁ ପ୍ରାର୍ଥନା କଲି ଓ ସେମାନଙ୍କ ଉପରେ ହାତ ରଖିଲି। ଏବଂ ତାହାର ପ୍ରାୟଃ କିଛି ସପ୍ତାହ ପରେ, ସେମାନେ ଉଭୟେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପ୍ରାପ୍ତ ହେଲେ। ଏବଂ ଯେତେବେଳେ ଏହି ଡାକ୍ତର ରିଡହେଡ୍ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କଲେ, ପରଭାଷାରେ କଥା କହି ଆସିବାକୁ ଲାଗିଲେ। ହଁ, ଆଜ୍ଞା।

206 ଏବଂ ଆପଣଙ୍କର ସୁଡାନ ମିଶନ କହିଲା, "ଆମ ପାଖରେ ସେହିପରି ଜଣେ ବ୍ୟକ୍ତିଙ୍କ ପାଇଁ କୌଣସି ସ୍ଥାନ ନାହିଁ ଯିଏକି ପରଭାଷାରେ କଥା କହିବ।"

207 ଆଉ ସେ ମୋ ପାଖକୁ ଆସି କହିଲେ, "'କେହି ଜଣେ ପରଭାଷାରେ କଥା କହୁଥିଲେ'?"

208 "କାହିଁକି, କାହିଁକି," ମୁଁ କହିଲି, "ସେମାନଙ୍କଠାରେ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ କୌଣସି ସ୍ଥାନ ନାହିଁ, କାରଣ ଯୀଶୁ ଖ୍ରୀଷ୍ଟ ଅଜ୍ଞାତ ଭାଷାରେ କଥା କହିଥିଲେ; ଏବଂ ଅଜ୍ଞାତ ଭାଷାରେ କଥା କହି, ମୃତ୍ୟୁବରଣ କରିଥିଲେ।"

209 ସେମାନେ ପାଉଲଙ୍କ ଶିକ୍ଷା ଗ୍ରହଣ କରିପାରିବେ ନାହିଁ, ପାଉଲ ସେସମସ୍ତଙ୍କ ଅପେକ୍ଷା କାହିଁ ଅଧିକ ପରଭାଷାରେ କଥା କହିଥିଲେ।

210 ଗତକାଲି ଜଣେ ମୋତେ କହିଲେ, କହିଲେ, "ମୁଁ ତ ବରଂ ବୁଝାମଣାର ସହ ପାଞ୍ଚୋଟି ଶବ୍ଦ କହିବାକୁ ପସନ୍ଦ କରେ।"

211 ମାତ୍ର ପାଉଲଙ୍କ ଶିକ୍ଷା କୁହେ, "ଭବିଷ୍ୟଦ୍‌ବାଣୀ ଇଚ୍ଛା କର, ଏବଂ ପରଭାଷାରେ କଥା କହିବାକୁ ବାରଣ କର ନାହିଁ।" ଏବଂ ସେମାନଙ୍କୁ ପରଭାଷାରେ କଥା କହିବାକୁ ବାରଣ କରାଯାଏ!

212 ପରଭାଷାରେ କଥା କହିବା ହେଉଛି ପରମେଶ୍ୱରଙ୍କ ଏକ ଈଶ୍ୱରୀୟ ଦାନ ଯାହାକି ମଣ୍ଡଳୀରେ ରହିଥାଏ ଠିକ୍ ସେହିପରି ଭାବରେ ଯେପରିକି ତାହା ପଶ୍ଚାତ୍ ସମୟରେ ଆରମ୍ଭରେ ହୋଇଥିଲା। ତାହା ଅବିକଳ ଭାବେ ସତ୍ୟ ଅଟେ। ହଁ ବାସ୍ତବରେ! ତାହା ହେଉଛି ବାଇବଲ ଶିକ୍ଷା। ଏହା ଏକ ଈଶ୍ୱରୀୟ ଦାନ, ଏବଂ ଆପଣ ଏହାକୁ ଠିକ ସେହିପରି ଭାବରେ ଅସ୍ୱୀକାର କରୁଛନ୍ତି ଠିକ ଯେପରିକି ଆପଣ—ଆପଣ ନୂତନ ଜନ୍ମକୁ ଅସ୍ୱୀକାର କରିଥାଆନ୍ତି, ଯୀଶୁ ଶିକ୍ଷା ଦେଇଥିବା ସମସ୍ତ କିଛି ବିଷୟକୁ ଆପଣ ଅସ୍ୱୀକାର କରନ୍ତି ଯେତେବେଳେ ଆପଣ ତାହାକୁ କାଟି ଅନ୍ୟତ୍ର କରିବାକୁ ଚେଷ୍ଟା କରିଥାଆନ୍ତି।

213 ତେବେ, ଆପଣ ଏହା ଉପରେ ଉନ୍ମାଦିତ ହୋଇପାରନ୍ତି, ସେମାନଙ୍କ ମଧ୍ୟରୁ ଅନେକ ହୋଇଅଛନ୍ତି। କିନ୍ତୁ ମୁଁ କହୁଛି, "ତାହାର ଯଥା ସ୍ଥାନ ଅଛି।" ଏହା ତ ଏକ ହଳେ ଜୋତା ପରି;

ଯେତେବେଳେ ଆପଣ ଏକ ହଳ ଜୋତା କିଣନ୍ତି, ତାହା ସହିତରେ ଜିଭଗୁଡ଼ିକ ରହିଥାଏ। ଏବଂ ତାହା ଠିକ୍ ଅଟେ। ଯେତେବେଳେ ଆପଣ ଖ୍ରୀଷ୍ଟଙ୍କ ଶରୀର ମଧ୍ୟରେ ଥାଆନ୍ତି, ପରମେଶ୍ୱର ଏଠାରେ, ସମସ୍ତ ମେଜକୁ ପରିପୂର୍ଣ୍ଣ ରଖିଥାନ୍ତି। ତାହାଙ୍କ ଠାରେ ପ୍ରେମ ଥାଏ, ତାହାଙ୍କ ଠାରେ ଆନନ୍ଦ ଥାଏ।

214 ଯଦି ମୁଁ ଆପଣଙ୍କର ମେଜକୁ ଯିବି ଓ ସେଠାରେ ବସିବି, ଏବଂ ଆପଣ କହିବେ, "ପ୍ରଚାରକ, ଆସନ୍ତୁ ମୋ ସହିତ ଭୋଜନ କରନ୍ତୁ," ମୁଁ ବିଶ୍ୱାସ କରେ ଯେ ଆପଣ ମୋତେ ପ୍ରେମ କରନ୍ତି। ଏବଂ ଆପଣଙ୍କ ଠାରେ ସେମି ଏବଂ ଆଳୁ ଓ ଗାଜର ଏବଂ କସା କୁକୁଡା ମାଂସ ଏବଂ କଖାରୁ ପିଠା ଓ ଆଇସ୍କ୍ରିମ୍ ରହିଥିଲା, ସେଠାରେ ସମସ୍ତକିଛି ବିଷୟ ରହିଥିଲା। କାହିଁକି, ମୁଁ ବିଶ୍ୱାସ କରେ ଯେ ମୋତେ ଆଳୁ ପ୍ରତି ସେତିକି ସ୍ୱାଗତ ଅଟେ ଯେତିକି ସ୍ୱାଗତ ମୋତେ ସେମି ପ୍ରତି ମଧ୍ୟ ଅଟେ। ଏକମାତ୍ର ବିଷୟ ହେଲା, ମୁଁ ବିଶ୍ୱାସ କରେ ଯେ ମୋତେ କୁକୁଡ଼ା ପ୍ରତି ସେତିକି ସ୍ୱାଗତ ଅଟେ ଯେତିକି ସ୍ୱାଗତ ମୋତେ ପିଠା ପ୍ରତି ହୋଇଥିଲା। ଏହା ସବୁ କିଛି ମେଜରେ ଅଛି। ଏବଂ ମୋର କରିବା ପାଇଁ କେବଳ ଗୋଟିଏ ବିଷୟ ହେଲା ତାହା ହେଉଛି ଏହା କହିବା, "କଅଣ ଆପଣ ଦୟାକରି ମୋତେ କିଛି ପିଠା ବଢାଇବେ କି?" ଏବଂ ମୁଁ ଏକ ଭଲ ମୁକ୍ତ ହୃଦୟ ସହିତ ବିଶ୍ୱାସ କରେ, ମୋ ପ୍ରତି ଆପଣଙ୍କର ପ୍ରେମ, ଆପଣ କୁହନ୍ତି, "ନିଶ୍ଚିତରେ, ମୋ ଭାଇ, ଏହାର ଏକ ଭଲ ବଡ଼ ଖଣ୍ଡଟିଏ ନିଅନ୍ତୁ।" କଅଣ ତାହା ଠିକ୍ କି? ଯଦି ମୁଁ କହିବି, "କଅଣ ଆପଣ ମୋତେ ଆଳୁ ବଢାଇବେ କି?" "କାହିଁକି, ନିଶ୍ଚିତରେ, ମୋର ଭାଇ, ଏଠାରେ ତାହା ଅଟେ।"

215 ଏବଂ ପ୍ରତ୍ୟେକ ମୁକ୍ତିର ଆଶୀର୍ବାଦ ଯାହା ପାଇଁ ଯୀଶୁ ଖ୍ରୀଷ୍ଟ ମୃତ୍ୟୁବରଣ କରିଥିଲେ ଏବଂ କାଲଭରୀଠାରେ ତାହାଙ୍କର ପ୍ରାୟଶ୍ଚିତରେ କ୍ରୟ କରିଥିଲେ, ଏହା ମେଜ ଉପରେ ରଖା ହୋଇଛି ଏବଂ ପ୍ରତ୍ୟେକ ବିଶ୍ୱାସୀ ଏହାର ସମ୍ମୁଖରେ ବସିଛନ୍ତି। ହାଲ୍ଲେଲୁୟା! ଯଦି ମୋର ଆରୋଗ୍ୟତା ଆବଶ୍ୟକ, ମୁଁ କୁହେ, "ପିତା, ମୋତେ କିଛି ଆରୋଗ୍ୟତା ବଢାଇ ଦିଅନ୍ତୁ," ଏବଂ ମୁଁ ଏହାକୁ ମୋ ଥାଳିରେ ଢାଳି ଦିଏ ଓ ଏକ ବଡ ଖାଏ...ବର୍ତ୍ତମାନ, ଯଦି ଆପଣ ଭୋକରେ ମରିବାକୁ ଚାହୁଁଛନ୍ତି, ତାହାହେଲେ ଆଗକୁ ଯାଆନ୍ତୁ। ହଁ, ଆଜ୍ଞା। ଏବଂ ଯଦି ଭବିଷ୍ୟତ୍‌ବାଣୀ, ପରଭାଷାରେ କଥା କହିବା...

216 ଏବଂ—ଏବଂ ତାହାପରେ ସେହି ବ୍ୟକ୍ତି ସେଠାରେ ଲେଖିଥିଲେ, ସେ ଜାଣି ନ ଥିଲେ ଯେ ମୁଁ କହିଥିଲି...ମୁଁ ନିଜେ ପରଭାଷାରେ କଥା କହିଥିଲି। ଏବଂ ସେ ଏହି ପୁସ୍ତକ ଲେଖୁଛନ୍ତି, ଆପଣ ପାଇବେ ଯେ ତାହା ଦେଶଗୁଡ଼ିକୁ ଛିନ୍ନଛତ୍ର କରି ଦେବ। ଏବଂ ତାହା ବ୍ୟତୀତ, ଏହି ବ୍ୟକ୍ତି ପାଖରେ ମୁଡି ବାଇବଲ ପ୍ରତିଷ୍ଠାନର ପଚି-ଶ ଜଣ ବିଶିଷ୍ଟ ସେବକମାନେ ରହିଛନ୍ତି ଯେଉଁମାନେକି ପରଭାଷାରେ କଥା କହିବାର ଦାନକୁ ଅନ୍ୱେଷଣ କରୁଛନ୍ତି। ମୌଳିକବାଦୀ ଲୋକମାନେ ଓଲଟ ପାଲଟ କରି ଦେଇଛନ୍ତି। *ଦି ଖ୍ରୀଷ୍ଟିଆନ ଲାଇଫ୍*, ଏହି—ଏହି ମାସ, ଏହି ମାସର *ଖ୍ରୀଷ୍ଟିଆନ ଲାଇଫ୍* ପତ୍ରିକାକୁ ଦେଖନ୍ତୁ, ଉଣେଇଶ ପୃଷ୍ଠାରେ, ଏବଂ ସେହି ଈଶ୍ୱରୀୟ

ତତ୍ତ୍ୱବିଦ୍ ମହାନ ଡାକ୍ତରଙ୍କୁ ଦେଖନ୍ତୁ, କହିଲେ, "କଅଣ ଆମେ ଏହାକୁ ଗ୍ରହଣ କରିବା କି? କଅଣ ଆମେ କିଛି ହରାଇଅଛୁ କି?"

217 ମୁଁ ପ୍ରଚୁର ବର୍ଷା ଆସୁଥିବାର ଶୁଣେ! ଆପଣ ଲୋକମାନଙ୍କୁ ଏଠାରେ କୋଣରେ ମୋଡ଼ି ଦେଇଛନ୍ତି, କିନ୍ତୁ ଏହା ଏପରି ଏକ ସ୍ଥାନକୁ ଆସିଯାଇଛି ଯେଉଁଠାରେକି ପରମେଶ୍ୱର ବିଜାତୀ ଜଗତକୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ସହିତରେ ଦୋହଲାଇବାକୁ ଯାଉଛନ୍ତି, ତାହାର ସମସ୍ତ ପରିପୂର୍ଣ୍ଣତା ଏବଂ ଶକ୍ତି ଓ ଚିହ୍ନ ଏବଂ ଚମତ୍କାର ସହିତ ଏହାକୁ ଢାଳିବାକୁ ଯାଉଛନ୍ତି। ସେହି କାରଣ ଯେଉଁଥିପାଇଁ ମୁଁ ଧରିଅଛି...ପେଣ୍ଟିକଷ୍ଟକୁ ଗୋଟିଏ କୋଣକୁ ଠେଲି ଦିଆଯାଇଛି ଏବଂ ସେହିପରି ବିଭିନ୍ନ ବିଷୟଗୁଡିକ ଉପରେ ଉନ୍ମାଦିତ ହୋଇଯାଇଛନ୍ତି, ସମୟ ଏପର୍ଯ୍ୟନ୍ତ ପରିପକ୍ୱ ହୋଇ ନାହିଁ। ସେହି କାରଣରୁ ସେମାନଙ୍କ ପାଖରେ ଏହି ସମସ୍ତ ଉନ୍ମାଦନା ରହିଥିଲା। କିନ୍ତୁ ତାହା ହେଉଛି ପରମେଶ୍ୱରଙ୍କ ଈଶ୍ୱରୀୟ ପ୍ରତିଜ୍ଞା ଏବଂ ପରମେଶ୍ୱରଙ୍କ ଈଶ୍ୱରୀୟ ବାକ୍ୟ, ଏବଂ ତାହାକୁ ତ ଘଟିବାକୁ ହିଁ ଅଛି କାରଣ ପରମେଶ୍ୱର ତାହା ସେହିପରି କହିଛନ୍ତି। ଏବଂ ମୁଁ ବିଶ୍ୱାସ କରେ ଯେ ବିଜାତୀ ସମୟାବଧି ଠିକ ସମାପ୍ତ ହେବା ପୂର୍ବରୁ ପରମେଶ୍ୱର ମୌଳିକବାଦୀମାନଙ୍କ ଉପରେ ଢାଳି ଦେବେ।

218 ଆପଣ ଏହାକୁ ଏହି ମାସର *ରିଡର୍ସ୍ ଡାଇଜେଷ୍ଟ* ରେ ପାଠ କରିପାରନ୍ତି, ଏହାର ଏହି ଅଗଷ୍ଟ ସଂଖ୍ୟାରେ। ଯାଆନ୍ତୁ ଓ ଏହାକୁ ଦେଖନ୍ତୁ, କିପରି ସେହି ମେଥୋଡିଷ୍ଟ ପ୍ରଚାରକ ସେଠାରେ ତଳେ ସେହି ପ୍ରଚାର ମଞ୍ଚରେ, ସେହି ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରୁଥିଲେ ଯିଏକି ଡାକ୍ତରଖାନା ଶଯ୍ୟାରେ ମୃତ୍ୟୁବରଣ କରୁଥିଲା, ଏବଂ ପବିତ୍ରଆତ୍ମାଙ୍କ ସାକ୍ଷୀ ତଳକୁ ଓହ୍ଲାଇ ଆସିଲା ଓ ସେହି ବ୍ୟକ୍ତିଟି ସଙ୍ଗେ ସଙ୍ଗେ ସୁସ୍ଥ ହୋଇଗଲା। ହାଲ୍ଲେଲୁୟା! ନିଶ୍ଚିତରେ। ପରମେଶ୍ୱରଙ୍କ ଏଠାରେ ମେଜ ଉପରେ ଈଶ୍ୱରୀୟ ଆରୋଗ୍ୟତା ରହିଛି! ତାଙ୍କର ଏଠାରେ ମେଜ ଉପରେ ଭବିଷ୍ୟତ୍‌ବାଣୀ ରହିଛି! ତାଙ୍କର ଏଠାରେ ମେଜ ଉପରେ ପରଭାଷାରେ କଥା କହିବା ରହିଛି! ତାହାଙ୍କ ଶରୀରରେ ନଅ ଗୋଟି ଆତ୍ମିକ ଦାନଗୁଡିକୁ ରହିଛି, ଏବଂ ଆପଣଙ୍କୁ ସେଗୁଡିକ ମଧ୍ୟରୁ ପ୍ରତ୍ୟେକରେ ସ୍ୱାଗତ ଅଛି! ହାଲ୍ଲେଲୁୟା! ହଁ, ମହାଶୟ, ଆମେ ଏଠାରେ ଅଛୁ।

**କଅଣ...ବିଜାତୀମାନଙ୍କ ଶେଷରେ, କଅଣ ଯିହୁଦୀମାନେ ଫେରିବେ କି?**

219 ହଁ, ଆଜ୍ଞା। ଅନେକ ଶାସ୍ତ୍ରାଂଶ, ଭଉଣୀ, ଭାଇ, ଏହା ଯିଏ କେହି ବି ଅଟନ୍ତି। ଯୋୟେଲ ଗୋଟିକରେ, "ଶୁକକୀଟ ଯାହା ଛାଡିଲା, ପତଙ୍ଗ ତାହା ଖାଇଲା," ଏବଂ ପ୍ରଭୃତି, ସେହି ଗଛ। ଏବଂ ଯୀଶୁ ନିଜେ କହିଲେ ଯେ ସେମାନେ କିପରି ପରିତ୍ୟାଗ କରାଯିବେ ଓ ସବୁକିଛି। ଓଃ, ସମଗ୍ର ଶାସ୍ତ୍ର, ଦାନିୟେଲ ଏବଂ ସର୍ବତ୍ର, ଏହା ବିଷୟରେ କହିଥାଏ। ହଁ, ଯୀଶୁ କହିଥିଲେ, "ଯେତେବେଳେ ତୁମେ ଡିମ୍ବିରି ଗଛକୁ ପଲ୍ଲବିତ ହେଉଥିବାର ଦେଖ, ଜାଣ ଯେ ସମୟ ସନ୍ନିକଟ।"

ମୁଁ ଭାବୁଛି ଏହି ଅନ୍ୟଟି ମଧ୍ୟ ଏହା ବିଷୟରେ କିଛି ଗୋଟାଏ ଅଟେ:

**୬. କଅଣ ଆପଣ ବିଶ୍ୱାସ କରନ୍ତି ଯେ ଯିହୁଦୀମାନଙ୍କର—ଯିହୁଦୀମାନଙ୍କର ପାଲେଷ୍ଟାଇନକୁ ଫେରିବା ବାଇବଲ ଭବିଷ୍ୟତ୍‌ବାଣୀର ଏକ ପୂରଣ ହେବା ଅଟେ? ଆମେ ଶୁଣିଲୁ ଯେ ଆପଣ ପାଲେଷ୍ଟାଇନ ଯାଉଛନ୍ତି, କଅଣ ଏହା ସତ କି?**

220 ହଁ। ହଁ, ଆଜ୍ଞା। ମୋତେ ଆପଣମାନଙ୍କୁ କିଛି କହିବାକୁ ଦିଅନ୍ତୁ, ସର୍ବଶ୍ରେଷ୍ଠ ଅନ୍ୟତମ... ଯଦି ଆପଣ ଏହା ଦେଖିବାକୁ ଚାହାଁନ୍ତି ଯେ ତାହା ବର୍ଷର କେଉଁ ସମୟ ଅଟେ, କ୍ୟାଲେଣ୍ଡରକୁ ଅନାନ୍ତୁ। ଯଦି ଆପଣ ଦେଖିବାକୁ ଚାହାଁନ୍ତି ଯେ ତାହା ରାତିର କେଉଁ ସମୟ ଅଟେ, ତେବେ ଘଣ୍ଟାକୁ ଅନାନ୍ତୁ। ଯଦି ଆପଣ ଦେଖିବାକୁ ଚାହାଁନ୍ତି ଯେ ଆପଣ କେଉଁ ଦିନରେ ବସବାସ କରୁଛନ୍ତି ତେବେ ଦେଖନ୍ତୁ ଯେ ଯିହୁଦୀମାନେ କେଉଁଠାରେ ଅଛନ୍ତି। ତାହା ହେଉଛି ପରମେଶ୍ୱରଙ୍କ ସମୟସୂଚକ।

221 ଏବଂ ଦେଖନ୍ତୁ! ସେହି ସମାନ ରାତି, ସେହି ସମାନ ଦିନ, ଯେତେବେଳେକି ସଦାପ୍ରଭୁଙ୍କର ଦୂତ ମୋତେ ସାକ୍ଷାତ କରିଥିଲେ, 1946, ମେ ମାସ ସପ୍ତମ ଦିନ, ଇଣ୍ଡିୟାନାର ଗ୍ରୀନ୍ ମିଲ୍ ଠାରେ, ଠିକ ସେହି ଦିନ ଯିହୁଦୀମାନଙ୍କ ପାଇଁ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ସେମାନେ ପଚି-ଶ ଶହ ବର୍ଷରେ ପ୍ରଥମ ଥର ପାଇଁ ଏକ ପ୍ରତିଷ୍ଠିତ ରାଷ୍ଟ୍ର ହୋଇଥିଲେ। ହାଲ୍ଲେଲୁୟା!

222 ଏବଂ, ଆଜି ରାତିରେ, ଦୁନିଆର ସବୁଠୁ ପୁରାତନ ପତାକା, ଦାଉଦଙ୍କର ଛଅ-କୋଣ ତାରକା ବିଶିଷ୍ଟ, ପଚି-ଶ ଶହ ବର୍ଷ ମଧ୍ୟରେ, ତାର ପରଠାରୁ ପ୍ରଥମ ଥର ପାଇଁ, ଯିରୁଶାଲମ ଉପରେ ଉଡୁଅଛି ଯେବେଠୁଁ ବାବିଲକୁ ବନ୍ଦୀତ୍ୱରେ ନିଆ ଯାଇଥିଲା। ଯୀଶୁ କହିଲେ, "ଯେତେବେଳେ ତୁମେ ଡିମ୍ବିରି ଗଛକୁ ପଲ୍ଲବିତ ହେଉଥିବାର ଦେଖ।" ସେ ସେଠାରେ ଅଛି! ସେଠାରେ ସେ କହିଥିଲେ, "ଏକ ଦୃଷ୍ଟାନ୍ତ ଶିଖ। ତୁମେ କହୁଛ 'ଗ୍ରୀଷ୍ମ ସନ୍ନିକଟ।' ଯେତେବେଳେ ତୁମେ ଏହା ଦେଖିବ, ଜାଣ ଯେ ସମୟ ସନ୍ନିକଟ।" ଆମେ ଠିକ୍ ସମୟର ଶେଷରେ ଅଛୁ।

223 ଦେଖନ୍ତୁ ଯେ କିପରି ଦାନିୟେଲର "ଘୃଣ୍ୟ" ବସ୍ତୁ ଓ ପ୍ରଭୃତି ସବୁ, ଆପଣ ଜାଣନ୍ତି, ଯେତେବେଳେ ଯୀଶୁ କହିଥିଲେ। "ଯେତେବେଳେ ସେହି ମହାନ ପ୍ରଧାନ ବ୍ୟକ୍ତି ଆସିବେ, ସେ ଏକ—ଏକ ହଜାର ଦୁଇଶହ ଷାଠିଏ ଦିନ ଭବିଷ୍ୟତ୍‌ବାଣୀ କରିବେ," ଯାହାକି ତିନି ବର୍ଷ ଛଅ ମାସ ଥିଲା। ଏବଂ ଯୀଶୁ ଠିକ ସେତିକି ସମୟ ହିଁ ପ୍ରଚାର କରିଥିଲେ। ସେ ଏକାକୀ ଯିହୁଦୀମାନଙ୍କ ନିକଟକୁ ଆସିଥିଲେ, ତାହାପରେ ସେ ଲୋକମାନଙ୍କ ପାଇଁ ଏକ—ଏକ ବଳିଦାନ ନିମନ୍ତେ ଉଚ୍ଛିନ୍ନ କରାଯିବେ। "ଏବଂ ସେହି ଘୃଣ୍ୟ ବସ୍ତୁ ଧ୍ୱଂସ କରିବ।" ମୁସଲମାନମାନେ ସେଠାରେ ଓମାରର ମସ୍ଜିଦ ସ୍ଥାପନ କରିବେ। "ଏବଂ ସେମାନେ ଯିରୁଶାଲମର କାନ୍ଥସବୁକୁ ପଦଦଳିତ କରିବେ ଯେପର୍ଯ୍ୟନ୍ତକି" (ହୁ୍ୟ! କଅଣ ପର୍ଯ୍ୟନ୍ତ?) "ବିଜାତୀମାନଙ୍କର ସମୟାବଧି ଶେଷ ନ ହୋଇଯାଏ।" ଏବଂ ତାହାପରେ ସେ ପୁନର୍ବାର ଯିହୁଦୀମାନଙ୍କ ନିକଟକୁ ଫେରିବେ, ଏବଂ ସେହିଠାରେ ହିଁ ଅଟେ ଯେତେବେଳେକି

ଆର୍ମାଗିଦୋନ୍ ଯୁଦ୍ଧ ଘଟେ…ସେଠାରେ ସେ ବିଜାତୀମାନଙ୍କୁ ଡାକିବେ, ଯେ ତାହାଙ୍କର ନାମ ନିମନ୍ତେ, ନିଜର କନ୍ୟା ରୂପେ ଏକ ଲୋକମାନଙ୍କୁ ବାହାରକୁ ଅଣାଯାଏ। ଧ୍ୟାନ ଦିଅନ୍ତୁ। ହଁ, ଆଜ୍ଞା। ଏକ ଶହ ଚୌ-ରାଳିଶ ହଜାର ସମସ୍ତେ ମୁକ୍ତିପ୍ରାପ୍ତ ଯିହୁଦୀ ଅଟନ୍ତି ଯେଉଁମାନେକି ଏପର୍ଯ୍ୟନ୍ତ ସେଠାରେ ଠିଆ ହେବାକୁ ଅଛି। ଏହି ସମସ୍ତ…

224 ତାହାପରେ ଯେତେବେଳେ ମଣ୍ଡଳୀକୁ ଉର୍ଦ୍ଧ୍ବକୁ ନେଇ ନିଆଯାଏ, ମୋଶା ଏବଂ ଏଲିୟ, ପ୍ରକାଶିତ 11 ରେ ଆବିର୍ଭାବ ହୁଅନ୍ତି, ଏବଂ ସେମାନଙ୍କ ନିକଟରେ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରଚାର କରନ୍ତି। ଏବଂ ପବିତ୍ରଆତ୍ମାଙ୍କୁ ବିଜାତୀମାନଙ୍କଠାରୁ ନେଇ ନିଆଯିବ, ଏବଂ ମଣ୍ଡଳୀକୁ ଉର୍ଦ୍ଧ୍ବକୁ ନେଇଯିବା ନିମନ୍ତେ ରେପଚର ଉପସ୍ଥିତ ହୁଏ। ଏବଂ ଏଠାରେ ରହି ଯାଇଥିବା ଯିହୁଦୀମାନଙ୍କୁ ସାଢ଼େ ତିନି ବର୍ଷ ପ୍ରଚାର କରାଯିବ, କାରଣ ସେ କହିଲେ, "ତୁମର ଲୋକମାନଙ୍କ ପାଇଁ ଏବେ ସୁଦ୍ଧା ସତୁରି ସପ୍ତାହ ସ୍ଥିରୀକୃତ କରା ହୋଇଛି, ଏବଂ ଖ୍ରୀଷ୍ଟ ସେମାନଙ୍କ ମଧ୍ୟରୁ ଉଚ୍ଛିନ୍ନ କରାଯିବେ।" ଯେତେବେଳେ ତାହାଙ୍କୁ ନେଇ ନିଆଯିବ, ବିଜାତୀମାନଙ୍କୁ ଏକ ସ୍ଥାନ ଦିଆଯିବ, ଏବଂ ତାହାପରେ ସେମାନଙ୍କଠାରେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟ ପ୍ରଚାର କରିବା ପାଇଁ, ଆଉ ସାଢ଼େ ତିନି ବର୍ଷ ରହିବ।

225 ନିଶ୍ଚିତରେ, ଯିହୁଦୀମାନେ ଆସୁଛନ୍ତି। ଏବଂ ମୁଁ ବିଶ୍ୱାସ କରେ, ଭାଇ, ଯେ ଯେତେବେଳେ ଆମେ ଏଥର ସେଠାରେ ପାଲେଷ୍ଟାଇନରେ ପହଞ୍ଚିବା…ଓଃ, ପ୍ରାର୍ଥନା କରନ୍ତୁ! ସେମାନେ ସେହି ବାଇବଲ ପାଠ କରୁଛନ୍ତି।

226 କେବଳ ଆଉ ଗୋଟିଏ ବକ୍ତବ୍ୟ, ତାହାପରେ ମୋ ପାଖରେ ଏଠାରେ ଗୋଟିଏ ଅଳ୍ପ, ଛୋଟ ପ୍ରଶ୍ନଟିଏ ଅଛି, ଏବଂ ତାହାହିଁ ସବୁ ଅଟେ। ଏହି ଗୋଟିକ ଏଠାରେ ମୁଁ ଭାବୁଛି ଯେ ଏକ ପ୍ରାର୍ଥନା ଅଟେ।

227 ଏହାକୁ ଦେଖନ୍ତୁ! ଡାକ୍ତର ରିଡହେଡ, ସେଠାରେ ଜଣେ ପ୍ରଖର ବୁଦ୍ଧିମାନ ମୁସଲମାନଙ୍କ ସହ କଥାବାର୍ତ୍ତା କରୁଥିବାବେଳେ କହିଲେ…

228 ତେବେ, ନିଜର କାନଗୁଡିକୁ ଧ୍ୟାନ ସହିତରେ ଲଗାନ୍ତୁ। ଜଣେ ମୁସଲମାନ, ମୋର ସଭାରେ ଥରେ ସେମାନଙ୍କ ମଧ୍ୟରୁ ପ୍ରାୟଃ କୋଡ଼ିଏ ହଜାର ପ୍ରଭୁ ଯୀଶୁଙ୍କ ନିକଟକୁ ଆସିଥିଲେ ଯେତେବେଳେ ସେମାନେ ଆଫ୍ରିକାରେ ଚିହ୍ନ ଓ ଚମତ୍କାରମାନ ଦେଖିଥିଲେ। ଏହା…କିମ୍ବା, ନା, କୋଡ଼ିଏ ହଜାର ନୁହେଁ; ଏହା ସମସ୍ତେ ତିରିଶ ହଜାର ଥିଲେ। ମୁଁ ଅନୁମାନ କରେ ଯେ ସେମାନଙ୍କ ମଧ୍ୟରୁ ଦଶ ହଜାର ଆସିଥିଲେ, କାରଣ ସଂଖ୍ୟାଗରିଷ୍ଠ ମୁସଲମାନହିଁ ଥିଲେ—ଥିଲେ। ଏବଂ ଯେତେବେଳେ ସେମାନେ ସେଠାରେ ଠିଆ ହୋଇଥିଲେ, ମୁଁ କହିଲି, "ମନ୍ଦିରରେ ଥିବା ତୁମର କେଉଁ ଭବିଷ୍ୟଦ୍‌ବକ୍ତା ଏହି ବ୍ୟକ୍ତିଙ୍କୁ ସୁସ୍ଥ କରି ପାରିବେ?" ମୁଁ କହିଲି, "ତୁମ ଅଧିବାସୀମାନଙ୍କ ମଧ୍ୟରୁ, କେଉଁ ଆରାଧ୍ୟ, ଏହି ବ୍ୟକ୍ତିଙ୍କୁ ସୁସ୍ଥ କରିପାରିବେ?" ମୁଁ କହିଲି, "ସେମାନଙ୍କ ମଧ୍ୟରୁ କେହି ହେଲେ ନୁହେଁ! ମନ୍ଦିରରେ ଥିବା କୌଣସି ବି ଭବିଷ୍ୟଦ୍‌ବକ୍ତା ନୁହେଁ…ଆଉ ବରଂ କୌଣସି ପୁରୋହିତ ନୁହଁନ୍ତି।" ଏବଂ ମୁଁ କହିଲି,

"କୌଣସି ଆରାଧ୍ୟ ଏହା କରିପାରିବେ ନାହିଁ । ଏବଂ ମୁଁ ମଧ୍ୟ କରିପାରିବି ନାହିଁ । କିନ୍ତୁ ସ୍ୱର୍ଗର ପରମେଶ୍ୱର ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କୁ ପୁନରୁତ୍‌ଥିତ କରିଛନ୍ତି ଯିଏକି ଆଜି ମନୁଷ୍ୟ ମଧ୍ୟରେ ଜୀବିତ ଅଛନ୍ତି, ଯିଏକି ତାଙ୍କୁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ କରିଛନ୍ତି ଯେପରି ଆପଣ ତାଙ୍କୁ ଠିଆ ହୋଇଥିବାର ଦେଖନ୍ତି ।" ଜଣେ ବ୍ୟକ୍ତି ଯାହାର ବେକରେ ଶିକୁଳି ଲାଗିଥିଲା, ତାକୁ ଏକ କୁକୁର ପରି ଟାଣି ନେବାକୁ ପଡୁଥିଲା । ଆଉ ଗୋଟିଏ ମିନିଟରେ ସେ ତାର ପାଦରେ, ସାଧାରଣ ଏବଂ ଉତ୍ତମ ଭାବରେ ଠିଆ ହୋଇଥିଲା ।

229 ଏବଂ ଅନ୍ୟ ରାତିରେ ଡାକ୍ତର ରିଡହେଡ ମୋତେ କହିଥିଲେ ଯେତେବେଳେ ଆମେ କାରରେ ବସିଥିଲୁ, ସେ କହିଲେ, "ଓଃ, ମୋର ପ୍ରଭୁ!" ତାହା ବିଷୟରେ ଚିନ୍ତା କରି । ସେ କହିଲେ ଯେ ଏହି ମୁସଲମାନ ଜଣକ ତାଙ୍କ ପାଖକୁ ଆସିଥିଲେ, ଏବଂ କହିଲେ ଯେ ସେ ଏହି ମୁସଲମାନ ସହିତ କଥା ହୋଇଥିଲେ, ଜଣେ ଅତି ବିଦ୍ୱାନ ବ୍ୟକ୍ତି । ସେ କହିଲେ, "ଆଚ୍ଛା, ମହାଶୟ, ଆପଣ କାହିଁକି ନିଜର ସେହି ପୁରୁଣା ମୃତ ଭବିଷ୍ୟଦ୍‌ବକ୍ତା, ମହମ୍ମଦଙ୍କୁ ପରିତ୍ୟାଗ କରୁନାହାଁନ୍ତି?"

230 ତେବେ, ମନେରଖନ୍ତୁ, ମୁସଲମାନମାନେ ପରମେଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି । ସେଠାରେ—ରେ ଆଫ୍ରିକାରେ, ଏକ ମହାନ "ଗଦା," ଏକ "ଅସ୍ତ୍ର," ସେହିପରି ଭାବରେ ଝୁଲି ରହିଛି । ଏବଂ ସେମାନେ ଏକ ବହୁତ ବଡ ରବର ହାତୁଡ଼ି ନେଇ ତାହାକୁ ସେପରି ଆଘାତ କରନ୍ତି, ଏବଂ ଏହା ସମଗ୍ର ଦେଶରେ ବାଜିଥାଏ । ଏବଂ ପ୍ରତ୍ୟେକ ମୁସଲମାନ ଅଟକି ଯାଆନ୍ତି, ଏବଂ ପୁରୋହିତ ମନ୍ଦିରର ଶୀର୍ଷରୁ ବାହାରକୁ ଆସନ୍ତି, ଓ କୁହନ୍ତି "କେବଳ ଜଣେ ହିଁ ସତ୍ୟ ଏବଂ ଜୀବନ୍ତ ପରମେଶ୍ୱର ଅଛନ୍ତି, ଏବଂ ମହମ୍ମଦ ହେଉଛନ୍ତି ତାହାଙ୍କର ଭବିଷ୍ୟଦ୍‌ବକ୍ତା ।"

231 ତାହା ହେଉଛନ୍ତି ଇଶ୍ମାଏଲର ସନ୍ତାନଗଣ । ଦେଖନ୍ତୁ, ହାଗାର, ସେମାନେ ହାଗାରଠାରୁ ଅବ୍ରହାମଙ୍କର ପୁତ୍ରଗଣ ଅଟନ୍ତି । ବୁଝିଲେ? ସେମାନେ ପ୍ରକୃତ ଯିହୋବା ପରମେଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି, କିନ୍ତୁ ସେମାନେ ଭାବନ୍ତି ଯେ ଯୀଶୁ…(ତାହା ତ… ସେ *ଆମର* ମୁକ୍ତିଦାତା ଅଟନ୍ତି, ସ୍ୱାଧୀନା ସ୍ତ୍ରୀଠାରୁ ବିଜାତୀମାନଙ୍କ ପାଖକୁ ପଠା ଯାଇଥିଲେ; ଇସହାକ, ଦେଖନ୍ତୁ ଏବଂ ସାରାଙ୍କ ମାଧ୍ୟମରେ) । ଆଉ ତେବେ, ସେମାନେ ହାଗାର, ଇଶ୍ମାଏଲ ଦେଇ ଆସିଥିଲେ, ମୁସଲମାନମାନେ ଆସିଲେ ।

232 ଏବଂ ମହମ୍ମଦଙ୍କ କବରରେ, ଆପଣ ଯାଇ ଦେଖିବା ଉଚିତ୍, ଏହା ଚମତ୍କାର ଅଟେ, ସେଠାରେ ଥିବା ସେହି ମହାନ ସମାଧି । ଏବଂ ଦୁଇ ହଜାର ବର୍ଷ ହେଲାଣି ସେଠାରେ ଏକ ଧଳା ଘୋଡା ସୁସଜ୍ଜିତ ହୋଇ ରହିଥାଏ, ସେଠାରେ ଠିଆ ହୋଇଥାଏ । ମହମ୍ମଦ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଦିନେ ମୃତମାନଙ୍କ ମଧ୍ୟରୁ ପୁନରୁତ୍‌ଥିତ ହେବେ ଏବଂ ସେହି ଘୋଡା ଆରୋହଣ କରି ବିଶ୍ୱକୁ ଜୟ କରିବେ । ଏବଂ ପ୍ରତ୍ୟେକ—ପ୍ରତ୍ୟେକ ମୁହୂର୍ତ୍ତରେ ସେମାନେ ଗୋଟିଏ ଘୋଡାରୁ ଅନ୍ୟଟିକୁ ପରିବର୍ତ୍ତନ କରନ୍ତି; ସେଠାରେ ଜଣେ ବିଶ୍ୱସ୍ତ ଆରକ୍ଷୀ ସହିତ,

ଛିଡା ହୋଇଥାଏ, ଓ ମହମ୍ମଦଙ୍କ ମୃତ୍ୟୁରୁ ପୁନରୁତ୍‌ଥାନ ହେବାର ଅପେକ୍ଷା କରି ରହିଥାଏ। ସେହି ସମୟଠାରୁ ଦୁଇ ହଜାର ବର୍ଷ ବିତିଗଲାଣି।

233 ସେମାନେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି, ସେମାନେ କହିଲେ ଯେ ସେ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି। ପୁରାତନ ଯିରୁଶାଲମର କାନ୍ଥଗୁଡିକରେ ସେଠାରେ ଏକ ବୃହତ ବଡ଼ ମନ୍ଦିର ନିର୍ମିତ ଅଟେ, ଯାହାକି ମହମ୍ମଦଙ୍କର ଆଗମନ ନିମନ୍ତେ ଅଟେ। ଏବଂ ଏଠାରେ ଏକ ଅଳ୍ପ ଛୋଟ ମନ୍ଦିରଟିଏ, ଯାହାକି ଯୀଶୁଙ୍କ ପାଇଁ ଅଟେ। ଦେଖନ୍ତୁ, ସେମାନେ କହିଲେ, "ଯୀଶୁ କ୍ରୁଶାର୍ପିତ ହୋଇ ନ ଥିଲେ, ସେମାନେ ସେଥିରେ ସବୁ ମିଶା ଗୋଳା ଥିଲେ।" କହିଲେ, "ସେ ଗୋଟିଏ ଘୋଡା ଉପରେ ଚଢିଲେ ଓ ଚାଲିଗଲେ।" ଦେଖନ୍ତୁ? ବର୍ତ୍ତମାନ, ସେମାନେ—ସେମାନେ ତାହା ବିଶ୍ୱାସ କରନ୍ତି।

234 ସେମାନଙ୍କ ଆଖି ମଧ୍ୟରେ ଏକ ଲାଲ ବିନ୍ଦୁଟିଏ ଅଛି। ସେହି ଲୋକମାନେ ସେଠାରେ ଯେଉଁମାନେକି ଭାରତକୁ ଯାଉଛନ୍ତି, ଆପଣମାନେ ଏହାକୁ ଲକ୍ଷ୍ୟ କରିବେ। ମୋର ପ୍ରଭୁ, ସେମାନେ ସେଠାରେ ହଜାର ହଜାର ସଂଖ୍ୟାରେ ଛିଡା ହୋଇଥିବେ।

235 ଏବଂ ତାହାପରେ ଡାକ୍ତର ରିଡହେଡ୍ କହିଲେ ଯେ ସେ ସେଠାରେ ଠିଆ ହୋଇଥିଲେ, ଆଉ ସେ କହିଲେ, "ତେବେ, ତୁମେମାନେ କାହିଁକି ସେହି ପୁରୁଣା ମୃତ ଭବିଷ୍ୟଦ୍‌ବକ୍ତାଙ୍କୁ ପରିତ୍ୟାଗ କରି ସେହି ଜଣକାକୁ ଗ୍ରହଣ କରୁ ନାହଁ ଯିଏକି ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି, ଜଣେ ଜୀବନ୍ତ ଖ୍ରୀଷ୍ଟଙ୍କୁ?" ତେବେ, ସେ ଜଣେ ପଣ୍ଡିତ ଥିଲେ ଏବଂ ନିଜର ଶବ୍ଦଗୁଡିକୁ କିପରି ଭାବରେ ଉପସ୍ଥାପିତ କରିବାକୁ ଅଛି ସେ ଜାଣିଥିଲେ।

236 କହିଲେ ସେହି ମୁସଲମାନ ତାଙ୍କୁ ଅନାଇଲେ, (ପ୍ରଖର ବୁଦ୍ଧି, ଶିକ୍ଷିତ ବ୍ୟକ୍ତି, ଠିକ୍ ଏଠାରେ ଆମେରିକାରେ, ଏଠାରେ ଶିକ୍ଷାଲାଭ କରିଥିଲେ) ସେ କହିଲେ, "ମହାଶୟ, ଦୟାଳୁ ମହାଶୟ, ମୋର ମୃତ ଭବିଷ୍ୟଦ୍‌ବକ୍ତା ମୋ ପାଇଁ ଯାହା କରିଛନ୍ତି ତାହା ଅପେକ୍ଷା ଅଧିକ ଆପଣଙ୍କର ପୁନରୁତ୍ଥିତ ଯୀଶୁ ମୋ ପାଇଁ ଆଉ କଅଣ କରିପାରିବେ?" କହିଲେ, "ମୋର ମୃତ ଭବିଷ୍ୟଦ୍‌ବକ୍ତା ମୋତେ ମୃତ୍ୟୁ ପରେ ଜୀବନର ପ୍ରତିଜ୍ଞା କରିଛନ୍ତି। ତାହାହିଁ ଅଟେ ଯାହାକି ଆପଣଙ୍କର ଯୀଶୁ କରିଛନ୍ତି।" ତେବେ, ତାଙ୍କ ପାଖରେ କିଛି ଗୋଟାଏ ଥିଲା। କହିଲେ, "ବର୍ତ୍ତମାନ, ଦୁହେଁ ଏକ ପୁସ୍ତକ ଲେଖିଥିଲେ। ଆପଣ ସେହିଟାକୁ ବିଶ୍ୱାସ କରନ୍ତି ଯାହା ଯୀଶୁ ଲେଖିଥିଲେ, ମୁଁ ସେହିଟାକୁ ବିଶ୍ୱାସ କରେ ଯାହା ମହମ୍ମଦ ଲେଖିଥିଲେ। ଦୁହେଁ ଜୀବନର ପ୍ରତିଜ୍ଞା କରନ୍ତି।" କହିଲେ, "ଆପଣଙ୍କର ଯୀଶୁ ମୋ ପାଇଁ ତାହାଠାରୁ ଆଉ ଅଧିକ କଅଣ କରିପାରନ୍ତି ଯାହାକି ମୋର—ମୋର ମହମ୍ମଦ କରି ପାରନ୍ତି?" ତେବେ, ସେହି ବ୍ୟକ୍ତି, ସରଳ ତଥ୍ୟରେ, ତାହା ସତ୍ୟ ଅଟେ। ସେ କହିଲେ, "ମାତ୍ର କିଛି କ୍ଷଣ, ଦୟାଳୁ ମହାଶୟ।" ସେ କହିଲେ, "ମୋର ମହମ୍ମଦ ମୋତେ କେବେବି ସେହିପରି ବିଷୟସବୁ ପ୍ରତିଜ୍ଞା କରି ନାହାଁନ୍ତି ଯେପରିକି ଆପଣଙ୍କର ଯୀଶୁଙ୍କ କରିଥିଲେ। ଆପଣଙ୍କର ଯୀଶୁ ପ୍ରତିଜ୍ଞା କରିଥିଲେ… ସେମାନେ କହିଲେ, 'ସେ ଉତ୍‌ଥିତ ହେଲେ,' ଏବଂ ଆପଣଙ୍କ ସହିତ ସର୍ବଦା ରହିବାକୁ

ଯାଉଛନ୍ତି, ଏପରିକି ଜଗତର ଶେଷ ଯାଏଁ; ଏବଂ ସେହି ସମାନ ଚିହ୍ନ ଏବଂ ଆଶ୍ଚର୍ଯ୍ୟକର୍ମ ଯାହା ସେ କରିଥିଲେ, ଆପଣମାନେ ମଧ୍ୟ କରିବେ, ଜଗତର ଶେଷ ପର୍ଯ୍ୟନ୍ତ କରିବେ। ଆପଣ ରୋଗୀମାନଙ୍କୁ ସୁସ୍ଥ କରିବେ, ମୃତମାନଙ୍କୁ ପୁନରୁତ୍ଥିତ କରିବେ, କୁଷ୍ଠରୋଗୀମାନଙ୍କୁ ଭଲ କରିବେ, ଏବଂ ଭୂତମାନଙ୍କୁ ଛଡାଇବେ।" କହିଲେ, "ମୁଁ ଖ୍ରୀଷ୍ଟିଆନ ଧର୍ମକୁ, ଭଲ ଭାବରେ ଅଧ୍ୟୟନ କରିଛି।" କହିଲେ, "ବର୍ତ୍ତମାନ ମୋତେ ଆପଣ ଶିକ୍ଷକମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କୁ ଉତ୍ପନ୍ନ କରୁଥିବାର ଦେଖିବାକୁ ଦିଅନ୍ତୁ, ଏବଂ ମୁଁ ବିଶ୍ୱାସ କରିବି ଯେ ସେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି। କିନ୍ତୁ, ତାହାର ବାହାରେ...ମହମ୍ମଦ ଆମକୁ ସେହିପରି କୌଣସି ବିଷୟର ପ୍ରତିଜ୍ଞା କରି ନାହାଁନ୍ତି, ସେ ତ କେବଳ ମୃତ୍ୟୁ ପରେ ଆମକୁ ଜୀବନର ପ୍ରତିଜ୍ଞା କରିଛନ୍ତି। ଏବଂ ଠିକ ସେହି ସମାନ ବିଷୟ ହିଁ ଆପଣ ଶିକ୍ଷା ଦିଅନ୍ତି, ଏବଂ ଅନ୍ୟ ଗୁଡିକୁ ଉଇହ୍ୟ କରି ଦିଅନ୍ତି।" ସେହି ବ୍ୟକ୍ତିଜଣକ ଠିକ୍ ଥିଲେ, ସେହି ମୁସଲମାନ ଜଣକ ଅବିକଳ ଠିକ୍ ଥିଲେ।

237 ଡାକ୍ତର ରିଡହେଡ କହିଲେ ଯେ ସେ ଠିଆ ହୋଇ କାନ୍ଦିଲେ। କହିଲେ, "ଭାଇ ବ୍ରାନହାମ୍, ମୁଁ ଆପଣଙ୍କ ବିଷୟରେ ଚିନ୍ତା କଲି।" ଏବଂ ସେ ଏଠାକୁ ଧାଇଁ ଆସିଲେ ଏବଂ ସେଠାକୁ ଗଲେ, ଏବଂ ମୁଁ ତାଙ୍କ ଉପରେ ନିଜର ହାତ ରଖିଲି, ଆଉ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ତାଙ୍କ ଉପରକୁ ଆସିଲା। ଏବଂ ବର୍ତ୍ତମାନ ତ ସେ ଦର୍ଶନ ଓ ସବୁକିଛି ମଧ୍ୟ ଦେଖନ୍ତି। ବର୍ତ୍ତମାନ ଜଣେ ମୁସଲମାନକୁ ତାଙ୍କୁ ଭେଟିବାକୁ ଦିଅନ୍ତୁ! ସେ ଜଣେ ଭିନ୍ନ ବ୍ୟକ୍ତି ଅଟନ୍ତି!

238 ମୁଁ କହୁଛି ଆମର ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି, ସେ ଆଜି ଜୀବିତ ଅଟନ୍ତି। ଆଉ ସେ ଆଜି ଠିକ ସେହି ସମାନ କାର୍ଯ୍ୟଗୁଡିକୁ ସାଧନ କରନ୍ତି ଯାହା ସେ ସେଦିନ କରିଥିଲେ, ସମସ୍ତ ପ୍ରକାର ଚିହ୍ନ ଏବଂ ଆଶ୍ଚର୍ଯ୍ୟ କର୍ମମାନ। ଏବଂ ଆପଣ ମୌଳିକବାଦୀ ଲୋକମାନେ ଏଠାରେ ଚାରିଆଡେ ବସି ଏହାକୁ ଅନ୍ୟତ୍ର ବୁଝାଇବାକୁ ଚେଷ୍ଟା କରୁଛନ୍ତି, ଏବଂ ବାଇବଲର ଠିକ ମୂଳ ଅଂଶକୁ ହରାଇ ଦେଉଛନ୍ତି। ତାହା ଅବିକଳ ଠିକ୍ ଅଟେ। ଯୀଶୁ ଖ୍ରୀଷ୍ଟ, ପରମେଶ୍ୱରଙ୍କ ପୁନରୁତ୍ଥିତ ପୁତ୍ର, ଆପଣଙ୍କ ମାଧ୍ୟମରେ ପରଭାଷାରେ କଥା କହିପାରନ୍ତି, ସେ ଆପଣଙ୍କ ମାଧ୍ୟମରେ ଭବିଷ୍ୟତ୍‌ବାଣୀ କରିପାରନ୍ତି, ସେ ଆପଣଙ୍କ ମାଧ୍ୟମରେ ଦର୍ଶନ ଦେଖାଇ ପାରନ୍ତି, ସେ ଆପଣଙ୍କ ମାଧ୍ୟମରେ ଅଜ୍ଞାତ ଭାଷାଗୁଡ଼ିକୁ ବ୍ୟାଖ୍ୟା କରିପାରନ୍ତି। ଏବଂ ସେହି ସମସ୍ତ ବିଷୟଗୁଡ଼ିକ ତାହାଙ୍କର ଏକ ଅଂଶ ଅଟେ।

239 ଏବଂ ତାହାଙ୍କର *ଏହି* ଅଂଶକୁ ଗ୍ରହଣ କରି ନେବା ଏବଂ ତାହାଙ୍କର *ସେହି* ଅଂଶକୁ ଛାଡି ଦେବା, ତାହା ତ ଏହିପରି ହେବ ଯେପରିକି ମୋତେ ଦୁଇ ଭାଗରେ କାଟି ଦେବା ଏବଂ ମୋର ଜଂଘ ଓ ଗୋଡକୁ ନେବା ଆଉ କହିବା ଯେ ଆପଣ ମୋତେ ପାଇଛନ୍ତି, ଯେତେବେଳେକି *ଏହି* ଅଂଶ ଆପଣ ଗ୍ରହଣ କରନ୍ତି ନାହିଁ।

240 ଆପଣଙ୍କୁ ମୋତେ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିବାକୁ ହେବ ନତୁବା...ଏବଂ ସେହି କାରଣରୁ ହିଁ ମୁଁ ଜଣେ ପୂର୍ଣ୍ଣ-ସୁସମାଚାର ପ୍ରଚାରକ ଅଟେ ଯିଏକି ବିଶ୍ୱାସ କରେ ଯେ

ପରମେଶ୍ୱର ଯାହା କହିଛନ୍ତି ତାହା ସତ୍ୟ ଅଟେ । ଆମେନ୍! ମହିମା ହେଉ! ମୁଁ ବର୍ତ୍ତମାନ ଏକ ପବିତ୍ର-ପାଖଣ୍ଡ ପରି ଅନୁଭବ କରୁଛି । ହଁ, ଆଜ୍ଞା । ମୁଁ ଏହା ବିଶ୍ୱାସ କରେ!

**7. ମାଥିଉ 24:29, ତାହା ବିଷୟରେ କୁହେ "ସୂର୍ଯ୍ୟ ଅନ୍ଧକାରମୟ ହେବ, ଚନ୍ଦ୍ର ତାହାର ଆଲୋକ ଦେବ ନାହିଁ, ଏବଂ ତାରାଗଣ ଆକାଶରୁ ଖସି ପଡ଼ିବେ।" କଅଣ ଏହା ଉର୍ଦ୍ଧାନ୍ତିକରଣର ପୂର୍ବରୁ କିମ୍ୱା ପରେ ଘଟିବ, କିମ୍ୱା ଠିକ ଯୀଶୁ ପୃଥିବୀରେ ରା-ଜ-... ରାଜତ୍ୱ କରିବାକୁ ଆସିବା ପୂର୍ବରୁ ଘଟିବ କି?**

241 ମୋର ନମ୍ର ବିଶ୍ୱାସରେ, ବର୍ତ୍ତମାନ, ମୁଁ କରିବି ନାହିଁ... ମୁଁ ଜାଣେ ନାହିଁ, ମୁଁ ଭାବୁଛି ଯେ ସେ ସେଠାରେ, ମାଥିଉ 24 ବିଷୟରେ କହୁଛନ୍ତି । ତେବେ, ଯୀଶୁ ତାରାଗୁଡ଼ିକର ଏବଂ ଅନ୍ୟାନ୍ୟ ଜିନିଷଗୁଡିକର ଖସିଯିବା ସମ୍ୱନ୍ଧରେ କହୁଛନ୍ତି, ମୁଁ ବିଶ୍ୱାସ କରେ ଯେ ତାହା ପୃଥିବୀରେ କ୍ଳେଶ ସମୟ ଆସିବାର ଠିକ୍ ପୂର୍ବରୁ ଅଟେ ।

242 ବର୍ତ୍ତମାନ, ମୋ ପାଖରେ ଏଠାରେ ଏକ ପ୍ରକୃତ ମଜାଳିଆ ବିଚାର ଅଛି ଯେ ଆପଣମାନଙ୍କ ମଧ୍ୟରୁ ଅନେକେ ଏହା ଉପରେ ମୋ ସହିତ ଅସହମତ ହେବାକୁ ଯାଉଛନ୍ତି, କାହିଁକି, ମୁଁ କେତେକ ପୁରୁଣା-କାଳିଆ ଲୋକମାନଙ୍କ ସହିତ ସେହି ଶିକ୍ଷାକୁ ଶୁଣିବାର କଳ୍ପନା କରେ ଯେ ଯାହା ଦେଇ ଆମେ ଗତି କରିଅଛୁ । ଦେଖନ୍ତୁ, ମୁଁ ବିଶ୍ୱାସ କରେ ନାହିଁ ଯେ ମଣ୍ଡଳୀ ସେହି କ୍ଳେଶ ସମୟ ଦେଇ ଗତି କରିବ । ମୁଁ ବିଶ୍ୱାସ କରେ ଯେ ମଣ୍ଡଳୀ... ଦେଖନ୍ତୁ, ମୁଁ... ଯେଉଁ ଏକମାତ୍ର ଉପାୟରେ ମୁଁ ନୂତନ ନିୟମକୁ ଶିକ୍ଷା ଦିଏ ତାହା ହେଲା ପୁରାତନ ନିୟମକୁ ଛାୟା କରିବା ଦ୍ୱାରା, ଠିକ ଯେପରିକି ବିଶ୍ରାମ ଦିନ ପାଇଁ ଏଠାରେ ପବିତ୍ରଆତ୍ମାକୁ ନେବା ଓ ପ୍ରଭୃତି ସବୁ । ସବୁକିଛି ସେଠାରେ ଏକ ଛାୟା ଅଟେ ।

243 ବର୍ତ୍ତମାନ, ପୁରାତନ ନିୟମରେ ପଛକୁ ଦେଖନ୍ତୁ । ଯେତେବେଳେ ଆପଣ ମହାମାରୀଗୁଡିକୁ ଆସୁଥିବାର ଦେଖନ୍ତି, ସେମାନେ ମିସରରେ ଥିଲେ । କଅଣ ସେମାନେ ନ ଥିଲେ କି? ଏବଂ ପରମେଶ୍ୱର ନିଜର ଲୋକମାନଙ୍କୁ ପ୍ରତିଜ୍ଞାତ ଦେଶ ମଧ୍ୟକୁ ନେଇକରି ଆସୁଥିଲେ । କଅଣ ତାହା ଠିକ୍ ଅଟେ? ଏବଂ ଇସ୍ରାଏଲ କେବେ ହେଲେ ଗୋଟିଏ ମହାମାରୀକୁ ପାଇ ନ ଥିଲା । ଠିକ ଯେପରିକି ମହାମାରୀ... ଏହା ଆସିବା ପୂର୍ବରୁ, ସେମାନେ ଗୋଶନକୁ ଚାଲି ଯାଇଥିଲେ । କଅଣ ତାହା ଠିକ୍ ଅଟେ? ଆଉ ସୂର୍ଯ୍ୟ କେବେ ବି ଅନ୍ଧକାରମୟ ହେଲା ନାହିଁ, ମଶା ଆସିଲା ନାହିଁ, କୌଣସି ବେଙ୍ଗ ସେଠାରେ ନ ଥିଲା, କୌଣସି ଉକୁଣିଆ ପୋକ ସେଠାରେ ନ ଥିଲା, କୌଣସି ଝଡ ସେଠାରେ ନ ଥିଲା, କୌଣସି ବଜ୍ରପାତ ସେଠାରେ ହୋଇ ନ ଥିଲା, କୌଣସି ପଶୁପଲର ହତ୍ୟା କରା ଯାଇ ନ ଥିଲା, ଏବଂ ସେମାନଙ୍କର ପାଖରେ ଥିବା ସମସ୍ତକିଛିକୁ ଗୋଶନରେ ସଂରକ୍ଷିତ କରାଯାଇଥିଲା । କଅଣ ତାହା ଠିକ୍ ଅଟେ? ଏହା ତ ମଣ୍ଡଳୀର ଏକ ନିଦର୍ଶନ ଅଟେ ଯାହାକି କ୍ଳେଶ ସମୟ ପୂର୍ବରୁ ଚାଲିଯାଏ । ଯୀଶୁ କହିଲେ, "ଯେତେବେଳେ ଏହିସବୁ ବିଷୟଗୁଡ଼ିକ ଘଟିବାକୁ ଆରମ୍ଭ ହୁଏ, ସେତେବେଳେ ନିଜର ମସ୍ତକ ଉତ୍ତୋଳନ କର, ତୁମର ମୁକ୍ତି ସନ୍ନିକଟ ।" ବୁଝିଲେ?

244 ମୁଁ ବିଶ୍ୱାସ କରେ ଯେ ଚନ୍ଦ୍ର ଓ ସୂର୍ଯ୍ୟ ଏବଂ ତାରାଗଣ…ତାହାପରେ ସେମାନେ କହିଲେ ଯେ…ଆଗକୁ ଯାଆନ୍ତୁ ଏବଂ ଏହାକୁ ପାଠ କରନ୍ତୁ, କହିଲେ, "ଏବଂ ଲୋକମାନେ ଦୌଡ଼ିଯାଇ ନିଜକୁ ଲୁଚାଇଲେ…ଏବଂ ସେମାନଙ୍କ ଉପରେ ପଡ଼ିଲା…ନିଜକୁ ମାରି ଦେବାକୁ ଚାହିଁଲେ, ଏବଂ ତାହା କରିପାରିଲେ ନାହିଁ, ଏବଂ ସବୁକିଛି।" ମୁଁ ବିଶ୍ୱାସ କରେ ଯେ ତାହା କ୍ଳେଶର ଠିକ୍ ପୂର୍ବରୁ ଘଟିଥାଏ।

245 ତେବେ, ଦେଖନ୍ତୁ, ସେହି କ୍ଳେଶ ଆସେ। ଯେତେବେଳେ ସେହି କ୍ଳେଶ ଆଘାତ କରେ, ମଣ୍ଡଳୀ ଉପରକୁ ଚାଲି ଯାଇଥାଏ। ବର୍ତ୍ତମାନ, ମନେରଖନ୍ତୁ, ପବିତ୍ରଆତ୍ମା ବିହୀନ ଏକ ସାଧାରଣ ମଣ୍ଡଳୀ କେବଳ କ୍ଳେଶ ସମୟ ଦେଇ ଗତି କରେ। ଏହା ତ କେବଳ ମନୋନୀତ ଅଟେ ଯିଏକି ଚାଲିଯାଏ।

246 ଓଃ, ମୁଁ ଏଠାରେ ଏକ କଠିନ ବିଷୟ କିଛି ଘଷିବାର ଅନୁଭବ କରିପାରେ, କେବଳ ଗୋଟିଏ ମିନିଟ୍ ରୁହନ୍ତୁ। କଅଣ ଆପଣ ମୋତେ ଆଉ ଅଧିକ ତିନି ମିନିଟ୍ ଦେବେ କି? ସେହି—ସେହି ଉର୍ଦ୍ଧାନ୍ତିକରଣରେ ଯାଇଥିବା ଲୋକମାନଙ୍କୁ, ଅବଶିଷ୍ଟାଂଶ ବୋଲି ଡକାଯାଏ? କଅଣ ତାହା ଠିକ୍ ଅଟେ? ଠିକ୍ ଅଛି…ମୋର—ମୋର କହିବାର ଅର୍ଥ ଏହା—ଏହା କନ୍ୟା ଅଟେ। ତେବେ, ଅବଶିଷ୍ଟାଂଶ ରହି ଯାଇଥିଲେ।

247 ବର୍ତ୍ତମାନ, ଯେତେବେଳେ ଜଣେ ମହିଳା ଏକ ସ୍କର୍ଟ ପୋଷାକ ପାଇଁ ଏକ ଢାଞ୍ଚା କାଟିବାକୁ ଯାଆନ୍ତି, ଆପଣ ଏହା ବିଷୟରେ କଥାବାର୍ତ୍ତା କରନ୍ତି। ସେ ଦ୍ରବ୍ୟକୁ ବିଛାଇ ଦିଅନ୍ତି (କଅଣ ତାହା ଠିକ୍ କି?) ଦ୍ରବ୍ୟର ଖଣ୍ଡଗୁଡିକୁ। ଏବଂ ସେ ଏହା ଉପରେ ନିଜର ଢାଞ୍ଚାକୁ ରଖି ଦିଅନ୍ତି। ସେ ସେହି ବିଷୟକୁ ନିର୍ଦ୍ଧାରିତ କରନ୍ତି ଯେଉଁଠାରେ ଢାଞ୍ଚା କଟାଯିବାକୁ ଥାଏ। ଠିକ୍ ଅଟେ?

248 ହେ ଭାଇ, ଏହା ପ୍ରକୃତରେ ଆପଣଙ୍କୁ ଭଲ ଲାଗିବ! ମନୋନୟନ କିଏ କରେ? ପରମେଶ୍ୱର ମନୋନୟନ କରନ୍ତି! କଅଣ ତାହା ଠିକ୍ ଅଟେ? ଏହା କହିବା ମୋର କାମ ନୁହେଁ, ଏହା କହିବା ତାହାଙ୍କର କାମ ଅଟେ। ଏବଂ ସେ ସେହି ଢାଞ୍ଚାକୁ ତାହାଙ୍କ ଉପରେ ରଖି ଦିଅନ୍ତି ଯାହାକୁ ସେ ଇଚ୍ଛା କରନ୍ତି। କଅଣ ତାହା ଠିକ୍ ଅଟେ?

249 ତେବେ, ସେଠାରେ ଦଶ ଜଣ କୁମାରୀ ବରଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। କଅଣ ତାହା ଠିକ୍ ଅଟେ?

250 "କୁମାରୀ" କଅଣ ଅଟେ? *କୁମାରୀ* ଅର୍ଥ "ବିଶୁଦ୍ଧ, ପବିତ୍ର।" କଅଣ ତାହା ଠିକ୍ କି? ଜଣେ କୁମାରୀ ଝିଅ କଅଣ ଅଟେ? ଏହା ଏପରି ଜଣେ ଝିଅ ଯିଏକି କେବେ ସ୍ପର୍ଶ କରାଯାଇ ନ ଥାଏ, ସେ ଏକ କୁମାରୀ ଅଟେ। କେଉଁ ବସ୍ତୁ କୁମାରୀ ଜୀତ ତୈଳ ପରିକା, ଆଉ ଶୁଦ୍ଧ ଅଛି କି? ଏହାର ଅର୍ଥ ଏହାକୁ ପରିଶୋଧ କରାଯାଇଅଛି ଯେପର୍ଯ୍ୟନ୍ତକି ଏହା ତାର କୁମାରୀତ୍ୱ ଅବସ୍ଥାରେ ନ ଆସିଯାଏ, ଏହା ବିଶୁଦ୍ଧ ନ ହୋଇଯାଏ। କୁମାରୀ ସୁନା କଅଣ ଅଟେ? ଏହା ତାହା ଅଟେ ଯେତେବେଳେ ସମସ୍ତ ଅଳିଆ ଆବର୍ଜନା…ଏହା ଉତ୍ତାପ ଏବଂ ସବୁକିଛି ଦେଇ ଗତି କରାଯାଏ ଏବଂ ସମସ୍ତ ମଇଳାକୁ ଫୁଟାଇ ବାହାର କରାଯାଏ। କଅଣ ତାହା ଠିକ୍

କି? ସମସ୍ତକିଛି ଲୁହା ଏବଂ ଲୌହ ଧାତୁ, ଏବଂ ଅନ୍ୟ ସମସ୍ତକିଛି ବସ୍ତୁକୁ, ଫୁଟାଇ ବାହାର କରାଯାଇଥାଏ, ଏହା କେବଳ ତାର ବିଶୁଦ୍ଧତାରେ ଅଛି।

251 ତେବେ, ସେଠାରେ ଦଶ ଜଣ ବରଙ୍କୁ ଭେଟିବାକୁ ଗଲେ। ଯୀଶୁ ଏହା କହିଥିଲେ। କଅଣ ତାହା ଠିକ୍? କେତେଜଣ ଏହା ସହିତ ସହମତ, କୁହନ୍ତୁ "ଆମେନ୍।" [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] ଦଶ ଜଣ ତାଙ୍କୁ ଭେଟିବାକୁ ଗଲେ। ତେବେ, ଦେଖନ୍ତୁ, ସେମାନେ ସମସ୍ତେ ପବିତ୍ର ଥିଲେ। ତେବେ, *ପବିତ୍ର* ହେବାକୁ ହେଲେ ସେମାନଙ୍କୁ "ପବିତ୍ରୀକୃତ" ହେବା ଆବଶ୍ୟକ, କାରଣ ତାହାହିଁ ହେଉଛି ଏକମାତ୍ର ସଫା କରିବା, ପରମେଶ୍ୱରଙ୍କ ପାଖରେ ଯାହା ପବିତ୍ର ସ୍ରୋତ ଅଛି, ତାହା ହେଲା ପବିତ୍ରୀକରଣ। କଅଣ ତାହା ଠିକ୍ କି?

252 ବର୍ତ୍ତମାନ, ଦେଖନ୍ତୁ। ସେମାନେ ସମସ୍ତେ ଦଶଜଣ ଯାକ ପବିତ୍ରୀକୃତ ହୋଇଥିଲେ, କିନ୍ତୁ ପାଞ୍ଚ ଜଣଙ୍କର ସେମାନଙ୍କ ଦୀପରେ କୌଣସି ତେଲ ନ ଥିଲା ଏବଂ ପାଞ୍ଚ ଜଣଙ୍କର ସେମାନଙ୍କ ଦୀପରେ ତେଲ ଥିଲା। କଅଣ ତାହା ଠିକ୍ ଅଟେ? *ତେଲ* କଅଣ ପ୍ରଦର୍ଶିତ କରେ? ତେବେ, ବିଶୁଦ୍ଧତା, କୁମାରୀତ୍ୱ ନୁହେଁ। *ତେଲ* ପ୍ରଦର୍ଶିତ କରେ "ପବିତ୍ରଆତ୍ମା।"

253 ବର୍ତ୍ତମାନ, ଯଦି ମୁଁ ଏହା କହିବି...ଏବଂ ଟିକିଏ ଆଘାତ କରିବି, ମୁଁ ଏହାକୁ ଯେପରି ଭାବରେ କରିଥାଏ ମୋର ଅଭିପ୍ରାୟ ତାହା କରିବାର ନୁହେଁ। ତେବେ, ଆପଣ ମୋତେ କ୍ଷମା କରନ୍ତୁ, ଏବଂ ମଣ୍ଡଳୀଠାରୁ ଦୂରରେ ରୁହନ୍ତୁ ନାହିଁ। ମୁଁ ତ କେବଳ ଆପଣମାନଙ୍କୁ ଏଠାରେ ସାହାଯ୍ୟ କରିବାକୁ ଚେଷ୍ଟା କରିବା ପାଇଁ ପ୍ରଚାର ମଞ୍ଚରେ ଅଛି। ବୁଝିଲେ? ତେବେ, ଦେଖନ୍ତୁ, ମୋତେ ଆପଣଙ୍କୁ ଦେଖାଇବାକୁ ଦିଅନ୍ତୁ।

254 ପୃଥିବୀରେ ଏପରି କୌଣସି ମଣ୍ଡଳୀ ନାହିଁ ଯାହାକି ଏହାଠାରୁ ଆଉ ଅଧିକ ବିଶୁଦ୍ଧ ଭାବରେ ରହିପାରେ ଯେତିକି ନାଜରିନ୍‌ମାନେ ସେମାନଙ୍କ ଶିକ୍ଷାରେ ରହିଥାନ୍ତି, ପିଲଗ୍ରିମ୍ ହୋଲିନେସ୍ ଏବଂ ସେମାନେ ରହିଥାନ୍ତି। କଅଣ ତାହା ଠିକ୍ ଅଟେ? ସେମାନେ ସମ୍ପୂର୍ଣ୍ଣ ଭାବରେ ପବିତ୍ରୀକରଣର ଶୁଦ୍ଧତା ଉପରେ ବିଶ୍ୱାସ କରନ୍ତି, ନୁହେଁ ଯେ...ଏପରିକି ସେମାନଙ୍କର ମହିଳାମାନେ ମୁଦ୍ରିକା ପିନ୍ଧିବାରେ, ଓ ପ୍ରଭୃତି ବିଷୟରେ। ଶୁଦ୍ଧତା ଏବଂ ପବିତ୍ରୀକରଣ, ପ୍ରତ୍ୟେକ ଉପାୟରେ, ସେମାନେ ଏହାକୁ ବିଶ୍ୱାସ କରନ୍ତି। ହୋଲିନେସ୍ ସଂଗଠନ, ସମସ୍ତ ଆଇନ ଅନୁକାରୀମାନେ, ତାହା ସେମାନଙ୍କର ଶିକ୍ଷା ଅଟେ, ସେମାନେ ଏହାକୁ ବିଶ୍ୱାସ କରନ୍ତି। ପବିତ୍ର! ମହିଳାମାନେ ଲମ୍ବା କେଶ ରଖନ୍ତି ଏବଂ ଏକ ଲମ୍ବା ସ୍କର୍ଟ ପିନ୍ଧନ୍ତି। ଏପରିକି ପୁରୁଷ ନିଜ କାମିଜର ହାତକୁ ଉପରକୁ ସୁଦ୍ଧା ଗୁଡ଼େଇବା ଅନୁଚିତ ଅଟେ, ସେମାନଙ୍କ ମଧ୍ୟରୁ ଅନେକେ। ସବୁକିଛି, ଏପରିକି ସ୍ପର୍ଶ ସୁଦ୍ଧା ନୁହେଁ...ଧୂମପାନ, ପାନ, କୌଣସି ବି ବିଷୟ ନୁହେଁ...ଏଥିର କିଛି ହେଲେ ନୁହେଁ, ଦେଖନ୍ତୁ। ପବିତ୍ର! ଆପଣ ଏହାଠାରୁ ଆଉ ଅଧିକ ପରିଷ୍କୃତ ଭାବେ ଜୀବନ ଯାପନ କରିପାରିବେ ନାହିଁ।

255 କିନ୍ତୁ ସେହି ସମାନ ନାଜରିନ୍ ମଣ୍ଡଳୀ, ଯଦି ଜଣେ ବ୍ୟକ୍ତି ମଣ୍ଡଳୀରେ ପରଭାଷାରେ କଥା କୁହନ୍ତି, ତେବେ ତାଙ୍କୁ କବାଟରୁ ବାହାର କରି ଦିଆଯାଏ। ଏବଂ ସେମାନେ କୁହନ୍ତି ଯେ

ସେମାନେ ସେହିପରି ବ୍ୟକ୍ତି ସହିତ ବସିବେ ସୁଦ୍ଧା ନାହିଁ। ତେବେ, ତାହା ସତ ଅଟେ। ଯଦି ଆପଣ ଏହାକୁ ବିଶ୍ୱାସ ନ କରନ୍ତି, ତେବେ ଥରେ ଚେଷ୍ଟା କରନ୍ତୁ, ଖୋଜି ଦେଖନ୍ତୁ। ଥରେ ଖୋଜି ଦେଖନ୍ତୁ। ସେମାନେ ଏହାର ବିଚାର ସୁଦ୍ଧା ଘୃଣା କରନ୍ତି। ସେମାନେ କୁହନ୍ତି, "ଏହା ଶୟତାନ ଅଟେ!"

256 ସେମାନଙ୍କ ମଧ୍ୟରୁ ପାଞ୍ଚୋଟି...ସେମାନେ ଦଶ ଜଣ କୁମାରୀ ଥିଲେ। ପାଞ୍ଚ ଜଣ ସୁବୁଦ୍ଧି ଥିଲେ ଯାହାଙ୍କ ଦୀପରେ ତେଲ ଥିଲା, ଏବଂ ଅନ୍ୟ ପାଞ୍ଚ ଜଣ ଠିକ୍ ସେତିକି ବିଶୁଦ୍ଧ ଏବଂ ପବିତ୍ର ଥିଲେ କିନ୍ତୁ ସେମାନଙ୍କ ପାଖରେ କୌଣସି ତେଲ ନ ଥିଲା (ସେମାନେ ପବିତ୍ରୀକୃତ ଥିଲେ, ମାତ୍ର ପବିତ୍ରଆତ୍ମା ବିନା)।

257 "ପୃଥିବୀରେ ତିନି ଜଣ ଅଛନ୍ତି ଯେଉଁମାନେକି ସାକ୍ଷ୍ୟ ଦିଅନ୍ତି: ଜଳ, ରକ୍ତ, ଆତ୍ମା।" ସାଧୁ ଯୋହନ 5:7...ପ୍ରଥମ ଯୋହନ 5:7, ବରଂ, କୁହେ "ସ୍ୱର୍ଗରେ ତିନି ଜଣ ସାକ୍ଷ୍ୟ ଦିଅନ୍ତି: ପିତା, ପୁତ୍ର, ଏବଂ ପବିତ୍ରଆତ୍ମା, ଏହି ତିନି ଜଣ ଏକ। କିନ୍ତୁ ପୃଥିବୀରେ ତିନିଜଣ ଅଛନ୍ତି ଯେଉଁମାନେକି ସାକ୍ଷ୍ୟ ଦିଅନ୍ତି: ଜଳ, ରକ୍ତ, ଏବଂ ଆତ୍ମା, ସେମାନେ ଏକ ନୁହଁନ୍ତି ବରଂ ସେମାନେ ଏକରେ ସହମତ ହୁଅନ୍ତି।"

258 ବର୍ତ୍ତମାନ, ପୁତ୍ରଙ୍କୁ ନ ପାଇ ଆପଣ ପିତାଙ୍କୁ ପାଇପାରନ୍ତି ନାହିଁ। ଆପଣ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କୁ ନ ପାଇ ପବିତ୍ରଆତ୍ମାଙ୍କୁ ପାଇପାରନ୍ତି ନାହିଁ। ସେମାନେ ଏକ ଅଟନ୍ତି। ଆପଣ...ସେମାନେ ଅବିଚ୍ଛେଦ୍ୟ ଅଟନ୍ତି।

259 କିନ୍ତୁ ଆପଣ ପବିତ୍ରୀକୃତ ନ ହୋଇ ଧାର୍ମିକ ଗଣିତ ହୋଇପାରନ୍ତି। ଏବଂ ଆପଣ ପବିତ୍ରଆତ୍ମା ନ ପାଇ ପବିତ୍ରୀକୃତ ହୋଇପାରନ୍ତି; ପରିଷ୍କାର ହୋଇପାରନ୍ତି, ଏକ ନିର୍ମଳ ଜୀବନଯାପନ କରିପାରନ୍ତି, ଏବଂ ଈଶ୍ୱରପରାୟଣତାର ଏକ ଭେଖ ଧାରଣ କରିପାରନ୍ତି, ଓ ଆରୋଗ୍ୟତାର ଶକ୍ତି ଆଉ ପରଭାଷାରେ କଥା କହିବା ପୁଣି ପରମେଶ୍ୱରଙ୍କ ମହାନ ଦାନଗୁଡିକୁ ଅସ୍ୱୀକାର କରିପାରନ୍ତି (ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ସେଠାରେ ରହିଥାଆନ୍ତି)।

260 ସେଠାରେ ଆପଣଙ୍କର ପାଞ୍ଚ ଜଣ ସୁବୁଦ୍ଧି କୁମାରୀ ଅଛନ୍ତି ଯେଉଁମାନେକି ସେମାନଙ୍କର ଦୀପରେ ତେଲ ରଖିଥିଲେ, ଉର୍ଦ୍ଧାନ୍ତିକରଣର ବିଶ୍ୱାସ ରଖିଥିଲେ, ପୁଣି ସମସ୍ତ ଚିହ୍ନ, ଆଶ୍ଚର୍ଯ୍ୟକର୍ମ, ଭବିଷ୍ୟତ୍‌ବାଣୀ, ଏବଂ ସମସ୍ତ କିଛିକୁ ବିଶ୍ୱାସ କରୁଥିଲେ। ଏବଂ ସେହି ଅବଶିଷ୍ଟାଂଶରୁ ପୃଥକ୍ କଟା ହୋଇଥିବା ଏହି ପାଞ୍ଚ ଜଣଙ୍କୁ ନେଇ ନିଆଗଲା।

261 ଏବଂ ସେହି ଅବଶିଷ୍ଟମାନେ ତଥାପି କୁମାରୀ ଅଟନ୍ତି ଏବଂ ବିନଷ୍ଟ ହେବେ ନାହିଁ, ମାତ୍ର କ୍ଲେଶ ସମୟ ଦେଇ ଗତି କରିବେ। ଯୀଶୁ କହିଲେ "ସେଠାରେ ରହିବେ..."

262 ପୁଣି ସେମାନେ କହିଲେ—ସେମାନେ କହିଲେ, "ତୁମ ତେଲରୁ ଆମକୁ କିଛି ଦିଅ, ଆମେ ବର୍ତ୍ତମାନ ପବିତ୍ରଆତ୍ମା ଚାହୁଁଅଛୁ।"

263 ତେବେ, କେହି ବି ଏହା ଜାଣନ୍ତି ଯେ ପବିତ୍ରଆତ୍ମା, ଯିଖରିୟ 4, ଏବଂ, ଓଃ, ଯାକୁବ 5:14, ସମସ୍ତେ ଜାଣନ୍ତି ଯେ—ଯେ ଏହା ପବିତ୍ରଆତ୍ମାକୁ ନିଦର୍ଶିତ କରେ । ବର୍ତ୍ତମାନ, ସେମାନେ କହିଲେ…ସେହି କାରଣରୁ ଆମେ ତେଲରେ ଅଭିଷେକ କରୁ, ପବିତ୍ରଆତ୍ମାକୁ ନିଦର୍ଶିତ କରେ; ତେବେ, "ଆତ୍ମାଙ୍କର ତେଲ," ବାଇବଲ ବ୍ୟକ୍ତ କରେ ।

264 ତେବେ, *ଏମାନଙ୍କ* ପାଖରେ ପବିତ୍ରଆତ୍ମା ଥିଲା; *ଏମାନେ* ପବିତ୍ରୀକୃତ ହୋଇଥିଲେ । *ଏମାନେ* ପବିତ୍ରୀକୃତ ହେବା *ସହ* ପବିତ୍ରଆତ୍ମା ପାଇଥିଲେ, ପୁଣି ସମସ୍ତକିଛି ଅଦ୍ଭୁତ କ୍ରିୟାମାନ ଓ ଏବଂ ପରମେଶ୍ୱରଙ୍କ ଶକ୍ତିର ସମସ୍ତ ବିଷୟକୁ ବିଶ୍ୱାସ କରିଥିଲେ । ପରମେଶ୍ୱର ଏଠାରେ ଯାହା ସବୁ କହିଲେ, ସେମାନଙ୍କ ପାଖରେ ତାହାସବୁ ଥିଲା, ଏବଂ ଏହାକୁ ବିଶ୍ୱାସ କରୁଥିଲେ । ଏମାନେ ଊର୍ଦ୍ଧ୍ୱକୁ ନେଇ ନିଆ ଯାଇଥିଲେ ।

265 ଆଉ *ଏମାନେ* କହିଲେ, "ଆମକୁ, ବର୍ତ୍ତମାନ ଆମକୁ ଦିଅ ।"

266 ଉତ୍ତର ଦେଲେ, "ଆମ ପାଖରେ ଆମର ନିଜର ଭିତରକୁ ପ୍ରବେଶ କରିବା ପାଇଁ କେବଳ ଯଥେଷ୍ଟ ଅଛି," ଆଉ ସେତେବେଳେ ସେମାନେ ରେପଚର ଅର୍ଥାତ୍ ଊର୍ଦ୍ଧାନ୍ତିକରଣରେ ଚାଲିଗଲେ ।

267 ଏବଂ ସେମାନେ କହିଲେ, "ଯାଇ ସେମାନଙ୍କଠାରୁ କ୍ରୟ କର ଯେଉଁମାନେ ତୁମକୁ ବିକ୍ରୟ କରନ୍ତି," ସେମାନେ କହିଲେ । ଏବଂ ସେମାନେ ସେତେବେଳେ ପବିତ୍ରଆତ୍ମା ପ୍ରାପ୍ତ କରିବାକୁ ଚେଷ୍ଟା କରିବା ନିମନ୍ତେ ପ୍ରାର୍ଥନା କରିବା ପାଇଁ ଚାଲିଗଲେ, ମାତ୍ର ବିଜାତୀ ସମୟାବଧି ସମାପ୍ତ ହୋଇ ଯାଇଥିଲା ଏବଂ ନିର୍ଯ୍ୟାତନା ବୃଦ୍ଧି ପାଇଲା । ଏବଂ ସେ କହିଲେ, "ସେମାନଙ୍କୁ ବାହ୍ୟ ଅନ୍ଧକାରରେ ନିକ୍ଷେପ କରାଗଲା ଯେଉଁଠାରେକି କ୍ରନ୍ଦନ ଓ ବିଳାପ ହେବ ଆଉ ଦାନ୍ତର କଡ଼ମଡ଼ ହେବ ।" ମାତ୍ର ଦ୍ୱିତୀୟ ପୁନରୁତ୍ଥାନରେ ସେମାନେ ମେଷ ହେବେ ଯେଉଁମାନେ ଛେଳିଠାରୁ ଅଲଗା କରାଯିବେ, କିନ୍ତୁ କଦାପି କନ୍ୟା ହେବେ ନାହିଁ, କେବେବି ମନୋନୀତ ହେବେ ନାହିଁ । ତାହା ତ ହେଉଛି ନାରୀର ବଂଶର ଅବଶିଷ୍ଟାଂଶ ।

268 ଅବଶିଷ୍ଟାଂଶ କଅଣ ଅଟେ? ସେହି ଖଣ୍ଡ ଯାହାକି କଟା ଯାଇଥାଏ, ଛାଡି ଦିଆଯାଏ । ସମାନ ପ୍ରକାରର ଦ୍ରବ୍ୟ । କଅଣ ତାହା ଠିକ୍ ଅଟେ? ଆପଣ କାଲିକୋ କପଡାରୁ ଏକ ପୋଷାକ କାଟିବାକୁ ଯାଆନ୍ତି, ଏବଂ ଆପଣ ଏକ ବଡ଼ କାଲିକୋକୁ ବିଛାଇ କରି ଏହାକୁ କାଟନ୍ତି । ଏହା ଆପଣଙ୍କର କାମ ଯେ ଆପଣ କେଉଁଠାରେ ସେହି ଡାଞ୍ଚାକୁ ଥୋଇବେ । ଏହା ପରମେଶ୍ୱରଙ୍କ କାମ ଯେ ସେ କେଉଁଠାରେ ଡାଞ୍ଚାକୁ ଥୁଅନ୍ତି । ସେ ତ ଠିକ ତାକୁ କାଟନ୍ତି । କଅଣ ତାହା ଠିକ୍ କି? ଏବଂ ବର୍ତ୍ତମାନ, ଏଠାରେ ବଞ୍ଚିତ ରହି ଯାଇଥିବା ଏହି ବାକି କାଲିକୋଟି, ତାହା ଠିକ ସେତିକି ଉତ୍ତମ କାଲିକୋ ଅଟେ ଯେତିକି ପୋଷାକରେ ବ୍ୟବହାର ହୋଇଅଛି । କଅଣ ତାହା ଠିକ୍ ଅଟେ? ମାତ୍ର ଏହା ପରମେଶ୍ୱରଙ୍କ ନିର୍ବାଚନ ଅଟେ । ପରମେଶ୍ୱର ତାହାଙ୍କର ମଣ୍ଡଳୀକୁ ମନୋନୀତ କରନ୍ତି, ପରମେଶ୍ୱର ତାହାଙ୍କର ମଣ୍ଡଳୀକୁ ପୂର୍ବ ନିର୍ଦ୍ଧାରଣ କରନ୍ତି; ପରମେଶ୍ୱର ତାହାକୁ ପୂର୍ବରୁ ନିରୂପଣ କରିଥିଲେ, ତାହାଙ୍କର ମଣ୍ଡଳୀକୁ ପୂର୍ବ ନିରୂପଣ କରନ୍ତି,

ଏବଂ ସେ ସେହି ମଣ୍ଡଳୀକୁ ବାହାରକୁ ନେଇଯାଆନ୍ତି! ଏବଂ ଅବଶିଷ୍ଟାଂଶକୁ କ୍ଲେଶ ମଧ୍ୟ ଦେଇ ଗତି କରିବା ପାଇଁ ଛାଡି ଦିଆଯାଏ ।

269 ଏବଂ ସେହିଠାରେ ହିଁ ଅଟେ ଯେଉଁଠାରେକି ଆଜି ଅନେକ ବାଇବଲ ପଣ୍ଡିତମାନେ ଘଣ୍ଟାଚକଟା ହୋଇଯାଆନ୍ତି, ଏହା ଭାବି ଯେ କନ୍ୟା ସେଠାରେ କ୍ଲେଶରେ ରହିଛି । ଜଣେ ବ୍ୟକ୍ତି ମୋତେ କହିଲେ, କହିଲେ, "ଭାଇ ବ୍ରାନହାମ୍ ମୁଁ ଆପଣଙ୍କୁ କହି ପାରିବି ନାହିଁ ।" କହିଲେ, "ମୁଁ କନ୍ୟାକୁ ଉପରେ ସ୍ୱର୍ଗରେ ଦେଖିଲି । ଏବଂ ସେହି ଅଜଗର କନ୍ୟା ସହିତ ଯୁଦ୍ଧ କରିବା ପାଇଁ ପାଟିରୁ ପାଣି ବାହାର କରୁଥିଲା । ଏବଂ ସେହି ଏକ ଶହ ଚୌରା-ଳିଶ ହଜାର, ଯାହାକି କନ୍ୟା ଅଟେ, ସୀନୟ ପର୍ବତ ଉପରେ ଠିଆ ହୋଇଥିଲେ ।"

270 ମୁଁ କହିଲି, "ଓଃ, ନୁହେଁ । ନା । ନା । ନା । ଆପଣ ଏହାକୁ ସବୁ ମିଶାଇ ଦେଇଛନ୍ତି । କନ୍ୟା ସ୍ୱର୍ଗରେ ଥିଲା ।" ଏବଂ ନାରୀ ବଂଶର ସେହି *ଅବଶିଷ୍ଟାଂଶ,* ସେ ନୁହେଁ…ତାଙ୍କ ନୁହେଁ, ଅବଶିଷ୍ଟ ଲୋକ ସେଠାରେ ଥିଲେ, ଏବଂ ସେହି ନିର୍ଯ୍ୟାତନା (ରୋମାନ ସାମ୍ରାଜ୍ୟ) ଯେତେବେଳେକି କ୍ୟାଥୋଲିକ୍ ଏକତ୍ରୀତ ହେବ ଏବଂ ସେମାନେ ସେମାନଙ୍କର ଶକ୍ତିଗୁଡ଼ିକୁ ସେହି ମହାନ ମଣ୍ଡଳୀ ସହିତ ଏକତ୍ର କରିବେ ।

271 କାହିଁକି, ସେମାନେ ତ ଏହାକୁ ଠିକ୍ ପାଇଥିଲେ…ଅନ୍ୟ ରାତିରେ ଏହା ଟେଲିଭିଜନରେ ଆସୁଥିଲା । ମେଥୋଡିଷ୍ଟ ମଣ୍ଡଳୀ ମେଥୋଡିଷ୍ଟ ଓ ବାପ୍ଟିଷ୍ଟକୁ ଏକତ୍ର କରିବାକୁ ଚେଷ୍ଟା କରୁଅଛି ଏବଂ ଖ୍ରୀଷ୍ଟଙ୍କର ସମସ୍ତ ପୂର୍ଣ୍ଣ ମଣ୍ଡଳୀଗୁଡ଼ିକ କ୍ୟାଥୋଲିକବାଦ ସହିତ ଏକୀକୃତ ହୋଇ ଏକ ସରଳ ବେଦୀ ସମ୍ମୁଖରେ ଠିଆ ହେବାକୁ ଚେଷ୍ଟା କରୁଛନ୍ତି । ସେହି ବିଶପ ସେତେବେଳେ କଅଣ କହିଥିଲେ ଯେତେବେଳେ ଅନ୍ୟ ରାତିରେ ତାଙ୍କୁ ଜଣେ ସାମ୍ୟବାଦୀ ହୋଇଥିବା ହେତୁରୁ, କୋର୍ଟରେ ହାଜର କରାଯାଇଥିଲା? ମୁଁ ସେଠାରେ ଛିଡା ହୋଇ, ନିଜେ ତାହା ଟେଲିଭିଜନରେ ଦେଖୁଥିଲି । ସେସମସ୍ତଙ୍କର ସବୁ ସମୂହ! ଏବଂ ଯେତେବେଳେ ସେହି ସମୟ ଆସେ, ସେଠାରେ ଏକ ନିର୍ଯ୍ୟାତନା ବୃଦ୍ଧି ପାଇବ । ତାହାପରେ ପବିତ୍ରଆତ୍ମା ଓହ୍ଲାଇ ଆସିବେ, ଏବଂ ମେଥୋଡିଷ୍ଟ, ଓ ବାପ୍ଟିଷ୍ଟ, ଆଉ ସମସ୍ତେ, ପରଭାଷାରେ କଥା କହିବେ, ପରମେଶ୍ୱରଙ୍କୁ ପ୍ରଶଂସା କରିବେ, ଏବଂ ରୋଗୀମାନଙ୍କୁ ସୁସ୍ଥ କରିବେ ଓ ଭବିଷ୍ୟତ୍‌ବାଣୀ କରିବେ, ପୁଣି ସମସ୍ତ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ହୋଇ ଆସିବ । ମନୋନୀତ ଉପରକୁ ଚାଲି ଯିବେ, ଏବଂ ଅବଶିଷ୍ଟାଂଶ କ୍ଲେଶ ସମୟ ଦେଇ ଗତି କରିବା ପାଇଁ ଏଠାରେ ଛଡା ଯିବେ । ଏବଂ ସମୟର ଶେଷରେ, ଯେତେବେଳେ ସେମାନେ ଦେଖନ୍ତି ଯେ କଅଣ ଘଟିତ ହୋଇଅଛି, ସେମାନେ ଶହୀଦ ହେବାକୁ ଯିବେ ।

272 ତାହାପରେ ଦେଖନ୍ତୁ । ଆପଣ କୁହନ୍ତି, "ଆଚ୍ଛା, ତେବେ, ଭାଇ ବ୍ରାନହାମ୍, କଅଣ ଆପଣଙ୍କର ମୋତେ କହିବାର ଅଭିପ୍ରାୟ ଏହା ଯେ ସେଠାରେ ହେବାକୁ ଯାଉଛନ୍ତି… ସେହି—ସେହି ଲୋକମାନେ ହେବେ ଯେଉଁମାନେକି ଶ୍ୱେତ ସିଂହାସନ ବିଚାରରେ ସେଠାରେ ରହିବାକୁ ଯାଉଛନ୍ତି?" ସେମାନେ ହେବେ…କନ୍ୟା କେବେ ବି ବିଚାର କରାଯିବ

ନାହିଁ। ନା, ଆଜ୍ଞା। ସେ ଖ୍ରୀଷ୍ଟଙ୍କଠାରେ ଅଛି। ଆପଣ ଖ୍ରୀଷ୍ଟଙ୍କଠାରେ କିପରି ପ୍ରବେଶ କରିବେ? "ଏକ ଆତ୍ମାଙ୍କ ଦ୍ୱାରା ଆମେ ସମସ୍ତେ ଏକ ଶରୀରରେ ବାପ୍ତିଜିତ ହୋଇଅଛୁ।" କଅଣ ତାହା ଠିକ୍ କି?

273 ତେବେ, ଦେଖନ୍ତୁ, ଏଠାରେ ଦେଖନ୍ତୁ। ବାଇବଲ କୁହେ, "ବିଚାର ସିଂହାସନ ସ୍ଥାପିତ କରା ଗଲା, ଏବଂ ପୁସ୍ତକମାନ ଖୋଲା ହେଲା।" କଅଣ ତାହା ଠିକ୍ କି? ପାପୀମାନଙ୍କର ପୁସ୍ତକମାନ। "ଏବଂ ଆଉ ଏକ ପୁସ୍ତକ ଖୋଲା ଗଲା," ଯାହାକି ହେଉଛି ଜୀବନ ପୁସ୍ତକ, ଏବଂ ପ୍ରତ୍ୟେକ ବ୍ୟକ୍ତି ତଦନୁସାରେ ବିଚାର କରା ଗଲେ। କଅଣ ତାହା ଠିକ୍ କି? ଏବଂ କିଏ ବିଚାର କରୁଥିଲା? ଯୀଶୁ ଏବଂ ସାଧୁମାନେ। ସେ କହିଲେ, "ସେ ସେବା କରିବାକୁ ଆସିଥିଲେ, ଯିଏକି ଆମର ଅନାଦି କାଳରୁ ପ୍ରାଚୀନ, ଯାହାଙ୍କର କେଶ ଲୋମ ପରି ଅଟେ।" ଏବଂ କହିଲେ, "ଦଶ ହଜାର ଗୁଣନ ଦଶ ହଜାର ତାହାଙ୍କ ସହିତରେ ଆସିଲେ, ଏବଂ ବିଚାରରେ ତାହାଙ୍କର ପରିଚର୍ଯ୍ୟା କଲେ।" ଏଠାରେ ଯୀଶୁ ରାଜା ଏବଂ ରାଣୀ ଭାବରେ ଫେରନ୍ତି, ବିବାହ ସମାପ୍ତ ହୋଇ ଯାଇଥାଏ, ଏବଂ ସେ ବିବାହିତ ଅଟନ୍ତି। ଏଠାରେ ରାଜା ଏବଂ ରାଣୀ ଠିଆ ହୋଇଛନ୍ତି। ଏବଂ ସେଠାରେ ସେହି ପବିତ୍ରୀକୃତ ସମୂହ ଛିଡା ହୋଇଥାଏ, ପରମେଶ୍ୱର କହିଲେ, "ଏଠାରେ ମୋର ଡାହାଣ ପାର୍ଶ୍ୱରେ ଠିଆ ହୁଅ।" ତାହା ସେହି ପୁସ୍ତକ ଖୋଲା ହେଲା, ପାପୀମାନଙ୍କର ଥିଲା, "ମୋ ବାମ ପାର୍ଶ୍ୱରେ ଆସି ଯାଅ।" ଏଠାରେ ସେହି ଲୋକମାନେ ଥିଲେ ଯେଉଁମାନଙ୍କରକି ନାମଗୁଡିକ ମେଷଶାବକଙ୍କ ଜୀବନ ପୁସ୍ତକରେ ଲେଖାଯାଇଥିଲା।

274 ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୋର ନାମ ସେଠାରେ ଲେଖା ହୋଇଛି, ମୁଁ ଯିବି!" ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ! ଯିହୂଦା ଇସ୍କାରିୟୋତ ପବିତ୍ରୀକୃତ କରାଯାଇଥିଲା। ହୁଁ! ଭାଇ, ବର୍ତ୍ତମାନ ଜାଗ୍ରତ ହୁଅନ୍ତୁ, ଚିମୁଟି ଦିଅନ୍ତୁ, ଯେପରିକି ଆପଣ ଏହାକୁ ଧରି ପାରିବେ, ଆପଣ ଦେଖନ୍ତୁ।

275 ଯିହୂଦା ଇସ୍କାରିୟୋତ, ତାର ଆତ୍ମା ଆଜି ଖ୍ରୀଷ୍ଟାରୀ ଅଟେ। ଆପଣ ତାହା ଜାଣିଛନ୍ତି। ଯୀଶୁ ପରମେଶ୍ୱରଙ୍କ ପୁତ୍ର ଥିଲେ, ପରମେଶ୍ୱରଙ୍କଠାରୁ ଆସିଥିଲେ ଏବଂ ପରମେଶ୍ୱରଙ୍କ ନିକଟକୁ ଫେରିଗଲେ; ଯିହୁଦା ବିନାଶର ପୁତ୍ର ଥିଲା, ନରକରୁ ଆସିଥିଲା ଏବଂ ନରକକୁ ଫେରିଗଲା। ଯୀଶୁ ଅନୁତାପ କରିଥିବା ପାପୀକୁ ସଙ୍ଗରେ ନେଇଗଲେ; ଯିହୂଦା ଅନୁତାପ ନ କରିଥିବାଙ୍କୁ ନିଜ ସାଙ୍ଗରେ ନେଇଗଲା। "*ଯଦି* ତୁମେ ଅଟ! ଯଦି! ଯଦି! ଯଦି ତୁମେ ଜଣେ ଈଶ୍ୱରୀୟ ଆରୋଗ୍ୟଦାତା ଅଟ, ତେବେ *ଏହା* କର, ଯଦି ତୁମେ *ଏହା* ଅଟ, ତେବେ *ଏହା* କର।" (ଦେଖନ୍ତୁ, ପରମେଶ୍ୱରଙ୍କ ବାକ୍ୟରେ ସେହି ପ୍ରଶ୍ନବାଚକ ଚିହ୍ନ।) "ଆଶ୍ଚର୍ଯ୍ୟ କର୍ମର ଦିନଗୁଡ଼ିକ ବିତି ଗଲାଣି। ଯଦି ଏହା ଅଟେ, ତେବେ ମୋତେ *ଏହା* ଦେଖାଅ। ଯଦି! ଯଦି! ଯଦି!" ବୁଝିଲେ?

"ଏହା ସବୁ ସତ ଅଟେ," ପରମେଶ୍ୱର କହିଲେ।

276 ତେବେ ଦେଖନ୍ତୁ । ଯିହୂଦା ଇସ୍କାରିୟୋତ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୋଇଥିଲା, ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିଥିଲା ଓ ବାପ୍ତିଜିତ ହୋଇଥିଲା । ବାଇବଲ କୁହେ, "ଯୀଶୁ—ଯୀଶୁ ଶିଷ୍ୟମାନଙ୍କୁ, ତାହାଙ୍କର ଶିଷ୍ୟମାନଙ୍କୁ ବାପ୍ତିଜିତ କରିଥିଲେ ।" ଠିକ୍ ଅଛି ।

277 ସାଧୁ ଯୋହନ 17:17, ଏହା ପୂର୍ବେକି ସେ ସେମାନଙ୍କୁ ପଠାନ୍ତେ, ସେ କହିଲେ, "ହେ ପିତା, ସେମାନଙ୍କୁ ସତ୍ୟ ଦ୍ୱାରା ପବିତ୍ର କର । ତୁମ୍ଭର ବାକ୍ୟ ସତ୍ୟ ଅଟେ ।" ଆଉ ସେ ବାକ୍ୟ ଥିଲେ, ଏପରିକି ପ୍ରାୟଶ୍ଚିତ ନିମନ୍ତେ ବଳିକୃତ ସୁଦ୍ଧା ହେବା ପୂର୍ବରୁ । ଅନ୍ୟ ଶବ୍ଦରେ, "ହେ ପିତା, ମୋର ପାତିତ ରକ୍ତର, ଏକ ପୂର୍ବାବଲୋକନ ଭାବରେ, ମୁଁ ଏଗୁଡ଼ିକୁ ପବିତ୍ର କରେ ।"

278 ସେ ସେମାନଙ୍କୁ ଅଶୁଚି ଆତ୍ମାଗୁଡିକ ଉପରେ ଶକ୍ତି ପ୍ରଦାନ କରିଥିଲେ, ଏବଂ ସେମାନେ ବାହାରକୁ ଗଲେ ଓ ଭୂତମାନଙ୍କୁ ବାହାର କଲେ । କଅଣ ତାହା ଠିକ୍ ଅଟେ? ଏବଂ ସେମାନେ ରୋଗୀମାନଙ୍କୁ ସୁସ୍ଥ କଲେ । କଅଣ ତାହା ଠିକ୍ କି? ଏବଂ ସେମାନେ, ପବିତ୍ରୀକୃତ ଭାବରେ, ଆନନ୍ଦ ଉଲ୍ଲାସ କରି, ଡେଇଁ ପଡି, ପାଟି କରି ଏବଂ ପରମେଶ୍ୱରଙ୍କୁ ପ୍ରଶଂସା କରି ଫେରି ଆସିଲେ । କଅଣ ତାହା ଠିକ୍ ଅଟେ? ଏବଂ କହିଲେ, "ଏପରିକି ମନ୍ଦାତ୍ମାଗୁଡ଼ିକ ସୁଦ୍ଧା ଆମର ବଶୀଭୂତ ଅଟନ୍ତି ।"

279 ତେବେ ଯୀଶୁ କହିଲେ, "ତୁମେ ଏଥିରେ ଆନନ୍ଦିତ ହୁଅ ନାହିଁ ଯେ ମନ୍ଦାତ୍ମାଗୁଡ଼ିକ ତୁମର ବଶୀଭୂତ ଅଟନ୍ତି, ମାତ୍ର ଏଥିରେ ଆନନ୍ଦ କର ଯେ ତୁମର ନାମଗୁଡିକ ସ୍ୱର୍ଗର ପୁସ୍ତକରେ ଲେଖା ହୋଇଛି ।" କଅଣ ତାହା ଠିକ୍? ଏବଂ ଯିହୁଦା ଇସ୍କାରିୟୋତ୍ ସେମାନଙ୍କ ସହିତରେ ଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଥିଲେ, ଆହ୍ୱାନ-ପ୍ରାପ୍ତ ଥିଲେ, ପବିତ୍ରୀକୃତ ଥିଲେ, ଏବଂ ତାଙ୍କ ନାମ ମେଷଶାବକଙ୍କ ଜୀବନ ପୁସ୍ତକରେ ଲିଖିତ ଥିଲା । ମାଥିଉ 10 ପାଠ କରନ୍ତୁ ଓ ଦେଖନ୍ତୁ ଯେ ତାହା ଠିକ୍ କି ନୁହେଁ । ସେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ, ଯିହୁଦା ଏବଂ ପ୍ରତ୍ୟେକ ଜଣଙ୍କୁ, ଠିକ ସେହିଠାରେ ଆହ୍ୱାନ କରିଥିଲେ । ସେ ସେମାନଙ୍କୁ ପ୍ରେରଣ କରିଥିଲେ, ଅଶୁଚି ଆତ୍ମାଗୁଡିକ ଉପରେ ଶକ୍ତି ପ୍ରଦାନ କରିଥିଲେ ।

280 ତେବେ ଦେଖନ୍ତୁ! ନିଜର ଝଟକା-ଶୂନ୍ୟ ପୋଷାକ ପିନ୍ଧି ନିଅନ୍ତୁ । କିନ୍ତୁ ଯେତେବେଳେ ଯିହୁଦା ସେଠାରେ ସେହି ମଣ୍ଡଳୀ ଦେଇ ଆସିଲା, ମଣ୍ଡଳୀର କୋଷାଧ୍ୟକ୍ଷ ଭାବରେ, ସେହି ପାଳକ…ଯୀଶୁଙ୍କ ସହିତ କାର୍ଯ୍ୟ କରିଥିଲା, ମାତ୍ର ଯେତେବେଳେ ଏହା ପେଣ୍ଟିକଷ୍ଟରେ ସମୟ ଆସିଲା, ସେ ନିଜର ରଙ୍ଗ ଦେଖାଇଲା । ସେ ଦେଖାଇଲା ଯେ ସେ କଅଣ ଥିଲା । ଏବଂ ତାହା ସମ୍ବନ୍ଧରେ ଯଥେଷ୍ଟ ଭଦ୍ରତା ଥିବା ସହିତ—ସହିତ, ସେ ନିଜକୁ ବିନଷ୍ଟ କଲା ଏବଂ ଏକ ଗୁମର ଗଛରେ ଫାସୀ ଲଗାଇଲା, ଯେପରିକି ଭବିଷ୍ୟଦ୍‌ବାଣୀ ପୂରଣ ହୁଏ । ଏବଂ ଯିହୁଦାର ସେହି ଆତ୍ମା ଠିକ ଉପରକୁ ଉଠି ଆସିବ ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବ । ଯେପରିକି ଯୀଶୁ କହିଥିଲେ, "ଶୟତାନମାନେ ବିଶ୍ୱାସ କରନ୍ତି ଓ କମ୍ପିତ ହୁଅନ୍ତି ।" ସେ ଠିକ୍ ଉପରକୁ ଆସିବ ଏବଂ ପବିତ୍ରୀକରଣର ଶିକ୍ଷା ଦେବ, ଠିକ ଏପରି ଏକ ପବିତ୍ର ଜୀବନ ଯାପନ କରିବ ଯେତିକି

ଶୁଦ୍ଧ ତାହା ହୋଇପାରେ; କିନ୍ତୁ ଯେତେବେଳେ ତାହା ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଏବଂ ଆତ୍ମାଙ୍କର ଦାନ ବିଷୟରେ କଥା ଆସେ, ସେ ଏହାକୁ ଅସ୍ୱୀକାର କରି ଦେବ! ସେ ପ୍ରତ୍ୟେକ ଥର ତାର ରଙ୍ଗ ଦେଖାଇବ। ସେଠାରେ ସେହି ଆତ୍ମା ବିଚରଣ-…

281 ଏବଂ ଯୀଶୁ କହିଲେ, "ସାବଧାନ!" ମାଥିଉ 24, ପୁନର୍ବାର। "ସେହି ଦୁଇଟି ଆତ୍ମା ଏତେ ନିକଟବର୍ତ୍ତି ହେବ ଯେ ଏପରିକି ତାହା ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରି ଦେବ…" କଅଣ ତାହା ଠିକ୍ ଅଟେ? ଯେଉଁଠାରେ ସେହି ଢାଞ୍ଚା ରଖାଯାଇଛି…ଭାଇ, ଉତ୍ତମ ଯେ ପୁରୁଣା-କାଳିଆ, ଏଠାରେ ଥିବା ପବିତ୍ରଆତ୍ମା ପ୍ରଚାରକମାନଙ୍କୁ ବିଶ୍ୱାସ କରନ୍ତୁ ଏବଂ ପରମେଶ୍ୱରଙ୍କ ସହିତ ସଠିକ୍ ହୋଇଯାଆନ୍ତୁ। ତାହା ଠିକ୍ ଅଟେ। ଈଶ୍ୱରପରାୟଣତାର ଏକ ଭେଖ ଧରି ତାହାର ଶକ୍ତିକୁ ଅସ୍ୱୀକାର କରନ୍ତୁ ନାହିଁ। ଆମେନ୍! କଅଣ ସମସ୍ତେ ଭଲ ଅନୁଭବ କରୁଛନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।]

ଯେତେବେଳେ ଆମେ ସମସ୍ତେ ସ୍ୱର୍ଗକୁ ଯିବା,
ତାହା କେତେ ଏକ ଖୁସିର ଦିନ ହେବ!
ଯେତେବେଳେ ଆମେ ସମସ୍ତେ ଯୀଶୁଙ୍କୁ ଦେଖିବା,
ଆମେ ଗୀତ ଗାଇ ଜୟ ଧ୍ୱନୀ କରିବା।

ଯେତେବେଳେ ଆମେ ସମସ୍ତେ ସ୍ୱର୍ଗକୁ ଯିବା,
ତାହା କେତେ ଏକ ଖୁସିର ଦିନ ହେବ!
ଯେତେବେଳେ ଆମେ ସମସ୍ତେ ଯୀଶୁଙ୍କୁ ଦେଖିବା,
ଆମେ ଗୀତ ଗାଇ ଜୟ ଧ୍ୱନୀ କରିବା।

282 ହାଲ୍ଲେଲୁୟା! ଆସନ୍ତୁ ଗୋଟିଏ କ୍ଷଣ ପାଇଁ ଛିଡା ହେବା। କେତେ ଲୋକ ତାହାଙ୍କୁ ଆପଣା ସମସ୍ତ ହୃଦୟ ସହିତରେ ପ୍ରେମ କରନ୍ତି? ନିଜର ହାତ ଉଠାନ୍ତୁ, କୁହନ୍ତୁ, "ପ୍ରଭୁଙ୍କର ସ୍ତୁତି ହେଉ।" [ମଣ୍ଡଳୀ ଭାଇ ବ୍ରାନହାମ୍ଙ୍କ ପଛରେ ପଛରେ ପୁନରାବୃତ୍ତି କରନ୍ତି—ସମ୍ପା।] "ପ୍ରଭୁ, ମୁଁ ସମ୍ପୂର୍ଣ୍ଣ ସୁସମାଚାରକୁ ବିଶ୍ୱାସ କରେ। ତୁମର ସେବକ ହେବା ପାଇଁ ମୋତେ ସାହାଯ୍ୟ କର।" ହାଲ୍ଲେଲୁୟା! ହାଲ୍ଲେଲୁୟା! କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି? ["ଆମେନ୍।"] ବାଇବଲରେ ସେମାନେ…

283 ଜଣେ ମହିଳା ମୋତେ କହିଲେ…ଗୋଟିଏ ପିଲା, ବୋଧହୁଏ ସେ ଆଜି ରାତିରେ ଶୁଣୁଥିବେ, ସେ କେବଳ ରାସ୍ତାର ଆର ପାରିରେ ରୁହନ୍ତି। ସେ ସେଠାକୁ ଆସିଲେ। ଏବଂ ଭଉଣୀ ଲୁଲା ଯିଏକି ଏଠାରେ ମଣ୍ଡଳୀକୁ ଆସନ୍ତି, ସେ ସେଠାରେ ପଛ ଭାଗରେ ଚିତ୍କାର କରୁଥିଲେ। ଭାଇ ନେଭିଲ୍, ମୁଁ ପ୍ରଚାର କରୁଥିଲି। ଆଉ ସେହି ପିଲାଟି ମୋତେ କହିଲେ… ତେବେ, ସେ ଏଠାରେ ଫର୍ଷ୍ଟ ବାପ୍ଟିଷ୍ଟ ଗୀର୍ଜାରେ ରବିବାର ସ୍କୁଲ ଶିକ୍ଷକ ଥିଲେ। ସେ କହିଲେ, "ବିଲି, ମୁଁ ଆପଣଙ୍କ ଉପଦେଶକୁ ଉପଭୋଗ କରୁଥିଲି ଯେପର୍ଯ୍ୟନ୍ତ କି ସେହି ମହିଳା କାନ୍ଦିବାକୁ ଲାଗିଲେ ଏବଂ ଉଚ୍ଚ ପାଟି କରିବାକୁ ଲାଗିଲେ, 'ଧନ୍ୟବାଦ, ଯୀଶୁ! ପ୍ରଭୁଙ୍କର ସ୍ତୁତି ହେଉ!'

ଏବଂ ପ୍ରତ୍ୟେକ ଥର ବେଳ କୁ ବେଳ” କହିଲେ “କୌଣସି ଲୋକ କହିଲେ,” (ଭାଇ ସେୱାର୍ଡ) “ଉଚ୍ଚ ପାଟିରେ କହିଲେ, ‘ପ୍ରଭୁଙ୍କର ସ୍ତୁତି ହେଉ! ଆମେନ୍!’” ଏବଂ ମୁଁ ସେହି ବିଷୟ *ନିଜର ଜନ୍ମସିଦ୍ଧ ଅଧିକାରଗୁଡିକୁ ହରାଇବା* ଉପରେ ପ୍ରଚାର କରୁଥିଲି, ଏଷୌ ତାର ଜନ୍ମସିଦ୍ଧ ଅଧିକାର ବିକ୍ରୟ କରି ଦେଇଥିଲା । ଏବଂ ମୁଁ କରି ଚାଲୁଥିଲି, ଏବଂ ସେମାନେ କେବଳ ଉଚ୍ଚ ପାଟି କରୁଥିଲେ, ସେହିପରି କରୁଥିଲେ । ଏବଂ କହିଲେ, “ଓହୋ,” କହିଲେ, “ତାହା—ତାହା ତ କେବଳ ମୋ ପିଠି ଉପରେ ଥଣ୍ଡା ଚେଙ୍କ ଦେଇ ଦେଉଥିଲା ।” କହିଲେ, “ମୁଁ ଆଉ ତାହା ସହ୍ୟ କରିପାରିଲି ନାହିଁ!”

284 ମୁଁ କହିଲି, “ଭାଇ, ଯଦି ଆପଣ କେବେ ସ୍ୱର୍ଗକୁ ଯାଆନ୍ତି, ତେବେ ଆପଣ ମୃତ୍ୟୁ ପ୍ରାୟଃ ବରଫ ଭଳି ଜମି ଯିବେ ।” ମୁଁ କହିଲି, “ନିଶ୍ଚିତରେ, ସେଠାରେ ସ୍ୱର୍ଗରେ ଦିନରାତି ଉଚ୍ଚ ପାଟିରେ ଚିତ୍କାର କରୁଥିବା ହେଉଥାଏ ।” ଏବଂ ତାହା ଠିକ୍ ଅଟେ, ଭାଇ । ଓଁ, ହଁ, ମହାଶୟ!

> ଓଃ, ମୁଁ ତାହାଙ୍କୁ ଦେଖିବାକୁ ଚାହେଁ, ତାହାଙ୍କ ମୁଖମଣ୍ଡଳକୁ ଅନାଇବାକୁ ଚାହେଁ,
> ସଦାକାଳ ସେଠାରେ ତାହାଙ୍କର ରକ୍ଷାକାରୀ ଅନୁଗ୍ରହର ଗୀତ ଗାଇବା ପାଇଁ;
> ମହିମାର ମାର୍ଗରେ ମୋତେ ମୋର ସ୍ୱର ଉତ୍ତୋଳନ କରିବାକୁ ଦିଅନ୍ତୁ;
> ସମସ୍ତ ଚିନ୍ତା, ଶେଷରେ ଘରେ ଛାଡି ଦେଇଅଛି, ସର୍ବଦା ଆନନ୍ଦ କରିବା ପାଇଁ ।
>
> ଓଃ, ମୁଁ ତାହାଙ୍କୁ ଦେଖିବାକୁ ଚାହେଁ, ତାହାଙ୍କ ମୁଖମଣ୍ଡଳକୁ ଅନାଇବାକୁ ଚାହେଁ,
> ସଦାକାଳ ସେଠାରେ ତାହାଙ୍କର ରକ୍ଷାକାରୀ ଅନୁଗ୍ରହର ଗୀତ ଗାଇବା ପାଇଁ;
> ମହିମାର ମାର୍ଗରେ ମୋତେ ମୋର ସ୍ୱର ଉତ୍ତୋଳନ କରିବାକୁ ଦିଅନ୍ତୁ;
> ସମସ୍ତ ଚିନ୍ତା, ଶେଷରେ ଘରେ ଛାଡି ଦେଇଛି, ସର୍ବଦା ଆନନ୍ଦ କରିବା ପାଇଁ ।

285 ଆମେନ୍! ଠିକ୍ ଅଛି, ଭାଇ ନେୱିଲ୍ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ସେଠାରେ ଉପରକୁ ଉଠି ଆସନ୍ତୁ ଏବଂ ଏହା ଆପଣଙ୍କର ଅଟେ, ବୁଝିଲେ ।

## *ଆଦିପୁସ୍ତକ ଉପରେ ପ୍ରଶ୍ନୋତ୍ତର* ORI53-0729

(Questions and Answers on Genesis)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜୁଲାଇ ୨୯, ୧୯୫୩, ବୁଧବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org